

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୫ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WENESDAY 05 FEBRUARY 2025
Vol.No. 36 ■ No.34 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ବିରୋଧୀଙ୍କୁ ଟାର୍ଗେଟ୍ କଲେ ମୋଦି: କେନ୍ଦ୍ର ଯୋଜନା କଥା କହିଲେ

ନୂଆଦିଲ୍ଲୀ, ୪/୨ : ସରଗରମ ହେଲା ଲୋକସଭା । ବଜେଟ୍ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଅଭିଭାଷଣ ରଖିଥିଲେ । ଆଉ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ହେଲେ ମୋଦୀ ଆରମ୍ଭରୁ ବିରୋଧୀଙ୍କୁ ଟାର୍ଗେଟ୍ କରିଛନ୍ତି । କହିଛନ୍ତି, ଆମ ସରକାର ଦେଶର ବିକାଶ ଲାଗି ଲଗାତାର କାମ କରୁଛି। ଆମେ ଲଗାତାର ତୃତୀୟ ଥର ଲାଗି କେନ୍ଦ୍ର ସରକାରର ଦାୟିତ୍ୱରେ ଅଛୁ । ବିଜେପି ସରକାର ଯେଉଁପରି ଭାବରେ ବିକାଶର ଧ୍ୱଜା ଉଡ଼ାଇଛି ତାହା ପୂର୍ବରୁ କେବେ ହୋଇନଥିଲା। ଖାଲି ଏତିକି ନୁହେଁ ବରଂ ବିଗତ ୧୦ ବର୍ଷ ହେଲାଣି ଖବର କାଗଜରେ ଦୁର୍ନୀତି ହେଡ୍‌ଲାଇନ୍ ହେଉନାହିଁ ବୋଲି କହିବାକୁ ପଛାଉନାହାନ୍ତି । ରାତି ରାହିଲେ ଦିଲ୍ଲୀ ନିର୍ବାଚନ । ଆଉ ଆଜି ଲୋକସଭାରେ ରାଷ୍ଟ୍ରପତିଙ୍କ



ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେଉଛି । ତେଣୁ ଦେଶବାସୀଙ୍କ ନଜର ମୋଦିଙ୍କ ଅଭିଭାଷଣ ଉପରେ ରହିଛି । ମୋଦି ବିରୋଧୀଙ୍କୁ ଟାର୍ଗେଟ୍ କରି କହିଛନ୍ତି, କିଛି ଦଳ ଭୋଟ ପୂର୍ବରୁ ଯାହା କହିଛନ୍ତି କିଛି କରିନାହାନ୍ତି । ସେଇଥି ଲାଗି ଜନତା ତାଙ୍କ କଥାକୁ ବିଶ୍ୱାସ କରୁନାହାନ୍ତି । ଦୁର୍ନୀତି କଲେ ଏହାକୁ କେହି ବରଦାସ୍ତ କରିବେ ନାହିଁ ମୋଦି କହିବା ସହିତ ଯୁବବର୍ଗଙ୍କ ଜୀବନ ସହ କିଛି ଦଳ ଖେଳ ଖେଳୁଛନ୍ତି ବୋଲି କହିଛନ୍ତି । ବିଜେପି କେମିତି କାମ କରେ, ହରିୟାଣା ନିର୍ବାଚନରେ ପୁରା ଦେଶ ଦେଖିଲା । ଆମେ ଯାହା କହୁ ତାହା କାମରେ କରୁ । ଯୁବବର୍ଗଙ୍କୁ ଚାକିରି ଦେବା ଲାଗି ଆମେ ପ୍ରତିଶ୍ରୁତି ଦେଇଥିଲୁ ଏବଂ କାର୍ଯ୍ୟକାରୀ ବି କରିଛୁ । ସେଇଥି ଲାଗି ହରିୟାଣାରେ ଆମେ ତୃତୀୟଥର କ୍ଷମତାକୁ ଆସିଛୁ । ମହାରାଷ୍ଟ୍ରରେ ବି ସର୍ବାଧିକ ସିଟ୍ ଆମେ ପାଇଛୁ । ଏହା କେବଳ ଜନସାଧାରଣଙ୍କ ଲାଗି ସମ୍ଭବ ହୋଇପାରିଛି । ସେପଟେ କେଜ୍ରିୱାଲଙ୍କ ଉଦ୍ଦେଶ୍ୟରେ ମୋଦି କହିଛନ୍ତି, ଆମେ ସାଧାରଣ ଲୋକଙ୍କ ଟଙ୍କାରେ ଶିଶୁମହଲ କରିନୁ । ମୁଖ୍ୟମନ୍ତ୍ରୀଙ୍କ କାମ ଲୋକଙ୍କ ଲାଗି କାମ କରିବା । ହେଲେ ଜଣେ ମୁଖ୍ୟମନ୍ତ୍ରୀ ନିଜ ପାଇଁ କାମ କରିବା ପରିବର୍ତ୍ତେ ନିଜ ଲାଦି ଆଲିସାନ ଘର କଲେ । ଆମେ ଯେବେ ୨୦୧୪ରେ ସରକାର କଲୁ ସେବେ ବିରୋଧୀ ଦଳ ମାନ୍ୟତା କୌଣସି ଦଳ ପାଇନଥିଲେ । ଆମେ ମନଇଚ୍ଛା କାମ କରିନଥିଲୁ ବରଂ ଲୋକସଭାରେ ବିରୋଧୀ ଆସନରେ ବସିଥିବା ଦଳଙ୍କ ମଧ୍ୟରେ ଯାହାର ଅଧିକ ଆସନ ଥିଲା ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିମନ୍ତ୍ରଣ କଲୁ । ବିଜେପି ସମ୍ବିଧାନକୁ ବିଶ୍ୱାସ କରେ, ସମ୍ବିଧାନର ବିଚାରଧାରାରେ କାମ କରେ ।

▶▶ପୃଷ୍ଠା ୭

## ୧୮ରୁ ଯୁକ୍ତ ଦୁଇ ପରୀକ୍ଷା: ୪୫ ଦିନରେ ରେଜଲ୍ଟ

ଭୁବନେଶ୍ୱର, ୪/୨ (ନି.ପ୍ର): ଆଉ ମାତ୍ର ୨ ସପ୍ତାହ ପରେ ଯୁକ୍ତ ୨ ପରୀକ୍ଷା ହେବାକୁ ଥିବା ବେଳେ, ଏହାକୁ ସୁଚାରୁ ଓ ଶୃଙ୍ଖଳିତ କରିବା ପାଇଁ ହୋଇଛି ବ୍ୟାପକ ବ୍ୟବସ୍ଥା। ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରସ୍ତୁତି ବୈଠକ କରିଥିବା ବେଳେ ୪୫ ଦିନରେ ରେଜଲଟ୍ ପ୍ରକାଶ ଓ ପେପର ଲିକ୍ ରୋକିବାକୁ ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହ ସମସ୍ତ ପରୀକ୍ଷା ହବ ୨୪ ଘଣ୍ଟିଆ ସିସିଟିଭି ନଜରରେ ରହିବ ଓ କପି ରୋକିବାକୁ ଏଥର ପଞ୍ଚସ୍ତରୀୟ ସ୍କ୍ୱାର୍ଡ ବ୍ୟବସ୍ଥା ହେବ ବୋଲି ଉଐଝର ପରୀକ୍ଷା ନିୟନ୍ତ୍ରକ କହିଛନ୍ତି। ଫେବ୍ରୁଆରୀ ୧୮



ତାରିଖରୁ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ଜୀବନର ଅତି ଗୁରୁତ୍ୱପୂର୍ଣ୍ଣ ସୋପାନ ଅତିକ୍ରମ କରିବାକୁ ଉତ୍ତର ଖାତାରେ ନିଜ ମେଧାର ପରିଚୟ ଦେବେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ଛାତ୍ରଛାତ୍ରୀ। ଏଥିପାଇଁ ଆଜି ଭିଡିଓ କନଫରେନ୍ସିଂ ଯୋଗେ ପ୍ରସ୍ତୁତି ବୈଠକ କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ସବୁ ସତର୍କତା ଓ ପ୍ରତିକାର ବ୍ୟବସ୍ଥା ସତ୍ତ୍ୱେ ଅଧିକାଂଶ ▶▶ପୃଷ୍ଠା ୭

## ଘର ସଜାଡିବାକୁ ବ୍ରହ୍ମପୁର ସର୍କିଟ୍ ହାଉସରେ ସଂଜୟ ଦାସବର୍ମା

ଭୁବନେଶ୍ୱର, ୪/୨(ନି.ପ୍ର) : ଗଞ୍ଜାମରେ ସ୍ଥିତିକୁ ନେଇ ରାଜ୍ୟ ବିଜେଡିକୁ ଘାରିଛି ଚିନ୍ତା। ଘର ସଜାଡିବାକୁ ବ୍ରହ୍ମପୁର ସର୍କିଟ୍ ହାଉସରେ ଡେରା ପକାଇଛନ୍ତି ବିଜେଡିର ବରିଷ୍ଠ ନେତା ସଂଜୟ ଦାସବର୍ମା। ଆଜି ସକାଳରେ ସେ ଦୁଇ କର୍ପୋରେଟର ଗୋଷ୍ଠୀଙ୍କୁ ଡାକି ପୃଥକ ପୃଥକ ଆଲୋଚନା କରିଛନ୍ତି। ପରେ ଅସନ୍ତୁଷ୍ଟ ନେତାଙ୍କୁ ଡାକି ଆଲୋଚନା କରିଛନ୍ତି। ଏହାସହ ବିକ୍ରମ ପଣ୍ଡା, ରମେଶ ଚ୍ୟାଉପଟ୍ଟନାୟକ ଓ ଚନ୍ଦ୍ରଶେଖର ସାହୁଙ୍କ ଭଳି ନେତାଙ୍କୁ ଡାକି ବିଚାରବିମର୍ଶ କରିଛନ୍ତି। ଗତ ସାଧାରଣ ନିର୍ବାଚନରେ କେବଳ ହିଞ୍ଜିଳି ଛାଡ଼ି ଅନ୍ୟ ସବୁଠି ବିଜେଡିର



ଶୋଚନୀୟ ପରାଜୟ ହୋଇଥିଲା। ଯେଉଁଥିପାଇଁ ବିଜେଡି ଭିତରେ ମତଭେଦ୍ ସୃଷ୍ଟି ହୋଇଥିଲା। ଦଳର ବରିଷ୍ଠଙ୍କଠାରୁ ଆରମ୍ଭ କର୍ମୀମାନେ ପରସ୍ପର ବିରୋଧରେ ବିଷ ଓଗାଳୁ ଥିଲେ। ଏପରିକି ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀମାନେ ମୁହାଁମୁହିଁ ହୋଇଥିଲେ। କେହି କାହାକୁ ଛାଡ଼ିବା ସ୍ଥିତିରେ ନଥିଲେ। ସ୍ଥିତି ଏମିତି ହୋଇଥିଲା ଯେ ପୃଥକ୍ ପୃଥକ୍ ଗୋଷ୍ଠୀ ନବୀନ ନିବାସ ଆସି ନବୀନ ▶▶ପୃଷ୍ଠା ୭

## ମଣିପୁରରେ ଅସ୍ତ୍ରଶସ୍ତ୍ର ସହିତ ତିନି ଗିରଫ

ଇମ୍ଫାଲ , ୪/୨: ମଣିପୁର ପୋଲିସ ଭିନ୍ନ ଭିନ୍ନ ଅପରେସନରେ ତିନିଜଣ ଲୋକଙ୍କୁ ଗିରଫ କରିଛି,ସେମାନଙ୍କ ମଧ୍ୟରୁ ଦୁଇ ସନ୍ତ୍ରାସବାଦୀ ସଂଗଠନ ୟୁପୀପୀକେ ଏବଂ କେୱାଇକେଏଲର ସକ୍ରିୟ କ୍ୟାଡର ଅନ୍ତର୍ଭୁକ୍ତ। ପୋଲିସ ମଙ୍ଗଳବାର କହିଛି ଯେ କକଚିଙ୍ଗ ଜିଲ୍ଲାର ଇରେଙ୍ଗବନ୍ଦ ହୱାଡରେ ଅଞ୍ଚଳ କକଚିଙ୍ଗ ଥାନା ଅଞ୍ଚଳରେ ପୋଲିସ ୟୁପୀପୀକେର ସକିୟ କ୍ୟାଡର ଫୋରୋଜମ ଥୋଇବାସିଂହ ଓରଫ ଚାଳମ୍ବା(୩)କୁ ଗିରଫ କରିଛି। ଅଭିଯୁକ୍ତ କକଚିଙ୍ଗ ଥୌବଲ ଏବଂ ଇମ୍ଫାଲ ପଶ୍ଚିମ ଜିଲ୍ଲାରେ ଲୋକମାନଙ୍କଠାରୁ ଚୋରି ଅଭିଯୋଗରେ ସମ୍ପୃକ୍ତ ଥିଲା।ତାଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ଗୋଟିଏ ଚାରି ଚକିଆ ଯାନ, ଗୋଟିଏ ୱାଲେଟ, ଆଧାରକାର୍ଡ, ପ୍ୟାନକାର୍ଡ ଏବଂ ଭୋଟର ପରିଚୟ ପତ୍ର ଉଦ୍ଧାର କରାଯାଇଛି। ଦ୍ୱିତୀୟ ଅପରେସନରେ କାକିଙ୍ଗ ଜିଲ୍ଲାର ୱାବଗଇ ବଜାର ଅଞ୍ଚଳରେ ହିୟାଙ୍ଗଲମ ଥାନା ଅଞ୍ଚଳରେ ସୁରକ୍ଷାବାହିନୀ କେୱାଇକେଏଲର ସକ୍ରିୟ କ୍ୟାଡର ମାୟେଙ୍ଗବମ ଜାୟଚନ୍ଦ୍ର ସିଂହ ଓରଫ ବୋଇନାଓ(୨୪)କୁ ଗିରଫ କରିଯାଇଛି।ଏହି ଅଭିଯୁକ୍ତ ଚୋରି ଘଟଣାରେ ମଧ୍ୟ ସାମିଲ ଥିଲେ।ତାଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଏବଂ ଗୋଟିଏ ଚାରିଚକିଆ ଯାନ ଉଦ୍ଧାର କରାଯାଇଛି।

## ଯୁଦ୍ଧ ଓ ମାନ୍ଦାବସ୍ଥା ସତ୍ତ୍ୱେ ଭାରତର ଅଭିବୃଦ୍ଧି ବଢୁଛି: ୫ ଟ୍ରିଲିଅନ ଅର୍ଥନୀତିକୁ ଛୁଇଁବ

ନୂଆଦିଲ୍ଲୀ, ୪/୨ : ୨୦୨୬ରେ ଜାପାନକୁ ଭାରତ ଅତିକ୍ରମ କରିଯିବ ବୋଲି ରେଟିଂ ଏଜେନ୍ସି ଆକଳନ କରିଛନ୍ତି । ବର୍ତ୍ତମାନ ଆମେରିକା ସବୁଠୁ ବଡ଼ ଆର୍ଥିକ ମହାଶକ୍ତି ହୋଇଥିବାବେଳେ ତା'ପଛକୁ ରହିଛନ୍ତି ଚୀନ୍, ଜର୍ମାନୀ ଓ ଜାପାନ। ଭାରତର ଜିଡିପି ଅଭିବୃଦ୍ଧି ୨୦୨୫ରେ ୬.୬ ପ୍ରତିଶତ ରହିବ। ମୁଖ୍ୟତଃ ଅଧିକ ଘରୋଇ ଖର୍ଚ୍ଚ ଓ ନିବେଶ ପାଇଁ ଅର୍ଥନୀତିର ଅଭିବୃଦ୍ଧି ଏଭଳି ସ୍ତରରେ ରହିବ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଦେଶରେ ଏଭଳି ସ୍ଥିତି ନେଇ ଭାରତୀୟ ମାନବ ସମ୍ବଳ ଏବଂ ଦକ୍ଷତା ବିକାଶ ଦିଗରେ କାମ କରୁଥିବା ପ୍ରମୁଖ ସଂସ୍ଥା ଓ ବ୍ୟକ୍ତି ବିଶେଷ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ▶▶ପୃଷ୍ଠା ୭



## ଆତଙ୍କ ଖେଳାଉଛି 'ମୋ ବସ୍': ଚାପି ହୋଇଗଲା କୁନିଝିଅ



ଭୁବନେଶ୍ୱର, ୪/୨(ନି.ପ୍ର) : ସ୍ପିଡ ଉପରେ ନିୟନ୍ତ୍ରଣ ନାହିଁ । ବେପରୁଆ ଗାଡି ଚଳାଉଛନ୍ତି ମୋ ବସ ଡ୍ରାଇଭର । ରାଜଧାନୀରେ ଏହି ବସ ଏବେ ଆତଙ୍କ ରଚିଲାଣି । ସକାଳୁ ସକାଳୁ ଭୁବନେଶ୍ୱରରେ ମୁଣ୍ଡ ନେଇଛି ମୋ ବସ । ବସ ଚକାତଳେ ଚାପି ହୋଇ ଯାଇଛି ଜଣେ ୧୨ ବର୍ଷୀୟ ନାବାଳିକା ମିନତୀ ଜୁଆଡିଙ୍କ ଜୀବନ । ନନ୍ଦନକାନନ ଥାନା ରଘୁନାଥପୁରରେ ନାବାଳିକା ସାଇକେଲରେ ଫୁଲନେଇ ଯାଉଥିବାବେଳେ ମୋ ବସ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ହିଁ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା । ଆଶ୍ଚର୍ଯ୍ୟର କଥା ହେଲା, ଦୁର୍ଘଟଣା ପରେ ମୋ ବସ ଡ୍ରାଇଭର ଦୁର୍ଘଟଣାସ୍ଥଳରୁ ଚମ୍ପଟ ମାରି ଥାନାରେ ପଂହଚିଥିଲା । ମୋ ବସ ଦୁର୍ଘଟଣା ପରେ ତାତିଥିଲେ ସ୍ଥାନୀୟ ଲୋକେ । ରାସ୍ତାରେ ବାଉଁଶ ପକାଇ ନନ୍ଦନକାନନ-ପଟିଆ ରାସ୍ତା ଅବରୋଧ କରିଥିଲେ । ଟାୟାର ଜାଳିଥିଲେ । ମୋ ବସକୁ ବି ଅଟକାଇଥିଲେ ।

▶▶ପୃଷ୍ଠା ୭

## ହଠାତ୍ ରାଗିଗଲେ ମନ୍ତ୍ରୀ: କହିଲେ ଡାକ ଆଜି ସସପେଣ୍ଡ କରିବି



ମୟୂରଭଞ୍ଜ, ୪/୨ (ନି.ପ୍ର): ଲୋକଙ୍କ କଥା ଶୁଣୁଥିଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଅଭିଯୋଗ ପ୍ରକୋଷ୍ଠରେ ଲୋକମାନେ ଜଣକ ପରେ ଜଣେ ଆସୁଥିଲେ ଓ ସେମାନଙ୍କ ଦୁଃଖ କହୁଥିଲେ । ମନ୍ତ୍ରୀ ଶୁଣୁଥିଲେ ଓ ପୁଣି ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଥିଲେ । କିନ୍ତୁ ହଠାତ୍ ରାଗିଗଲେ ମନ୍ତ୍ରୀ । ଚଢ଼ା ଗଳାରେ କହିଲେ, ଡାକ ତାଙ୍କୁ ଆଜି ସସପେଣ୍ଡ କରିବି । ସବୁବେଳେ ଧୀରସ୍ଥିର ଭାବେ କଥାବାର୍ତ୍ତା କରୁଥିବା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଆଦି ଗରମ୍ ମିଜାଜରେ ଦେଖିବାକୁ ମିଳିଛି । ଘଟଣାର ପୃଷ୍ଠଭୂମି ଥିଲା ଏହିପରି । ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ୍ ପରିସରରେ ଜନ ଅଭିଯୋଗ ଶୁଣାଣୀ ଚାଲିଥିଲା । ଜଣେ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାଇଥିବା ଘର ଅସମ୍ପୂର୍ଣ୍ଣ ଥିବା ମନ୍ତ୍ରୀଙ୍କୁ କହିଥିଲେ । କେବଳ ସେତିକି ନୁହେଁ, ବାରମ୍ବାର ଅଭିଯୋଗ ପରେ ମଧ୍ୟ ଯନ୍ତ୍ରୀ ଏବଂ ସରପଞ୍ଚ ଜାଣିଶୁଣି ତାଙ୍କୁ ହଇରାଣ ହରକତ କରୁଥିବା ସେ କହିଥିଲେ । ଏପରିକି ସେ ପୂର୍ବରୁ ଥରେ ମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିଥିବାର କହିଥିଲେ ।

▶▶ପୃଷ୍ଠା ୭

## ନୂଆ ଭାଇରସ ଗୁଲେନବାରି ସିଣ୍ଡ୍ରମକୁ ନେଇ ଦେଶରେ ବଢ଼ିଲା ଚିନ୍ତା

ଭୁବନେଶ୍ୱର, ୪/୨ (ନି.ପ୍ର): ଆଉ ଏକ ନୂଆ ଭାଇରସକୁ ନେଇ ଦେଶରେ ବଢ଼ିଲା ଚିନ୍ତା । ବିଭିନ୍ନ ରାଜ୍ୟରେ ବ୍ୟାପୁଛି ମାରାତ୍ମକ ଭୂତାଣୁ ଦ୍ୱାରା ଗୁଲେନବାରି ସିଣ୍ଡ୍ରମ। ଏହା ଏକ ଜଳବାହିତ ରୋଗ । ଏଥିରେ ରୋଗୀ ଦୁର୍ବଳ ହେବା ସହ ପାରାଲିସିସ ହୋଇଯିବା ଲକ୍ଷଣ ଦେଖାଦେଉଛି । ମହାରାଷ୍ଟ୍ର, ଗୁଜୁରାଟ ପରେ ଏବେ ପଶ୍ଚିମବଙ୍ଗରେ ବି ଏହି ମାମଲା ନଜର ଆସିଲାଣି । ଓଡିଶାରେ ଗୋଟିଏ ବି ରୋଗୀ ଚିହ୍ନଟ ହୋଇନଥିବା ବେଳେ ସତର୍କ ଥିବା କହିଛି ଜନସ୍ୱାସ୍ଥ୍ୟ ବିଭାଗ । ତେବେ କେନ୍ଦ୍ରରୁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦିଷ୍ଟ ଗାଇଡଲାଇନ ଆସିନଥିବା ବେଳେ କେନ୍ଦ୍ରରୁ ନିର୍ଦ୍ଦେଶ ଆସିଲେ ସେ ଅନୁସାରେ ପଦକ୍ଷେପ ନିଆଯିବ ବୋଲି କହିଛି ଜନସ୍ୱାସ୍ଥ୍ୟ ବିଭାଗ ।

## ଆକ୍ସନମୋଡରେ ଆମେରିକା ରାଷ୍ଟ୍ରପତି

ନୂଆଦିଲ୍ଲୀ, ୪/୨ : ଶପଥ ଦିନ ଯେଉଁସବୁ ଘୋଷଣା କରିଥିଲେ ତାକୁ ତୁରନ୍ତ ଲାଗୁ କରିବା ଦିଗରେ ଆମେରିକାର ନୂଆ ରାଷ୍ଟ୍ରପତି । ପ୍ରଥମ ପର୍ଯ୍ୟାୟରେ ୨୦୫ ଭାରତୀୟଙ୍କୁ ଦେଶରୁ ବାହାର କରିଥିବାବେଳେ ତାଲିକାରେ ପାଖପାଖି ୧୮ହଜାର ରହିଛନ୍ତି । ପେଣ୍ଟାଗନ କହିଛି ବୈଧ କାଗଜପତ୍ର ବିନା ଆମେରିକାରେ ପ୍ରବେଶ କରୁଥିବା ଭାରତୀୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ । ଆମେରିକାର ଏକ ସାମରିକ ବିମାନ ମାଧ୍ୟମରେ ୨୦୫



ଜଣ ଅବୈଧ ପ୍ରବାସୀଙ୍କୁ ଭାରତ ପଠାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅବୈଧ ପ୍ରବାସୀମାନଙ୍କୁ ଦେଶରୁ ବାହାର କରିବା ପାଇଁ ସେନାର ସାହାଯ୍ୟ ନେଇଛନ୍ତି। ଆମେରିକାରେ ୧୮୦୦୦ରୁ ଅଧିକ ଭାରତୀୟ ବେଆଇନ ଭାବରେ ରହୁଛନ୍ତି। ଭାରତୀୟଙ୍କ ଭିସା ମିଆଦ ଶେଷ ହୋଇଯାଇଛି କିମ୍ବା ସେମାନେ ଅବୈଧ ଭାବରେ ଆମେରିକାରେ ପ୍ରବେଶ କରିଛନ୍ତି। ଟେକ୍ସାସର ଏଲ ପାସୋ ଏବଂ କାଲିଫର୍ଣ୍ଣିଆର ସାନ ଡିଏଗୋରୁ ୫,୦୦୦ ରୁ ଅଧିକଙ୍କୁ ବିତାଡିତ କରାଯାଉଛି। ପ୍ରବାସୀମାନଙ୍କୁ ସାମରିକ ବିମାନ ମାଧ୍ୟମରେ ଗୁଆଟେମାଲା, ପେରୁ ଏବଂ ହଣ୍ଡୁରାସ ପଠାଯାଇଛି। ମୋଟ ଏକ କୋଟି ୪ଲକ୍ଷ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ଶପଥ ନେବା ପରେ ଟ୍ରମ୍ପ କହିଥିଲେ ଇତିହାସରେ ପ୍ରଥମ ଥର ପାଇଁ, ▶▶ପୃଷ୍ଠା ୭

## ଭୋଟ ପାଇଁ ପ୍ରସ୍ତୁତ ଦିଲ୍ଲୀ: ପହଂଚିଲେଣି ପୁଲିଂ ଅଧିକାରୀ

ନୂଆଦିଲ୍ଲୀ, ୪/୨ : ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ସରିଛି। କାଲି ପଡିବ ଭୋଟ। ଆସନ୍ତା ଫେବ୍ରୁଆରି ୮ତାରିଖରେ ଫଳାଫଳ ପ୍ରକାଶ ପାଇବ। ଦିଲ୍ଲୀର ୧.୫୬ କୋଟି ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଦିଲ୍ଲୀରେ ମତଦାନ ପାଇଁ ୧୩ହଜାର ୭୬୬ ପୋଲିଂ ବୁଥ୍ ପ୍ରସ୍ତୁତ କରାଯାଇଛି। ସେପଟେ ଆପର ଅଭିଯୋଗ ଉପରେ ଜବାବ ରଖି ନିର୍ବାଚନ କମିଶନ କହିଛନ୍ତି ଇସିଆଇକୁ



ବଦନାମ କରିବାକୁ ଷଡଯନ୍ତ୍ର କରାଯାଇଛି। ସେପଟେ ରାତି ପାହିଲେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ପଡ଼ିବ ଭୋଟ୍। ସ୍ୱଚ୍ଛ ଓ ଅବାଧ ନିର୍ବାଚନ ଅନୁଷ୍ଠିତ ନେଇ ଭାରତୀୟ ନିର୍ବାଚନ କମିଶନ ପକ୍ଷରୁ ହୋଇଛି ସ୍ୱତନ୍ତ୍ର ପ୍ରସ୍ତୁତି। କିପରି ବହୁ ସଂଖ୍ୟାରେ ଭୋଟର ଗଣତନ୍ତ୍ରର ମହାପର୍ବରେ ସାମିଲ ହେବେ। ଉତ୍ସାହର ସହ ମତାଧିକାର ସାବ୍ୟସ୍ତ କରିବେ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି ନିର୍ବାଚନ କମିଶନ। ଏଥିପାଇଁ ଦିଲ୍ଲୀର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି। ତେବେ ଏହି ସମୟରେ ଦିଲ୍ଲୀ ମେଟ୍ରୋ ଓ ବସ ସେବା ଭଳି ଅତ୍ୟାବଶକରୟ ସେବାଗୁଡ଼ିକ ଜାରି ରହିବ। ଅନ୍ୟପଟେ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆପ-ନିର୍ବାଚନ କମିଶନ ବିବାଦ ପୁଣି ନୂଆ ମୋଡ ନେଇଛି। ▶▶ପୃଷ୍ଠା ୭

# ଟଂଟିକଟା ଅବସ୍ଥାରେ ମହିଳାଙ୍କ ମୃତଦେହ ଉଦ୍ଧାର

କୋରାଇ, ୪/୨ (ନି.ପ୍ର): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ପଂଚାୟତର ବରେଇ ଗ୍ରାମର ରାଉତ ସାହିରୁ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ଭାବେ ଟଂଟିକଟା ଅବସ୍ଥାରେ ନିଜ ଶୋଇବା ଘରୁ ମୃତ ଦେହ ଉଦ୍ଧାର ହୋଇଛି । ତେବେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖିଲେ ମହିଳାଙ୍କୁ ଟଂଟିକାଟି ହତ୍ୟା କରାଯାଇଥିବାର ସନ୍ଦେହ କରାଯାଉଥିବାବେଳେ ମହିଳାଙ୍କ ବାପଘର ଲୋକମାନେ ମଧ୍ୟ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ ଆଣିଛନ୍ତି କିନ୍ତୁ ମହିଳାଙ୍କ ଶାଶୁ ଘରଲୋକମାନେ ଏହାକୁ ଆତ୍ମହତ୍ୟା ବୋଲି ସଫେଇ ଦେଉଛନ୍ତି। ଏ ନେଇ ମୃତକଙ୍କ ଭାଇ ମଦନ ପାଣିକୋଇଲି ଥାନାରେ ଲିଖିତ ଭାବେ ଅଭିଯୋଗ କରିବା ପରେ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି ଶଙ୍ଖଚିଲା ଫାଣ୍ଡି ଅଧିକାରୀ ସୁଜିତ କୁମାର ମଲ୍ଲିକ ସାଇଂଟିଫିକ ଟିମ୍ ମାଧ୍ୟମରେ ତଦନ୍ତ କରାଇବା ସହିତ ମୃତଦେହକୁ ଉଦ୍ଧାର କରି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ପ୍ରକାଶ ଯେ ଏହି ଥାନା ଅନ୍ତର୍ଗତ ବଡ଼ବିରୁହାଁ ପଂଚାୟତର ଆମ୍ବତଳା ଗ୍ରାମର ମଦନ ରାଉତଙ୍କ ଝିଅ ମମତା(୨୭) ବରେଇ ଗ୍ରାମର କୁଶ ରାଉତଙ୍କ ପୁଅ ସଦାନନ୍ଦ ଓରଫ ନନ୍ଦିଆ ସହିତ ବୈଦିକ ରୀତିରେ ୨୦୧୬ ମସିହାରେ ବିବାହ ହୋଇଥିଲା। ତେବେ ମଦନଙ୍କ ଅଭିଯୋଗନୁସାରେ ବିବାହ ପର ଠାରୁ ମମତାର ଶ୍ୱଶୁର କୁଶ ଶଶୁ ଭାମା ଦିଅର ବାବୁଲା ଓ ନଣନ୍ଦ ଲକ୍ଷ୍ମିପ୍ରୀୟା ଦୁଇଲକ୍ଷ ଟଙ୍କା ଆଣିବା ପାଇଁ ମମତା ଉପରେ ଚାପ ପକାଇବା ସହିତ ମାନସିକ ଓ ଶାରିରୀକ ନିର୍ଯାତନା ଦେଉଥିଲେ। ଏ ନେଇ ବହୁଥର ଉଭୟ ଗ୍ରାମର ଭଦ୍ରବ୍ୟକ୍ତିମାନଙ୍କ ମାଧ୍ୟମରେ ସମାଧାନ ମଧ୍ୟ ହୋଇଛି। ସମାଧାନ ପରେ ମଧ୍ୟ ଅତ୍ୟାଚାର ନକମିବାରୁ ବାଧ୍ୟହୋଇ ମମତା ଟଙ୍କା ନେବା ଲାଗି ଗତ ଜାନୁଆରୀ ୨୬ ତାରିଖ ଦିନ ବାପଘର ଗ୍ରାମକୁ ଚାଲି ଆସିଥିଲା। ପରେ ମମତାର ସ୍ୱାମୀ ଚଳିତ ମାସ ୨ ତାରିଖ ଦିନ ମମତାଙ୍କୁ ତାଙ୍କ ବାପଘର ଗ୍ରାମରୁ ନେଇ ଆସିଥିଲା। ତେବେ ସୋମବାର ଦିନ ସକାଳୁ ମମତାଙ୍କ ବାପଘରକୁ ମମତା ଆତ୍ମହତ୍ୟା କରିଛି ବୋଲି ଶାଶୁଘର ଲୋକମାନେ ଫୋନ ଯୋଗେ ଜଣାଇବା ପରେ ମଦନ ଭଉଣୀର ଶାଶୁ ଘରକୁ ଯାଇ ସେ ତଳେ ଟଂଟି କଟାଯାଇଥିବା ଅବସ୍ଥାରେ ମରିପଡ଼ିଥିବାର ଦେଖି ଥାନାରେ ଟଙ୍କା ଲାଗି ତାଙ୍କ ଭଉଣୀକୁ ସାମୁହିକ ଭାବେ ହତ୍ୟା କରାଯାଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏ ନେଇ ତଦନ୍ତ ଚାଲୁ କରିବା ସହିତ ମମତାଙ୍କ ସ୍ୱାମୀ ସଦାନନ୍ଦଙ୍କୁ ଥାନାରେ ଅଟକ ରଖିଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୋ ଜଗନ୍ନାଥ ସାଗର ଟ୍ରଷ୍ଟ କର୍ମକର୍ତ୍ତା

ଜୟପୁର, ୪/୨ (ନି.ପ୍ର): ଜଗନ୍ନାଥ ସାଗରକୁ ସୁରକ୍ଷା ପ୍ରଦାନ ସହ ଜୟପୁର ପରିବେଶ ବଂଚାଇବା ନିମନ୍ତେ ଆଜି ମୋ ଜଗନ୍ନାଥ ସାଗର ଟ୍ରଷ୍ଟ କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀ ମହୋନ ମାଝୀଙ୍କୁ ମିଶି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଜଣାଇଛନ୍ତି। ଜୟପୁରର ଆତ୍ମା ଜଗନ୍ନାଥ ସାଗରକୁ ବିଭିନ୍ନ ସରକାରୀ ଓ ବେସରକାରୀ ଜବରଦଖଲ ଯୋଗୁଁ ଆଜି ଜୟପୁର ଆତ୍ମା ଶୂନ୍ୟ ହୋଇଯାଇଛି। ବିରାଟ ଏ ?ତିହାସିକ ଜଗନ୍ନାଥ ସାଗରକୁ ଏକ ଅପରିଷ୍କାର ଗାଡିଆରେ ପରିଣତ କରାଯାଇଛି। ସାଗର ମଧ୍ୟରେ ପଶୁଥିବା ମଇଳା ପାଣି ନାଳକୁ ବନ୍ଦ ନ କରି ଜଗନ୍ନାଥ ସାଗରକୁ ସଫା କରିବା ନାମରେ ପାଣି ଶୁଖାଇ ସହରର ମଇଳା ପାଣି ଭର୍ତି କରାଯାଉଛି।

ଜଗନ୍ନାଥ ସାଗର, ଜୟପୁର ଜନସାଧାରଣଙ୍କର ହୋଇଥିବା ବେଳେ ବିଭିନ୍ନ ବିଭାଗ ନିଜ ଅଧିନକୁ ନେବା ପାଇଁ ପ୍ରତିଯୋଗିତା କରୁଛନ୍ତି। ବହୁବାର ଜୟପୁର ଜନସାଧାରଣ ଦାବି ଉପସ୍ଥାପନ କରି ଆସୁଛନ୍ତି ପଂଚାନନ ମନ୍ଦିର ଠାରୁ ଖ୍ରୀଷ୍ଟିଆନ ପେଟା ଯାଏଁ ବିସ୍ତୃତ ୨୯୯ ଏକର ସମ୍ପୂର୍ଣ୍ଣ ଜଗନ୍ନାଥ ସାଗରର ପୁନଃ ଉଦ୍ଧାର ନିମନ୍ତେ କିନ୍ତୁ ଜଗନ୍ନାଥ ସାଗରକୁ ବିଭିନ୍ନ ସରକ ରୀ ବିଭାଗ ଓ ବେସରକାରୀ ଜବରଦଖଲ ଦିନକୁ ଦିନ ବଢ଼ି ଚାଲିଛି ତଥାପି ପ୍ରଶାସନିକ ସ୍ତରରେ ଏଥିପ୍ରତି ତିଳେ ମାତ୍ର ବି ଚାନ୍ତା କରୁ ନାହାନ୍ତି। ଜଗନ୍ନାଥ ସାଗରର ଆଜି ପର୍ଯ୍ୟନ୍ତ ସିମା ନିର୍ଦ୍ଧାରଣ ବି କରୁନାହାନ୍ତି ଓ ଜୟପୁର ଜନସାଧାରଣଙ୍କୁ ଭୁଲ ଓ ବିଭ୍ରାନ୍ତିକର ତଥ୍ୟ ମାନ ଦେଉଛନ୍ତି। ତେବେ ଏଭଳି ପରିସ୍ଥିତିରେ କିଭଳି ସମ୍ପୂର୍ଣ୍ଣ ଜଗନ୍ନାଥ ସାଗର ପୁନଃଉଦ୍ଧାର କାର୍ଯ୍ୟ ହୋଇ ପାରିବ ତାହା ସମସ୍ତ ଜୟପୁରବାସୀଙ୍କ ପାଇଁ ଚିନ୍ତାର ବିଷୟ। ପ୍ରଶାସନିକ ଅଧିକାରୀ ମାନେ ଜଗନ୍ନାଥ ସାଗରକୁ ପୁନଃ ଉଦ୍ଧାର କରିବା ବଦଳରେ ସର୍ବନାଶ କରି ଚାଲିଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗ, ପୌର ପରିଷଦ, ଓଟିଡିସି ଏଭଳି ଅନେକ ବିଭାଗ ଆଜି ଜଗନ୍ନାଥ ସାଗରକୁ ସର୍ବନାଶ କରି ଚାଲିଛନ୍ତି। ଏହି ବିଭାଗମାନଙ୍କ ପାଇଁ ଆଜି ୨୪୦ ବର୍ଷର ଜଗନ୍ନାଥ ସାଗର ଲୋକ ପାଇବାକୁ ବସିଛି। ଏମାନେ ସମସ୍ତ ପ୍ରକାର ଜବରଦଖଲ କରେଇବାରେ ସୁଯୋଗ ଦେଇ ଅଛନ୍ତି ଓ ଏମାନଙ୍କ ପାଇଁ ଆଜି ଜଗନ୍ନାଥ ସାଗର ପୁନଃ ଉଦ୍ଧାର କାର୍ଯ୍ୟ ହୋଇ ପାରୁନାହିଁ। ଖୁବ ଶିଘ୍ର ଜଗନ୍ନାଥ ସାଗର କାର୍ଯ୍ୟ ଅରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଆଗାମୀ ବର୍ଷା ଦିନ ପୂର୍ବରୁ କାମ ସାରିବାର ବ୍ୟବସ୍ଥା କରାଯାଉ, ଜଗନ୍ନାଥ ସାଗରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିୟୋଜିତ କରାଯାଉ, ଜଗନ୍ନାଥ ସାଗର ର ଠିକ ପରିସୀମା ଜଲଦି ଚିହ୍ନଟ କରାଯାଇ ଜୟପୁରବାସୀଙ୍କୁ ଅବଗତ କରାଯାଉ, ସାଗର ମଧ୍ୟକୁ ପଶୁଥିବା ମଇଳାପାଣି ସମ୍ପୂର୍ଣ୍ଣ ବନ୍ଦ କରାଯାଉ, ଏ ସାଗର କୁ ନେସନାଲ ଲେକ କଞ୍ଜରଭେସନ ପ୍ଲାନ ରେ ସାମିଲ କରିବା ପାଇଁ ସୁପାରିଶ କରାଯାଉ, ପ୍ରଶାସନିକ ଅଧିକାରୀ ଓ ଲୋକାଲ ଲୋକଙ୍କୁ ନେଇ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଅଭିଯୋଗ ପ୍ରକୋଷ୍ଠରେ ମିଶି ଦାବି ଜଣାଇଥିଲେ। ମୋ ଜଗନ୍ନାଥ ସାଗର ଟ୍ରଷ୍ଟର ସଭାପତି ରଜନୀକାନ୍ତ ନାୟକଙ୍କ ସମେତ ବି. ଚନ୍ଦ୍ର ଶେଖର ରାଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଉତରରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ମୁଁ ନିଜେ ଜଗନ୍ନାଥ ସାଗରର ଦୃଶ୍ୟ ଦେଖିଛି ଏବଂ ଜୟପୁରବାସୀ ସେଥିପାଇଁ କେତେ ତତ୍ପର ଅଛନ୍ତି ତାହା ମଧ୍ୟ ଜାଣିଛି ତେଣୁ ଖୁବ ଶିଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

# କୋଣାର୍କରେ ଭୟାବହ ଅଗ୍ନିକାଣ୍ଡ :୧୩ ହସ୍ତଶିଳ୍ପ ଦୋକାନ ଭସ୍ମୀଭୂତ

ପୁରୀ, ୪/୨ (ନି.ପ୍ର): ଗତକାଲି ରାତି ପ୍ରାୟ ୧ଟା ସମୟରେ ପୁରୀ ଜିଲ୍ଲା କୋଣାର୍କ ଟୁରିଷ୍ଟ ମାର୍କେଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ସୂର୍ଯ୍ୟ ମନ୍ଦିର ସମ୍ମୁଖସ୍ଥ ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଦୋକାନରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ୧୩ ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ ଦୋକାନ ସମେତ କାଲୁ ଦୋକାନ ଜଳିପୋଡି ପାଉଁଶ ହୋଇଯାଇଛି । ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି । ଚମ୍ପାହାର ଅଗ୍ନିଶମ ବାହିନୀ ଖବର ପାଇ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଗରିବ ବ୍ୟବସାୟୀ ମାନେ ଦୁଃଖରେ ଭାଙ୍ଗି ପଡିବା ସହ ଥାଇଥାନ, ଆର୍ଥିକ ଅନୁଦାନ ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ଋଣ ଭାର ସହି ନ ପାରି ବିଷ ଓ ପରେ ବେକରେ ଫାଶି ଲଗାଇ ଦମ୍ପତିଙ୍କ ଆତ୍ମହତ୍ୟା

ଧର୍ମଶାଳା, ୪/୨ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଂଚଳରେ ଏକ ଦୁଃଖଦ ଘଟଣା ଘଟି ଯାଇଛି । ଗୋଟିଏ ସିଲିଂ ଫ୍ୟାନରେ ୨ଟି ଦଉଡି ଦ୍ୱାରା ଦୁହେଁ ଜୀବନ ହାରି ଦେଇଥିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏଭଳି ଘଟଣା ଘଟିଛି ବ୍ରହ୍ମବରଦା ଥାନା ଅନ୍ତର୍ଗତ ଅର୍ଥଙ୍ଗା ପଂଚାୟତ କୋଠାସାହି ଗ୍ରାମରେ। ଦମ୍ପତି ଦୁହେଁ ହେଲେ ଗ୍ରାମର ସ୍ୱର୍ଗତ ଧ୍ରୁବ ରାଉତଙ୍କ ପୁଅ ବିଜୟ(୬୦) ଓ ବୋହୂ ପଦ୍ମିନୀ(୫୫) ବୋଲି ଜଣାପଡିଛି। ବିଭିନ୍ନ ଉପାୟରୁ ଋଣ ଆଣି ବ୍ୟବସାୟ କରି ଆସୁଥିବା ବିଜୟ କରିଥିବା ଋଣ ଶୁଝି ନ ପାରିବାରୁ ଦୁହେଁ ବେକରେ ଠାକୁର ଘରେ ୨ ଟି ଦଉଡି ସାହାଯ୍ୟରେ ଆତ୍ମହତ୍ୟା କରିଥିବା ସମସ୍ତଙ୍କୁ ଚକିତ୍ କରିଛି । ପୋଲିସ ଓ ସାଇଁଟିଫିକ୍ ଟିମ୍ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ,ବିଜୟ ଓ ପଦ୍ମିନୀଙ୍କ ପୁଅ ବାଙ୍ଗାଲୋରରେ ରହି କ୍ରିକେଟ କୋଚିଂ ନେଉ ଥିଲେ । ସେ ଆଜି ସକାଳ ସମୟରେ ବାପା ମାଆଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିଥିଲେ। କୌଣସି ଉତର ନ ପାଇ ପୁଅ ସମ୍ପର୍କୀ ପଡୋଶୀ ବନ୍ଧୁ ସୋମନାଥ ବେହେରାଙ୍କୁ ଘରକୁ ଯିବାକୁ କହିଥିଲେ। ସୋମନାଥ ଘରକୁ ଯାଇ ଗେଟ ଖୋଲା ସହ ୨ ବଖରା ଘର ଖୋଲା ଥିବା ଦେଖି ଘର ଭିତରକୁ ଯାଇଥିଲେ। ଠାକୁର ଘରେ ଦୁହେଁ ସିଲିଂ ଫ୍ୟାନରେ ଝୁଲୁ ଥିବା ଦେଖି ବିଜୟଙ୍କ ପୁଅକୁ କହିବା ସହ ପଡୋଶୀଙ୍କୁ ଜଣାଇଥିଲେ। ଖବର ପ୍ରଚାରିତ ହେବା ପରେ ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳନରେ ପଂହଚି ତଦନ୍ତ ଚଳାଇବା ସହ ସେମାନେ କାନ୍ଥରେ କଳା ରଂଗରେ ଲେଖି ଥିବା ମୃତ୍ୟୁ କାରଣ ଦର୍ଶାଇ ଥିବା ପୋଲିସ ଜାଣିବାକୁ ପାଇଥିଲା । ଫଳରେ ପୋଲିସ ଘଟଣାକୁ ଗୁରୁତର ସହ ନେଇ ସାଇଁଟିଫିକ୍ ଟିମର ସହାୟତା ନେଇଥିଲା । ତଦନ୍ତ ପରେ ଝୁଲନ୍ତା ଅବସ୍ଥାରେ ମୃତ ଦେହକୁ ତଳକୁ ଓହ୍ଲା ଯାଇ ଥିଲା । ତେବେ ସେ ୩ ଭଉଣୀଙ୍କୁ ମୃତ୍ୟୁର କାରଣ ବୋଲି କାନ୍ଥରେ ଲେଖି ଯାଇ ଥିଲେ । ଋଣଭାର ବଢ଼ି ଯିବା ସହ ଏକ ଅଟୋ ଲୋନ ଆଣି ଥିବାରୁ ଋଣ ଶୁଝିବା ପାଇଁ ବାରମ୍ୱାର ତାଗିଦ ହୋଇ ଆସୁଥିଲା । ଫଳରେ ସେମାନେ ଜମି ବିକିବା ପାଇଁ ମନସ୍ଥ କରିଥିଲେ । ଜମିରେ ଭଉଣୀମାନଙ୍କ ଅଂଶ ଥିବାରୁ ଏହା ବିକ୍ରୀ ନ ହେବାରୁ ସେମାନେ ନିରାଶ ହୋଇ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି । ପୋଲିସ କେସ୍ ନଂ୨/୩//୨୦୨୫ରେ ଦୁଇଟି ମାମଲା ରୁଜୁ କରିଛି । ବିଷ ପିଇବା ଘଟଣା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପୋଲିସ କହିଛି। ତେବେ ଏଭଳି ଘଟଣାକୁ ନେଇ ଅଂଚଳରେ ଶୋକରଛାୟା ଖେଳି ଯାଇଛି ।

# କେନ୍ଦୁଝରଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ବଂଟନ ଶିବିର

କେନ୍ଦୁଝର, ୪/୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅନ୍ତର୍ଗତ ଏକ ଜିଲ୍ଲାସ୍ତରୀୟ ମେଗା ଶିବିର ତଥା ସହାୟତା ବଂଟନ କାର୍ଯ୍ୟକ୍ରମ ଆଜି ୩ ତାରିଖ ସୋମବାର ଦିନ ପୂର୍ବାହ୍ନ ୧୧.୦୦ ଟାରେ କେନ୍ଦୁଝରର ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଂଟିଆ ଉଦଘାଟନ କରି ନିର୍ମାଣ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲା ବେଳେ ସାମ୍ମାନିତ ଅତିଥି ଭାବେ ବିଧାୟକ ତେଲକୋଇ, ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ପୌରପାଳିକା ଅଧକ୍ଷା ନିକୁ ସାହୁ, ସାଂସଦ କେନ୍ଦୁଝରଙ୍କ ପ୍ରତିନିଧି ହରିହର ମହାନ୍ତ, ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା, ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିବେକାନନ୍ଦ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ, ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ୫୬୭ ଜଣ ଯୋଗ୍ୟ ହିତାଧିକାରୀ ଏବଂ ସେମାନଙ୍କ ନୋମିନି ମାନଙ୍କୁ ମୋଟ (୩,୦୫,୧୦,୨୦୦ /-)ତିନି କୋଟି ପାଂଚ ଲକ୍ଷ ଦଶ ହଜାର ଦୁଇଶହ ଟଙ୍କାର ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା, ଯେଉଁଥିରେ ୧୯୮ ଜଣଙ୍କୁ ଶିକ୍ଷା ସହାୟତା ବାବଦକୁ ୧୭,୨୫,୨୦୦ /- ଟଙ୍କା, ୯୫ ଜଣଙ୍କୁ ମୃତ୍ୟୁ ସହାୟତା ବାବଦରେ ୧,୯୦,୦୦,୦୦୦ /- ଟଙ୍କା, ୭୯ ଜଣଙ୍କୁ ଶବଦାହ ବାବଦରେ ୩,୯୫,୦୦୦ /- ଟଙ୍କାର ସହାୟତା,୧୮୫ ଜଣଙ୍କୁ ବିବାହ ସହାୟତା ବାବଦରେ ୯୩,୦୦,୦୦୦ /- ଟଙ୍କା ଏବଂ ୯ ଜଣଙ୍କୁ ମାତୃତ୍ୱ ସହାୟତା ବାବଦରେ ୯୦,୦୦୦/- ଟଙ୍କା ପ୍ରଦାନ କରାଯାଇଥିଲା । ୨୦୦ ଜଣ ଯୋଗ୍ୟ କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଂଟନ କରାଯାଇଥିଲା। ସଚେତନତା ସୃଷ୍ଟି ପାଇଁ, ଶ୍ରମ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଏବଂ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସାଧାରଣ ଜନତାଙ୍କ ମଧ୍ୟରେ ଲିଫଲେଟ୍ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪୦୦ ରୁ ଅଧିକ ଶ୍ରମିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୂର୍ଯ୍ୟ ନାରାୟଣ ମାଳି ପରିଚାଳନା କରିଥିଲେ ।

# ପାଠ ସହ କ୍ରୀଡା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଉଚିତ୍

ଧର୍ମଶାଳା, ୪/୨ (ନି.ପ୍ର): ପାଠ ସହ କ୍ରୀଡା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଉଚିତ୍ । ଫଳରେ ଶାରିରୀକ ବିକାଶରେ ବେଶ ସହାୟକ ହେବ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବରେ ଅତିଥିମାନେ ଯୋଗ ଦେଇ ମତବ୍ୟକ୍ତ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ସରୋଜିନୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ରହ୍ମବରଦା ଥାନା ଅଧିକାରିଣୀ ଅଂଶୁମାଳା ଦାସ,ମୁଖ୍ୟବକ୍ତାଭାବେ ବର୍ଷିୟାନ ମୁରବୀ ବିପିନ ବିହାରୀ ଦେଓ,ସମ୍ମାନୀତ ଅତିଥିଭାବେ ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶିନୀ ଦେଓ,ଜିଲା ପାରା ସ୍ପୋର୍ଟ ସଭାପତି ମଂଟୁ ଦାସ, ଯୁବନେତା ପ୍ରଦୀପ ଦାସ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ ବିବେକାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଉପାଦେୟ ବାର୍ତା ପ୍ରଦାନ କରିଥିଲେ । ଆଚାର୍ଯ୍ୟ ନିଶିକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ରାଜ୍ୟ ସ୍ତରୀୟ ମେଧାବୃତି ଆକଳନ ଭାରତୀୟ ଶିକ୍ଷାବିକାଶ ପରିଷଦ ଓଡିଶା ପକ୍ଷରୁ ସଫଳତା ପାଇ ଥିବା ଛାତ୍ରୀ ସାଇସ୍ମୃତି ନାୟକ,ରାଜଶ୍ରୀ ରାଜନନ୍ଦିନୀ ଜେନା,ଅନନ୍ୟା ସାହୁ,ଶଶ୍ୱତୀ ଦାସ,ରଚିତ ରଞ୍ଜନ ଦେଓ,ଅର୍ଜ୍ଜୁନ ଦାସ,କୁନାଲ ଦାସ ଓ ଅପେକ୍ଷା ଜେନା ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରି ଥିବା ବେଳେ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡାରେ କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ । ଆଚାର୍ଯ୍ୟ ଅମ୍ବରିଶ ସାହୁ,ନିହାର ଜେନା, ଦେବବ୍ରତ ସୂତାର,ନଦିମ ଅକ୍ତର, ସୁଦର୍ଶନ ସାହୁ,ଅଚାର୍ଯ୍ୟା ତପସ୍ୱିନୀ ବେହେରା,କନକ ବେହେରା, ପୁଷ୍ପାମୟୀ ସିଂ,କ୍ରୀଷ୍ଣା ବେହେରା, ସସ୍ମିତା ବେହେରା, ସୋନାଲି ଜେନା ଓ ମାଳତୀ ଗୁରୁମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଆଚାର୍ଯ୍ୟ ନିମାଇଁ ଚରଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ, ୪/୨ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୫ ଗୋଟି ଅଭିଯୋଗ ମିଳିଥିଲା। ଏଥିରେ ବ୍ୟକ୍ତିଗତ ଅଭିଯୋଗ ୫୪ ଗୋଟି, ଗ୍ରାମ ଅଭିଯୋଗ ୧୩ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୬ ଗୋଟି ଓ ୨ ଗୋଟି ରେଡକ୍ରସ ରୁ ସହାୟତା ସମ୍ପର୍କରେ ରହିଥିଲା। ତନ୍ମଧ୍ୟରୁ ୧୮ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଏସପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ରୂପଭାନୁ ମିଶ୍ର, ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣିରେ ୨୪୯ଟି ଅଭିଯୋଗ

କେନ୍ଦୁଝର, ୪/୨ (ନି.ପ୍ର): ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୪୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୨୮ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୨୨୧ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ସେଥିମଧ୍ୟରୁ ୬୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟ ସାର୍ଥକ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଂକର ଦଳାଇ, ସଦର ବିଡିଓ ବିନୋଦ ପଣ୍ଡା, ତହସିଲଦାର ଶୁଭେନ୍ଦୁ କୁମାର ସାହୁ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ । ଏହି ଅବସରରେ ୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୋଟରଚାଳିତ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

# ନବୀନ ପଟ୍ଟନାୟକଙ୍କୁ ଭେଟିଲେ ଆଦିବାସୀ ମହାସଂଘ କର୍ମକର୍ତ୍ତା

ଜୟପୁର, ୪/୨ (ନି.ପ୍ର): ବେଆଇନ ଖଣି ଖନନ ବନ୍ଦ କରିବା ସହ ଓଡିଶା ସରକାରଙ୍କ ଆଇନକୁ ନେଇ ଆଜି ଆଦିବାସୀ ଆଦିବାସୀ ମହାସଙ୍ଘ ନେତା ମାନେ ଏକତ୍ରିତ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଆଜି ୧୪ଟି ବ୍ଲକର ଶତାଧିକ ଆଦିବାସୀ ମହାସଂଘ କର୍ମକର୍ତା ମାନେ ଭୁବନେଶ୍ୱର ଗସ୍ତ କରି ବର୍ତମାନ ସରକାରଙ୍କ ମନମାନି ଓ କୋରାପୁଟର ଜଳ ଓ ଜଙ୍ଗଲ ସୁରକ୍ଷା ଦେବା ପାଇଁ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଓଡିଶାର ଖଣିଜ ସମ୍ପଦକୁ ସାରି ଓଡିଶାର ବିକାଶ କରିବା ପାଇଁ ଯେଉଁ ସରକାର ଚିନ୍ତା କରୁଛନ୍ତି ତାହାକୁ ମହା ସଙ୍ଘ ପକ୍ଷରୁ ବିରୋଧ କରାଯାଉଛି ବୋଲି ଜଣାଇଥିଲେ। ଆଗାମୀ ଦିନରେ କୋରାପୁଟ ଜିଲ୍ଲାକୁ ସୁରକ୍ଷା କରାନଗଲେ ଆଗାମୀ ଦିନରେ ଜିଲ୍ଲାରୁ ଖଣିଜ ସମ୍ପଦ ଲୋପ ପାଇବା ସହ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେବେ ବୋଲି ଜଣାଇଥିଲେ। ଜୟପୁର ବ୍ଲକ ସରପଂଚ ସଂଘ ସଭାପତି ମନଧର ଗାଦବା, ଜୟପୁର ବ୍ଲକ ପରଜା ସମାଜ ସଭାପତି ତ୍ରିନାଥ ମୁଦୁଲି, ପେଣ୍ଟିଆ ସମାଜ ସଭାପତି ବୈଦନାଥ ନାୟକ, ସିମିଳିଗୁଡା ବ୍ଲକର ରବି ସୋଡା ପେଲି,ଲକ୍ଷ୍ମଣ ପାଢ଼ି, ପଟାଙ୍ଗୀ ବ୍ଲକର ବନ୍ଧାବୋଇ ପତି, ତ୍ରିନାଥ ପଟାବାଲି, ବନ୍ଧୁଗାଁ ବ୍ଲକର କାଡରକା ନାଉକା, ଦେବାଶିଷ ଜିଉର, ନାରାୟଣପାଟଣା ବ୍ଲକର ଏବିନ୍ଦ୍ର ନାଚିକା, ଲକ୍ଷ୍ମୀପୁର ବ୍ଲକର ପଦ୍ମନାଭ ଜାନୀ, କୋରାପୁଟ ବ୍ଲକର ସଦା ଜାନୀ, ହଳଧର ପାଙ୍ଗି, ଗଗନ ପାଞ୍ଜିଆ, ମଦନ କିର୍ଷାନୀ, ବନ୍ଧୁଗାଁ ବ୍ଲକର ନଉକା ମେଲକା, ରାଜା କାଡ୍ରକା ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ମାମଲାରେ ୭ ଅଭିଯୁକ୍ତ ଗିରଫ

ଜୟପୁର, ୪/୨ (ନି.ପ୍ର): ଚୋରି ମାମଲାରେ ୭ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ବିସିଂପୁର ଥାନା ଜାନିଗୁଡା ଗ୍ରାମର ବର୍ତମାନ ତେଲିଗୁଡା ରେ ରହୁଛନ୍ତି ସତ୍ୟ ଗଣ୍ଡ (୩୩) ତୁଳା ରାମ ହରିଜନ (୪୦) ଶିବ କୁମ୍ଭାର (୧୮) ଭୀମ ଜାନୀ (୩୫) ସନିଆ କୁମ୍ଭାର (୩୬) ଜୟରାମ କୁମ୍ଭାର (୩୬), ଚକ୍ର କୁମ୍ଭାର (୩୩) । ସୁଚନା ଅନୁଯାଇ ୩୧.୧.୨୫ ତାରିଖରେ ଜୟପୁର ଗୋଡିଆ ଧୋବା ସାହିର ସୁଜିତ ନାୟକ ଅଭିଯୋଗ କରିଥି ଯେ ତାଙ୍କର ଡ୍ରାଇଭର ତୁଳାରାମ କୁମ୍ଭାର ସହ ୬ ଜଣ ସାଙ୍ଗ ମଶି ଜବାକନାଡିରେ ଥିବା ମା କଠାରି ବାଡି ରାଇସ ମିଲ ରୁ ୬ଟି ଧାନ ପ୍ୟାକେଟ ଚୋରି କରିଛନ୍ତି । ଯାହାର ମୁଲ୍ୟ ୧୫ ହଜାର ୫ ଶହ ଟଙ୍କା ହେବ । ଅଭିଯୋଗକୁ ଭିତି କରି ପୋଲିସ ୪୧/୨୫ମାମଲା ରୁଜୁ ରି ତଦନ୍ତ ଆରମ୍ଭ କରିଥିଲା । ସିସି କ୍ୟାମେରା ଆଧାରରେ ତଦନ୍ତ ଆରମ୍ଭ କରି ୭ ଅଭି ଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ୬ମାସ ଧରି ନଳକୂପ ଅଚଳ : ପାଣି ପାଇଁ ଲୋକେ ଡହଳବିକଳ

ସମ୍ବଲପୁର , ୪/୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ମହଦା ପଂଚାୟତ ଅନ୍ତର୍ଗତ ଗୁରୁମୁଣ୍ଡା ପଡ଼ାରେ ଥିବା ନଳକୂପ ଆଜକୁ ପ୍ରାୟ ୬ମାସ ଧରି ଅଚଳ ହୋଇପଡିଛି । ପାଣି ଟୋପାଏ ପାଇଁ ଲୋକେ ନାହିଁ ନଥିବା ସମସ୍ୟାରେ ଡହଳବିକଳ ହୋଇ ପଡିଛନ୍ତି । ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ଖରା ତାର ପ୍ରଭାବ ଏବେଠୁ ଦେଖାଇବା ଆରମ୍ଭ କଲାଣି। ଏଭଳି ପରିସ୍ଥିତିରେ ଗୁରୁମୁଣ୍ଡା ପଡ଼ାର ଲୋକେ ରୋଷେଇ ବାସ ଠୁଁ ନେଇ ନିତ୍ୟ ବ୍ୟବହାର ପାଣି କେଉଁଠୁ କେମିତି ଆଣି ପରିବାର ଚଳାଇବେ ସେ ଚିନ୍ତାରେ ଭାଙ୍ଗି ପଡ଼ିଲେଣି । ଏହି ପଡ଼ାରେ ପ୍ରାୟ ୨୦ ପରିବାର ବସବାସ କରୁଥିବା ବେଳେ ଗୋଟାଏ ନଳକୂପ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ । ବେଳେ ବେଳେ ଏହି ନଳକୂପଟି ଅଚଳ ହେବାବେଳେ ପଡ଼ା ବାସି ଅନ୍ୟ ପଡ଼ାକୁ ଯାଇ ପାଣି ଆଣିଥାନ୍ତି। ସେହିପରି ଗ୍ରାମରେ ଥିବା ଟାଇମ ନଳରେ ମଧ୍ୟ ସକାଳ ବେଳେ ସ୍ୱଳ୍ପ ପରିମାଣର ପାଣି ଆସୁଥିବା ଯୋଗୁଁ ଏହି ପାଣି ପଡ଼ାବାସୀଙ୍କୁ ନିଅଂଟ ହେଉଛି । ସରକାରୀ କଳର ସବୁ ବଡ଼ବଡ଼ ଅଧିକାରୀ, ଗଣମାଧ୍ୟମ ଜିଲ୍ଲା ସଦର ମହକୁମାରେ ବସି ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଉପାନ୍ତ ଓ ଗ୍ରାମାଂଚଳ ଗୁଡିକରେ ସମସ୍ୟା ପ୍ରତି କେହି ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏଣୁ ବର୍ତମାନର ଗ୍ରୀଷ୍ମ ଆଗମନରୁ ସରକାରଙ୍କ ଯୋଗାଣ ପାଣି ବ୍ୟବସ୍ଥା ଦିନକୁ ଦୁଇ ବେଳା ଯୋଗାଇବା ସହ ଖରାପ ଥିବା ନଳକୂପକୁ ତୁରନ୍ତ ମରାମତି କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ରାଜ୍ୟର ରାଜଧାନୀ ଓ ଜିଲ୍ଲା ସଦର ମହକୁମାର ଚାକଚକ୍ୟରୁ ଦୂରରେ ଥିବା ରାଜ୍ୟର ପ୍ରତ୍ୟେକ ଦୁର୍ଗମ ଓ ପାହାଡ଼ିଆ ଅଂଚଳ ସମେତ ଗ୍ରାମାଂଚଳ ଗୁଡ଼ିକରେ ପାନୀୟ ଜଳ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

# ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୪/୨ (ନି.ପ୍ର): ସମ୍ବଲପୁରରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ (ଆଇ.ଏ.ଏସ)ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା' ଅନ୍ତର୍ଗତ ଏବେ ସମ୍ବଲପୁରରୁ କୋଲକାତା-କାମାକ୍ଷା ଅଭିମୁଖେ ଫେବ୍ରୁଆରୀ ୭ ତାରିଖରୁ ଯାତ୍ରା ଆରମ୍ଭ ହେବାର ଥିବାରୁ ଏହାକ ସଫଳ କରାଇବା ପାଇଁ ଆହ୍ୱାନ ଦିଆଯାଇଛି। ସମ୍ବଲପୁରରୁ ୭୭୫ ଯାତ୍ରୀଙ୍କ ଯାତ୍ରା ପାଇଁ ଆଶ୍ରୟସ୍ଥଳ ର ବ୍ୟବସ୍ଥା କରାଯାଇଛି। ସେଥିରେ ସମ୍ବଲପୁର ଜିଲ୍ଲାରୁ ୮୯ ଯାତ୍ରୀ ଶାମିଲ ଅଟନ୍ତି। ସୂଚନା ଅନୁଯାଇ ସମ୍ବଲପୁର ର ପାନ୍ଥନିବାସ ଠାରେ ସମ୍ବଲପୁର-୮୯, ସୁବର୍ଣ୍ଣପୁର-୫୨, ଦେଓଗଡ଼-୨୭ ଜଣ ଯାତ୍ରୀ ଙ୍କ ପାଇଁ, ସମ୍ବଲପୁର ର ପର୍ଶୁରାମ ଭୱନ ଠାରେ ଅନୁଗୁଳ- ୧୦୯ ଜଣ ଯାତ୍ରୀ ଙ୍କ ପାଇଁ, ସମ୍ବଲପୁର ର ରେଲୱେ କମ୍ୟୁନିଟି ହଲ ଠାରେ ଝାରସୁଗୁଡ଼ା-୫୦, ସୁନ୍ଦରଗଡ଼-୧୮୦, ବଲାଙ୍ଗୀର-୧୪୧ ଜଣ ଯାତ୍ରୀ ଙ୍କ ପାଇଁ, ସମ୍ବଲପୁର ର କ୍ଷେତ୍ରରାଜ ପୁର ରେ ସ୍ଥିତ ମାର୍ୱାଡି ପଂଚାୟତି ଧର୍ମଶାଳା ଠାରେ ବରଗଡ-୧୨୭ ଜଣ ଯାତ୍ରୀ ଙ୍କ ପାଇଁ ଆଶ୍ରୟସ୍ଥଳୀ ର ବ୍ୟବସ୍ଥା କରାଯାଇଛି।

# ସୁନା ମରାମତି ନାମରେ ନକଲି ସୁନା ଦେଇ ଅସଲି ସୁନା ନେଇ ଚମ୍ପଟ ମାରିଥିବା ମହିଳା ଗିରଫ

ମାଲକାନଗିରି, ୪/୨ (ନି.ପ୍ର): ସୁନା ମରାମତି କରିବା ନିମନ୍ତେ ଘର ଘର ବୁଲୁଥିଲେ କିଛି ମହିଳା, ଏପଟେ ସୁନା ମରାମତି ନାମରେ ନକଲି ସୁନା ଦେଇ ଅସଲି ସୁନା ନିଜେ ନେଇ ଚମ୍ପଟ ମାରିଥିଲେ କିଛି ମହିଳା ସୁନା ଲୁଟେରା। ତେବେ ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ସୋରଲୁକୋଣ୍ଡା ଗ୍ରାମରେ। ମିଳିଥିବା ସୂଚନାନୁଯାୟୀ କିଛିଦିନ ତଳେ ସୋରଲୁକୋଣ୍ଡା ଗ୍ରାମରେ ଛତିଶଗଡ଼ରୁ ଆସିଥିବା କିଛି ମହିଳା ଘର ଘର ବୁଲି ସୁନା ମରାମତି କରୁଥିବା କହିଥିଲେ। ସେହି ସମୟରେ ସୋରଲୁକୋଣ୍ଡା ଗ୍ରାମର ସିଂଗେ ସୋଡି ନାମକ ଜଣେ ମହିଳାଙ୍କ ସୁନାର ସୋରିଷ ମାଳି ଗୁନ୍ଥିବା ନିମନ୍ତେ ଉକ୍ତ ମହିଳା ଲୁଟେରା କୁ ନିଜ ସୁନା ଦେଇଥିଲେ। ତେବେ ମହିଳା ସୁନା ଲୁଟେରା ଜଣକ ଅତି ଚାଲାକ ର ସହ ନିଜ ପାଖରେ ଥିବା ନକଲି ସୁନା ସିଂଗେ ଙ୍କୁ ଦେଇ ଅସଲି ସୁନା ନିଜେ ନେଇ ଚମ୍ପଟ ମାରିଥିଲେ। ପରେ ସିଂଗେ ଜାଣିବା ପରେ ଓରକେଲ ଥାନା ର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଥିବା ବେଳେ ଗତକାଲି ଉକ୍ତ ମହିଳା ଲୁଟେରା କୁଡୁମୁଲୁଗୁମ୍ମା ଅଂଚଳରେ ବୁଲୁଥିବା ଖବର ପାଇ ତାଙ୍କୁ ଗିରଫ କରିଥିଲା। ତେବେ ୨ ଜଣ ମହିଳା ଘଟଣାରେ ସମ୍ପୃକ୍ତ ଥିବାବେଳେ ଜଣଙ୍କୁ ଆଜି ପୋଲିସ ଗିରଫ କରି ଥାନାକୁ ଆଣିଛି। ଏଥିସମେତ ଅନ୍ୟ ଜଣେ ଫେରାର ଥିବା ପୋଲିସ ସୂଚନା ଦେଇଛି। ତେବେ ଗିରଫ ହୋଇଥିବା ମହିଳା ସୁନା ଲୁଟେରା ଜଣକ ଛତିଶଗଡ଼ ରାଜ୍ୟର ବଳରାମପୁର ଜିଲ୍ଲାର ବାଗଡ଼ି ଗ୍ରାମର ଲକ୍ଷ୍ମୀବାଇ ଗିରି(୨୬) ବୋଲି ଜଣାପଡିଥିବା ବେଳେ ଆଜି ମହିଳା ଲୁଟେରା ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଅଜିତ ସିଂ ବରିହା ସୂଚନା ଦେଇଛନ୍ତି ।

# ‘ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ.....’



## ସୁରେଶ ଚନ୍ଦ୍ର ମହାନ୍ତି

ଓଡ଼ିଆ ଧର୍ମଚେତନା ଓ ଆଧ୍ୟାତ୍ମିକ ଭାବଧାରାରେ ଆଦିକବି ସାରଳା ଦାସ ପ୍ରଖ୍ୟାତ ଓ ପ୍ରତିଟି ଓଡ଼ିଆଙ୍କ ପାଖରେ ଜଣେ ଅତି ଆପଣାର ସୁନାମଧନ୍ୟ ଆଧ୍ୟାତ୍ମିକ ସତ୍ତା ତଥା ଆଦିକବି ଭାବେ ସୁପରିଚିତ। ପଞ୍ଚଦଶ ଶତାବ୍ଦୀର ଓଡ଼ିଆ କବି ସାରଳା ଦାସ ‘ଶୁଦ୍ର ମୁନି’, ‘ଉତ୍କଳବ୍ୟାସ’ ତଥା ‘ଆଦିକବି’ ରୂପେ ସୁପରିଚିତ । ସେ ଗଜପତି କପିଳେନ୍ଦ୍ରଦେବଙ୍କ ସମସାମୟିକ । ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ ଝଙ୍କଡ଼ର କନକପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ । ତେବେ ନିର୍ଦ୍ଦିଷ୍ଟ ଭାବେ କେବେ ଜନ୍ମ ହୋଇଥିଲେ, ଜଣାଯାଏ ନାହିଁ । ତାଙ୍କ ପିତୃଦତ୍ତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା । ମା’ଶାରଳା ଠାକୁରାଣୀଙ୍କ କୃପାରୁ ସେ ମହାକବି ହୋଇପାରିଥିଲେ । ତେଣୁ ସେ ନିଜକୁ ‘ଶାରଳାଦାସ’ କହୁଥିଲେ । ଶାରଳାଙ୍କ ଦାସରୁ ସାରଳାଦାସ । କୃଷି କର୍ମ ଥିଲା ତାଙ୍କର କୌଳିକ ବୃତ୍ତି । ସେ ଓଡ଼ିଆ ମହାଭାରତର ରଚୟିତା, ବିଲଙ୍କା ରାମାୟଣ ଓ ଚଣ୍ଡୀ ପୁରାଣ ତାଙ୍କର ଅନ୍ୟ ଦୁଇଟି ପ୍ରସିଦ୍ଧ କୃତି । ବ୍ୟାସଦେବ ରଚିତ ମହାଭାରତକୁ ସେ ନିଜସ୍ୱ କଳ୍ପନା ଦ୍ୱାରା ଓଡ଼ିଆ ଭାଷାରେ ପ୍ରାଣବନ୍ତ କରିଥିଲେ ।

ପଞ୍ଚଦଶ ଶତାବ୍ଦୀରେ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟ ତଥା ୧୪୨୧ ମସିହା ମାର୍ଗଶୀର ମାସ ବିଛା କୃଷ୍ଣ ପ୍ରତିପଦା ତିଥିରେ ପିତା ଯଶୋବନ୍ତ ମାତା ତୁଳସୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ ସିଦ୍ଧେଶ୍ୱର ପରିଡ଼ା। ଯାହା ଅଧୁନା ଓଡ଼ିଶାର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଅନ୍ତର୍ଗତ। ପରବର୍ତ୍ତୀ ସମୟରେ ମା’ଶାରଳା ଠାକୁରାଣୀଙ୍କ ଅନୁଗ୍ରହର ନିଜ ସାଧନା ପୀଠ ତେନ୍ତୁଳିପଦା ଗ୍ରାମର ମୁନିଗୋସାଇଁ ପୀଠରେ ଅନେକ କାଳଜୟୀ ଗ୍ରନ୍ଥ ରଚନା କରି ଆଦିକବି ସାରଳା ଦାସ ନାମରେ ପରିଚିତ ହୋଇ ପାରିଥିଲେ।

ପିଲାଦିନରୁ ପାଠ ପଢ଼ିବାର ସୁବିଧା ନଥିବାରୁ ଶିକ୍ଷା ଗ୍ରହଣ କରିବା



ସମ୍ଭବ ନ ଥିଲା। ସେତେବେଳେ ସଂସ୍କୃତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଥିଲା। ଯାହାଫଳରେ ପଣ୍ଡିତମାନେ ସଂସ୍କୃତ ଶିକ୍ଷା ଲାଭ କରି ପୁରାଣ ପାଠ କରୁଥିଲେ। ତେଣୁ ସାରଳା ଦାସ ଅନୁପ୍ରାଣୀତ ହୋଇ ଜ୍ଞାନି ପଣ୍ଡିତ ମାନଙ୍କ ସହ ମିଶିବାର ସୁଯୋଗ ପାଉଥିଲେ ଓ ନିକଟସ୍ଥ ଗ୍ରାମ ଚାଟଶାଳୀରେ ପାଠ ପଢ଼ିଥିଲେ। ଅପର ପକ୍ଷରେ ଜନଶ୍ରୁତିରୁ ଜଣାଯାଏ ସାରଳା ଦାସ ଜାତସ୍ମର ଥିଲେ। ‘ପ୍ରଥମ ଜନ୍ମରେ ମୁହିଁ ହେଲି କାଳିଦାସ, ଦ୍ୱିତୀୟ ଜନମେ ମୁହିଁ ମହା କାଳଧ୍ୱଂସ, ତୃତୀୟ ଜନମେ ମୁହିଁ ସାରଳା ଦାସ କବି, ଏ ମର୍ତ୍ତ୍ୟ ମଣ୍ଡଳେ ଆଉ ଜନମ ଲଭିବି।’

ଅପରପକ୍ଷରେ ସମାଜରେ ସଂସ୍କୃତ ଭାଷା ଶୀର୍ଷ ସୋପାନରେ ପହଞ୍ଚିଥିଲା ସତ କିନ୍ତୁ, ସାଧାରଣ ଜନତା ସଂସ୍କୃତ ଭାଷାର ବୋଧଗମ୍ୟରୁ ବଞ୍ଚିତ ଥିଲେ। ଏହି ଭାଷା ବୈଷମତାକୁ ଦୂର କରିବାକୁ ଯାଇ ସିଦ୍ଧେଶ୍ୱର ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ଶାରଳାଙ୍କୁ ଆରଧନା କରି ଲେଖନୀ ତାଳପତ୍ର ଖୋଦା ଧରି ନିର୍ଭିକ ବୋଧଗମ୍ୟ ହେଲାଭଳି କାର୍ଯ୍ୟ କରିଥିଲେ। ଯାହାକୁ ଲୋକମାନେ ସହଜରେ ପାଠ କରିପାରିବେ। ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା ରାମାୟଣ, ମହାଭାରତ ଓ ଭାଗବତ ସେ ବାରମ୍ବାର କହିଛନ୍ତି - ‘ସେ ଦେବୀ ପ୍ରସନ୍ନେ କହିଲେ ଆଦିଗ୍ରନ୍ଥ, ଆଦ୍ୟେ ରାମାୟଣ, ଦ୍ୱିତୀୟେ ମହାଭାରତ, ତୃତୀୟେ ପୁଣି ମୁଁ ଲେଖିଲି ଭାଗବତ, ମୂର୍ଖ ଅଜ୍ଞାନ ମୁହିଁ ଅଟଇ ଅପଣ୍ଡିତ।’

ଓଡ଼ିଆ ଭାଷାର ପ୍ରଥମ ପୁରାଣକାର ସାରଳା ଦାସ ଓଡ଼ିଆ ଆଧ୍ୟାତ୍ମିକ, ପୌରାଣିକ ସାହିତ୍ୟିକ ଜଗତରେ ଏକ ବଳିଷ୍ଠ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ସେଥିପାଇଁ ସେ ହେଲେ ଆଦି କବି। ଯେଉଁ କଥା ବସ୍ତୁ ତାହା ଗ୍ରନ୍ଥରେ ଭାଷା ଅତି ସରଳ ଓ ସର୍ବଜନବୋଧ। ଯେଉଁ ସବୁ ଗ୍ରନ୍ଥ ସେ ରଚନା କରିଯାଇଛନ୍ତି, ସେଥିମଧ୍ୟରୁ ‘ସାରଳା ମହାଭାରତ’ ବୃହତ୍ତମ। ମହାଭାରତରେ ସେ ୧୮ଟି ପର୍ବ ବର୍ଣ୍ଣିତ କରିଯାଇଛନ୍ତି। ସେଥି ମଧ୍ୟରେ ଓଡ଼ିଶାର ସବୁଦିଗକୁ ଲକ୍ଷ୍ୟ କରି ତାର ଭୌଗୋଳିକ ଅବସ୍ଥା ସହ ମଠ ମନ୍ଦିର, ଧର୍ମପୀଠ ଓ ପ୍ରାକୃତିକ ବିଭବକୁ ସ୍ଥାନ ଦେବାରେ ସେ ଭୁଲି ନାହାଁନ୍ତି। ମହାଭାରତରେ ମଧ୍ୟ, ସେ ପ୍ରବଚନ, ନୀତିକଥା ଓ ଲୋକ କଥାକୁ ପ୍ରାଧାନ୍ୟତା ଦେଇଛନ୍ତି।

ସର୍ବଶେଷ ଝଙ୍କଡ଼ବାସନୀ ମା’ଶାରଳାଙ୍କ ଦୈବ କୃପାରୁ ତାଙ୍କର କବିତ୍ୱ ଉଦୟ ହୋଇଥିଲା ବୋଲି ସେ ତାଙ୍କ ରଚିତ ଗ୍ରନ୍ଥ ମାନଙ୍କରେ କହିଛନ୍ତି - ‘ସେ ଯାହା ରାତ୍ରରେ କହେ ତାହା ମୁଁ ଲେଖଇ, ମୂର୍ଖ ଅପଣ୍ଡିତ ମୋର ଶାସ୍ତ୍ର ଜ୍ଞାନ ନାହିଁ।’ ଆଜି ଆଦିକବିଙ୍କର ପବିତ୍ର ଶ୍ରାଦ୍ଧୋତ୍ସବ ପ୍ରତିବର୍ଷ ମାଘ ସପ୍ତମୀ ତିଥିରେ ପାଳନ କରାଯାଏ। ଯେଉଁ ମାଟିରେ ସାଧନା କରି ଆଦିକବି ତାଙ୍କର ଲେଖନୀ ଚାଳନା କରି ‘ମହାଭାରତ’ ଭଳି ଅପୂର୍ବ ଗ୍ରନ୍ଥ ରଚନା କରିଯାଇଛନ୍ତି ତାଙ୍କର କୃତି ପାଇଁ ଆଜି ଓଡ଼ଆ ଜାତି ଗର୍ବିତ। କବିଙ୍କର ବଂଶଧରମାନେ ତାଙ୍କ ସାଧନାପୀଠ ‘ମୁନି ଗୋସାଇଁ ମଠ’ରେ ୧୪୯୫ ମସିହା ମାଘ ଶୁକ୍ଳ ସପ୍ତମୀ ତିଥି ଦିନରୁ ମହାପ୍ରୟାଣ ଦିବସ ପିଣ୍ଡଦାନ କରି ଆସୁଛନ୍ତି। ସେହି ମହାନ କବିଙ୍କର ପୂର୍ଣ୍ୟ ତିଥିରେ ଅଧମ ଭକ୍ତି ପ୍ରଣାମ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ପ୍ରତିଟି ଓଡ଼ିଆଙ୍କ ଭିତରେ ମୁହଁ ସଞ୍ଚର ସଳିତାର ଆଲୋକବର୍ତ୍ତିକା ପରି ପ୍ରତି କ୍ଷଣ ଓ ପ୍ରତି ମୁହୂର୍ତ୍ତରେ ତାଙ୍କ ଦିବ୍ୟ ଆଶୀର୍ବାଦର କୃପା ଆମ ସମସ୍ତଙ୍କ ଉପରେ ଝରିପଡୁ ଏହା ହିଁ ପ୍ରାର୍ଥନା।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ତେନ୍ତୁଳିପଦା, ଝଙ୍କଡ଼,
ଜଗତସିଂହପୁର,
ମୋ : ୯୪୩୭୩୧୭୧୭୭

# ବଞ୍ଚିବାର କଳା

## ହେମନ୍ତ କୁମାର ପରିଡ଼ା

**ଭଗବାନ ଶ୍ରୀକୃଷ୍ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖର ପାହାଡ଼ ପରେ ପାହାଡ଼ ଅତିକ୍ରମ କରି କରି ଚାଲିଛନ୍ତି। ଯେତେ ଦୁଃଖ ତାଙ୍କ ଜୀବନରେ ଲେଖା ଯାଇଛି, ସାଧାରଣ ଜୀବନରେ ତାହା ଅସହ୍ୟ। ତଥାପି ସକଳ ପ୍ରତିକୂଳ ଅବସ୍ଥାରେ ମ୍ଳ ତାଙ୍କ ରଙ୍ଗ ଅଧରରୁ ହସ ଲିଭି ନାହିଁ। ଦୁଃଖ ପିଇ ସୁଖ ବାଣ୍ଟିବାର ଯେଉଁ ମାଧୁର୍ଯ୍ୟମୟ କଳା ସେ ତାଙ୍କ ଜୀବନରେ ପ୍ରଦର୍ଶନ କରିଛନ୍ତି ତା’ର ତୁଳନା ନାହିଁ।**

ସଂସାର ଦୁଃଖପୂର୍ଣ୍ଣ। ଜୀବନ ଜଞ୍ଜାଳରେ ଭରା। ଜନ୍ମ, ଜରା, ମୃତ୍ୟୁ ସର୍ବତ୍ର ଦୁଃଖ ହିଁ ଦୁଃଖ। ମାତୃଗର୍ଭର ଯନ୍ତ୍ରଣା ଅକଥନୀୟ। ଜରା ଦୁଃଖ ଠାରୁ ଦୁଃଖ ନାହିଁ। ମୃତ୍ୟୁ ଯନ୍ତ୍ରଣା ଆହୁରି ଭୟଙ୍କର। ଅଳ୍ପେ ବହୁତେ ଏହି ଅନୁଭବ ପ୍ରାୟ ସମସ୍ତଙ୍କର ଅଛି। ଆମର ପୁରାଣ ଶାସ୍ତ୍ର ତଥା ଅନୁଭବୀ ସାଧୁସନ୍ଥମାନେ ଏହା ପ୍ରକାଶ କରିଛନ୍ତି। ଜୀବ ଆସିଛି ଦିନେ ସବୁ ଛାଡ଼ି ସ୍ୱଧାମକୁ ଫେରିଯିବ। ତଥାପି ଏହି ନିତ୍ୟ ପରିବର୍ତ୍ତନଶୀଳ ନାମରୂପାତ୍ମକ ସଂସାରର ମୋହରେ ସମସ୍ତେ ମୋହିତ। ସଂସାର ଆମକୁ ପ୍ରଲୋଭିତ କରୁଛି। ସୁଖର ଆଗାର ବୋଲି ପ୍ରତ୍ୟୟ ହେଉଛି। ବାସ୍ତବରେ ଏହା ଦୁଃଖର ଅପାର ପାରାବାର। ଆମ ସମସ୍ତଙ୍କର ସକଳ ପ୍ରଚେଷ୍ଟାର ଲକ୍ଷ୍ୟ ହେଉଛି ଦୁଃଖ ସାଗରରୁ ନିବୃତ୍ତ ହୋଇ ସୁଖ ଶାନ୍ତି ଆନନ୍ଦରେ ନିବାସ କରିବା। “ସୁଖ ବାଞ୍ଛତ ସର୍ବହି ତତଃ ଧର୍ମ ସମୁଭବ।” ଏହି ସୁଖ ଶାନ୍ତି ଆନନ୍ଦ କେଉଁଠି ବଜାରରେ କିଣାବିକା ହୁଏ ନାହିଁ। ଦୁଃଖ ହେଉ ଅଥବା ସୁଖ ଏହା ସବୁ ଆମ କର୍ମର ଅର୍ଜନ ମାତ୍ର।

ଦୁଃଖ, ସୁଖ ଶାନ୍ତି ଆନନ୍ଦ ହେଉଛି ଆମ ମନର ଏକ ଏକ ଅବସ୍ଥା। ଶରୀର ମ୍ଲମରେ ଏହା ଅନୁଭୂତ ହୁଏ। ଜୀବନ ଧାରଣ କରିଥିବା ପ୍ରତ୍ୟେକଙ୍କ ଜୀବନ କାଳ ଏହି ଅନୁଭବର ଅନୁଭୂତିରେ ଋଦ୍ଧିମନ୍ତ। ଜୀବନର ଗତି କେବଳ ସୁଖ, ଶାନ୍ତି ଆନନ୍ଦଭରା ଗୋଲାପର ଶଯ୍ୟା ନୁହେଁ। ଭଗବାନ ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହେଲେ ମଧ୍ୟ ସୁଖଦୁଃଖର ଅନୁଭବ ନେଇ ତାଙ୍କୁ ଜୀବନ ନିର୍ବାହ କରିବାକୁ ହୋଇଥାଏ। ସେ ଭଗବାନ ଶ୍ରୀରାମଚନ୍ଦ୍ର ହୁଅନ୍ତୁ ଅଥବା ଭଗବାନଙ୍କର ପୂର୍ଣ୍ଣାବତାର ଶ୍ରୀ କୃଷ୍ଣଚନ୍ଦ୍ର ହୁଅନ୍ତୁ, ଏମାନେ ମର୍ତ୍ତ୍ୟରେ ମାନବୀୟ ଶରୀର ପରିଗ୍ରହ କରି ମାନବୋଚିଛି ସୁଖଦୁଃଖ ଭୋଗ କରିଛନ୍ତି। ଜନ୍ମ, ମୃତ୍ୟୁ ଚକ୍ର ଚାଲିଥିବା ଯାଏ ଦୁଃଖ ରହିବ ହିଁ ରହିବ।

ରାମ ଥିଲେ ଅଯୋଧ୍ୟାର ରାଜକୁମାର। ରାତି ପାହିଲେ ରାଜା ହୋଇଥାଆନ୍ତେ। କିନ୍ତୁ ପିତୃସତ୍ୟ ରକ୍ଷା ଅର୍ଥେ ଆଦେଶ ମିଳିଲା ୧୪ ବର୍ଷ ବନବାସ। କଷାୟ ବସ୍ତ୍ର ପରିଧାନ କରି ସୁକୁମାରୀ ପତ୍ନୀ ସୀତା ଓ ପ୍ରିୟ ଭାଇ ଲକ୍ଷ୍ମଣ ସହିତ ଯତି ବେଶରେ ବନଗମନ କଲେ। ଅଯୋଧ୍ୟାର ରାଜା ହେବାକୁ ଥିବା ଜନପ୍ରିୟ ରାଜକୁମାର ଶ୍ରୀରାମ। ଯାହାଙ୍କ ଶିରରେ ରାଜଛତ୍ର ଶୋଭା ପାଇବା କଥା ସେ ଆଜି ଅଯୋଧ୍ୟାର ରାଜରାସ୍ତାରେ ତପସ୍ୱୀ ବେଶ ଧାରଣ କରି ରିକ୍ତ ପଦରେ ବନଗମନ କରୁଛନ୍ତି। ସାଧାରଣ ମଣିଷର ମନ ନେଇ ଶ୍ରୀରାମଙ୍କର ଅବସ୍ଥାକୁ ଅନୁମାନ କଲେ ଜଣେ ସେ ମାନସିକ ସଂଘାତକୁ ବୁଝିପାରିବ। ସାଧାରଣ ଜୀବନରେ ଏହା ତାଳଗଛରୁ ଖସି ପଡ଼ିବା ଭଳି ଅବସ୍ଥା। ଖାଲି ଏତିକି ନୁହେଁ, ତାଙ୍କ ଜୀବନ ଦେଇ ବହିଯାଇଥିବା ଯେତେସବୁ ଜଞ୍ଜାଳର ଝଞ୍ଜାକୁ ଦୃଢ଼ତାର ସହ ସହିନେଇ ସେ ସଂସାରକୁ ମର୍ଯ୍ୟାଦାର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହା ଅନନ୍ୟ। ମାନବୀୟ ବୋଧଗମ୍ୟର ବାହାରେ ଈଶ୍ୱରୀୟ ଚେତନାର ପରମ ପରାକାଷ୍ଠା ଶ୍ରୀରାମଙ୍କ ଭିନ୍ନ ଅନ୍ୟତ୍ର ଏହା ସମ୍ଭବ ନୁହେଁ। ଜୀବନରେ ପୀଡ଼ାର ପାହାଡ଼କୁ ଧୈର୍ଯ୍ୟର ସହିତ ସହି ସେ ମାନବ ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି। ସେଥିପାଇଁ ସମାଜ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କହି ସମ୍ମାନ କରୁଛି।

ଭଗବାନ ଶ୍ରୀକୃଷ୍ଣ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଃଖର ପାହାଡ଼ ପରେ ପାହାଡ଼ ଅତିକ୍ରମ କରି କରି ଚାଲିଛନ୍ତି। ଯେତେ ଦୁଃଖ ତାଙ୍କ ଜୀବନରେ ଲେଖା ଯାଇଛି, ସାଧାରଣ ଜୀବନରେ ତାହା ଅସହ୍ୟ। ତଥାପି ସକଳ ପ୍ରତିକୂଳ ଅବସ୍ଥାରେ ମ୍ଳ ତାଙ୍କ ରଙ୍ଗ ଅଧରରୁ ହସ ଲିଭି ନାହିଁ। ଦୁଃଖ ପିଇ ସୁଖ ବାଣ୍ଟିବାର ଯେଉଁ ମାଧୁର୍ଯ୍ୟମୟ କଳା ସେ ତାଙ୍କ ଜୀବନରେ ପ୍ରଦର୍ଶନ କରିଛନ୍ତି ତା’ର ତୁଳନା ନାହିଁ। ଅଜସ୍ର ଦୁଃଖ ଭିତରେ ସେ ଅଫୁରନ୍ତ ସୁଖଶାନ୍ତି ଆନନ୍ଦର ଏକ ଅନନ୍ତ ପ୍ରବାହ। ଲୋକେ ତାଙ୍କୁ ଆନନ୍ଦ ମୂର୍ତ୍ତି କହି ଅର୍ଚ୍ଚନା କରୁଛନ୍ତି। ତାଙ୍କର ଜନ୍ମକର୍ମ ସବୁ ମଧୁର। ଏପରିକି ତାଙ୍କ ଦାନ୍ତି ମୁଗ୍ଧ ମଧୁର ବୋଲି ବର୍ଣ୍ଣିତ ହୋଇଛି। ତାଙ୍କର ଚାଲିଚଳଣ, ଆଚରଣ, ଉଚ୍ଚାରଣ, ଦୃଷ୍ଟିକୋଣ ସବୁଥିରେ ଅମୃତ ଆନନ୍ଦର ପ୍ଲାବନ ପରିଲକ୍ଷିତ ହୁଏ। ବିଶ୍ୱ ସୃଷ୍ଟିରେ ତାଙ୍କୁ ଶ୍ରେଷ୍ଠ ବ୍ୟକ୍ତି ଭାବରେ ପୁରୁଷୋତ୍ତମ ରୂପେ ବିବେଚନା କରାଯାଇଛି। ନିଜ ଇଚ୍ଛାରେ ବିସ୍ତାର କରାଇଥିବା ବିଶାଳ ଯାଦବ ବଂଶକୁ ଆପଣା ଦେହାତରେ ଧ୍ୱଂସ କରି ଶେଷରେ ଜରା ଶବରର ଶରାଘାତରେ ସ୍ୱଧାମ ପ୍ରତ୍ୟାବର୍ତ୍ତନ କଲେ। ମନରେ ଶୋଚନା ନାହିଁ କିମ୍ବା ଅନୁଶୋଚନା ମୁଗ୍ଧ ନାହିଁ। ଶେଷମୁହୂର୍ତ୍ତରେ ମୁଗ୍ଧ ସେ ତାଙ୍କ ପ୍ରିୟ ସଂସାରରୁ ପ୍ରଶାନ୍ତ ମୁଖମଣ୍ଡଳର ଶାନ୍ତ ମଧୁର ଶେଷ ହସରେ ବିଦାୟ ନେଲେ। ଜୀବନର ସମସ୍ତ ଜଞ୍ଜାଳକୁ ଆଞ୍ଜୁଳା ଆଞ୍ଜୁଳା କରି ପିଇ ଯାଇ ସୃଷ୍ଟିକୁ ସୁନ୍ଦର ମଧୁର ପ୍ରେମାନନ୍ଦ ଲାଭର ପ୍ରଶିକ୍ଷଣ ଦେଇ ସେ ସାରା ବିଶ୍ୱବାସୀଙ୍କୁ ବଞ୍ଚିବାର କଳା ଶିଖାଇ ଦେଇଗଲେ। ତେଣୁ ତାଙ୍କର ସାମଗ୍ରିକ ଜୀବନଚର୍ଯ୍ୟାକୁ ଆକଳନ କରି ସମାଜ ତାଙ୍କୁ ଲୀଳା ପୁରୁଷୋତ୍ତମ କହି ବନ୍ଦନା କରୁଛି।

ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିବା ଅନେକ ମହାମାନବ ଆପଣା ଆଦର୍ଶ ଜୀବନଚର୍ଯ୍ୟା ଦ୍ୱାରା ସମାଜକୁ ବଞ୍ଚିବାର କଳା ଶିକ୍ଷା ଦେଇଯାଇଛନ୍ତି। ବେଦ ଭଗବାନ ହୁଅନ୍ତୁ ଅଥବା ଉପନିଷଦ, ପୁରାଣ ଆଦି ଶାସ୍ତ୍ରମାନେ ହୁଅନ୍ତୁ, ସବୁଥିରେ ମାନବ ସମାଜ ପାଇଁ ବଞ୍ଚିବାର କଳା ଶିକ୍ଷା ଭରି ରହିଛି। ଭଗବାନ ସ୍ୱୟଂ ତାଙ୍କ ଶ୍ରୀମୁଖ ନିସୃତ ଗୀତା ଗ୍ରନ୍ଥରେ ଅତି ସ୍ପଷ୍ଟ ଭାବେ ମଣିଷକୁ ବଞ୍ଚାର କଳା ଶିକ୍ଷା ଦେଇଛନ୍ତି। ଗୀତାର ତେର ଅଧ୍ୟାୟର ପ୍ରକୃତିର ସ୍ୱରୂପ ବର୍ଣ୍ଣନା କରି ଅତିସୁନ୍ଦର ଭାବେ ଭଗବାନ ସେଥିରୁ ନିବୃତ୍ତ ହେବାର ଜ୍ଞାନ ପ୍ରଦାନ କରିଛନ୍ତି। ଅମାନିତ୍ୱ, ଅଦାମ୍ଭିକତା, ଅହିଂସା, କ୍ଷମା, ସରଳତା, ନିଷ୍ଠାର ସହିତ ଗୁରୁସେବା, ବାହ୍ୟ ଅଭ୍ୟନ୍ତର ଉଭୟ ଶୁଦ୍ଧି, ସ୍ଥିରତା, ସୌର୍ଯ୍ୟ ବା ସହିଷ୍ଣୁତା, ମନନିଗ୍ରହ, ଇନ୍ଦ୍ରିୟମାନଙ୍କ ବିଷୟରୁ ବୈରାଗ୍ୟ, ଅହଂକାରରହିତ ହେବା, ଜନ୍ମମୃତ୍ୟୁ, ଜରା ବ୍ୟାଧିରେ କବଳିତ ଶରୀର ପ୍ରତି ବାରମ୍ବାର ଦୋଷଦର୍ଶନ କରିବା, ଆସକ୍ତି ରହିତ ହେବା, ପୁତ୍ରଦାରା, ଗୃହ ଆଦିଠାରୁ ଅନାସକ୍ତ ରହିବା, ଅନୁକୂଳତା ଓ ପ୍ରତିକୂଳତା ପ୍ରାପ୍ତିରେ ଚିତ୍ତ ସମ ବା ସ୍ଥିର ରହିବା, ଈଶ୍ୱରଙ୍କ ପ୍ରତି ଅନନ୍ୟ ଯୋଗ ଦ୍ୱାରା ଅବ୍ୟଭିଚାରିଣୀ ଭକ୍ତି ରଖିବା, ଏକାନ୍ତ ବାସ, ଜନସମ୍ପର୍କରେ ପ୍ରୀତି ରହିତ ଭାବ, ଆଧ୍ୟାତ୍ମ ଜ୍ଞାନରେ ନିତ୍ୟଯୁକ୍ତ ରହିବା, ତତ୍ତ୍ୱଜ୍ଞାନର ଅର୍ଥସ୍ୱରୂପ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କରିବା ଆଦି ଏହି କୋଡ଼ିଏଟି ହେଉଛି ଜ୍ଞାନ ପ୍ରାପ୍ତିର ସାଧନ। ଏହି ଦିବ୍ୟଗୁଣଗୁଡ଼ିକୁ ଜଣେ ଜୀବନରେ ଧାରଣ କଲେ ସେ ଜୀବନରେ ବଞ୍ଚିବାର କଳା ଶିଖିଯିବ। ସେ ସ୍ଥିତଧି ହୋଇଯିବ। ତା’ର ଦିବ୍ୟ ସ୍ଥିତି ଲାଭ ହେବ। ଯାହାଦ୍ୱାରା ତାକୁ ଆଉ ଦୁଃଖ, ଶୋକ, ତାପ ପ୍ରଭାବିତ କରିପାରିବ ନାହିଁ। ସର୍ବତ୍ର ସର୍ବକାଳରେ ଆନନ୍ଦ ହିଁ ଆନନ୍ଦ ଉପଲବ୍ଧ ହେବ।

ସମସ୍ତ ଶାସ୍ତ୍ରର ସାରମର୍ମକୁ ଭଗବାନ ତାଙ୍କ ମୁଖନିସୃତ ବାଣୀ ଶ୍ରୀମଦ୍ ଭଗବଦ୍ ଗୀତାର ନିର୍ଯ୍ୟାସ ଭାବେ ପ୍ରଦାନ କରିଛନ୍ତି।

“ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅ ହ ଂ ତ୍ ୍ ।
ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ॥” (ଗୀତା-୧୮/୬୬)

ଅର୍ଥାତ୍ ସବୁଧର୍ମର ଆଶ୍ରୟ ଛାଡ଼ି ତୁମେ କେବଳ ମୋର ଶରଣକୁ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି। ଚିନ୍ତା କରନାହିଁ। ଶରଣାଗତି ହିଁ ଗୀତାର ସାର। ଏହା ସାରା ମାନବ ଜାତି ପାଇଁ ଭଗବାନଙ୍କର ସବିଶେଷ ବରଦାନ। ଭୟଙ୍କର ଯୁଦ୍ଧକ୍ଷେତ୍ରରେ ଭଗବାନ ତାଙ୍କ ଶୋକାତୁର ବିଷାଦଗ୍ରସ୍ତ ସଖା ଅର୍ଜୁନଙ୍କୁ ଗୀତା ଶୁଣାଇ ଥିଲେ। ଗୀତାର ଉପଦେଶ ପ୍ରଭାବରେ ଅର୍ଜୁନ ବିଷାଦରୁ ମୁକ୍ତ ହୋଇ ପ୍ରସାଦ ପ୍ରାପ୍ତ ହୋଇଥିଲେ।

ସନାତନ ଧର୍ମରେ ଭାରତୀୟ ସଂସ୍କୃତିର ମୂଳ ଲକ୍ଷ୍ୟ ହେଉଛି କିଭଳି ପ୍ରତ୍ୟେକ ବ୍ୟକ୍ତି ପ୍ରସାଦ ପ୍ରାପ୍ତ ହୋଇ ଆନନ୍ଦମୟ ଜୀବନଯାପନ କରିବେ। ସତ୍ୟଦ୍ରଷ୍ଟା ମୁନିଋଷି ମାନେ ତାଙ୍କ ଦିବ୍ୟଦୃଷ୍ଟି ବଳରେ ବହୁ ଅନୁସନ୍ଧାନରୁ ଅନୁଭବ କଲେ ବ୍ୟକ୍ତି ବଦଳିଲେ ସମାଜ ବଦଳିବ। ଏକ ସୁସ୍ଥ ସୁନ୍ଦର ସ୍ୱାବଲମ୍ବୀ ସମାଜ କେବଳ ଶାନ୍ତ ସୁନ୍ଦର ବିଶ୍ୱ ନିର୍ମାଣରେ ସହାୟକ ହୋଇପାରିବ। ସେମାନେ ମାନବର ଜୀବନ କାଳକୁ ହାରାହାରି ଶହେବର୍ଷ ଆକଳନ କରି ତାକୁ ଚାରିଗୋଟି ଆଶ୍ରମରେ ବିଭାଜନ କରିଛନ୍ତି। ସେସବୁ ହେଲେ ବ୍ରହ୍ମଚର୍ଯ୍ୟାଶ୍ରମ, ଗାର୍ହ୍ୟସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ନ୍ୟାସ ଆଶ୍ରମ। ଏକ ପରିପୂର୍ଣ୍ଣ ଜୀବନର ପରିଭାଷା ଏହି ଆଶ୍ରମ ସବୁରେ ଲିପିବଦ୍ଧ ହୋଇଛି। ବ୍ରହ୍ମଚର୍ଯ୍ୟାଶ୍ରମ ହେଉଛି ବିଦ୍ୟାର୍ଥୀ ଜୀବନ। ଏହା ପ୍ରସ୍ତୁତି ପର୍ବ। ଗାର୍ହ୍ୟସ୍ଥ ଜୀବନ ହେଉଛି ପ୍ରୟୋଗ ପର୍ବ। ବାନପ୍ରସ୍ଥାଶ୍ରମ ହେଉଛି ପର୍ଯ୍ୟବେକ୍ଷଣ ପର୍ବ ଏବଂ ସନ୍ନ୍ୟାସାଶ୍ରମ ହେଉଛି ସତ୍ୟର ଅନୁଭବ ବା ଆତ୍ମ ଉପଲବ୍ଧି ପର୍ବ। ଧୀରେ ଧୀରେ ବୃକ୍ଷ ପରିବର୍ଦ୍ଧିତ ହୋଇ ପରିଶୋଭବାନ ହେବା ସହ ଜଗତ ହିତରେ ସମର୍ପିତ ହେଲାପରି ଆମ ଜୀବନ କଳାତ୍ମକ ହୋଇ ସଂସାରର ଶୋଭା ବର୍ଦ୍ଧନ ସହିତ ହିତ ସାଧନରେ ରତ ରହିଲେ ସରଳ ଓ ସାର୍ଥକ ହୋଇପାରିବ।

ମାଳତୀ କୁଞ୍ଜ, ପ୍ଲଟ-ନଂ-୫୨୬
ଡି, ସେକ୍ଟର-୧୦, ସିଡ଼ିଏ, କଟକ,
ମୋ- ୮୭୬୩୧୦୭୧୨୬

# ମହାସାଗରକୁ ପ୍ଲାଷ୍ଟିକ ପଠାଉଛନ୍ତି ନଦୀମାନେ

## ଅଲେଖ ଚନ୍ଦ୍ର ସାମଲ

ସମଗ୍ର ବ୍ରହ୍ମାଣ୍ଡ ଭିତରେ ମହାସାଗରର ଗୁରୁତ୍ୱ ଆମେ ସମସ୍ତେ ଭଲ ଭାବେ ଜାଣିଛେ। ତେବେ ଅନେକ ହୁଏତ ଜାଣିକି ଆଶ୍ଚର୍ଯ୍ୟ ହେବେ ନଦୀମାନେ ହିଁ ମହାସାଗରକୁ ପ୍ଲାଷ୍ଟିକ ପଠାଉଛନ୍ତି। ଗବେଷକମାନଙ୍କ ଠାରୁ ଜଣାପଡ଼ିଛି ମହାସାଗରର ପ୍ରଦୂଷଣ ପାଇଁ ସବୁଠାରୁ ଅଧିକ ଦାୟୀ ୧୦ଟି ନଦୀ। ଏହି ନଦୀମାନଙ୍କର ଆବର୍ଜନାକୁ ନିୟନ୍ତ୍ରଣ କରିବା ସାମୁଦ୍ରିକ ପ୍ରଦୂଷଣ ରୋକିବା ଦିଗରେ ନାଟକୀୟ ପରିଣାମ ଦେବ। ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଥିଲା ପ୍ରତିବର୍ଷ ନଦୀ ଦେଇ ସମୁଦ୍ରକୁ ୧.୧୫-୨.୪୧ ମିଲିୟନ ମେଟ୍ରିକ ଟନ ପ୍ଲାଷ୍ଟିକ ଆବର୍ଜନା ପ୍ରବେଶ କରିଥାଏ। ଏ ମଧ୍ୟରୁ ୬୭ ପ୍ରତିଶତ ଆସିଥାଏ ୨୦ଟି ପ୍ରଦୂଷିତ ନଦୀରୁ। ତେବେ ଅଧିକ ସଠିକ ଅଧ୍ୟୟନରୁ ଜଣାପଡ଼ିଛି ସାମୁଦ୍ରିକ ପ୍ରଦୂଷଣରେ ନଦୀର ଭୂମିକା ଆହୁରି ଅଧିକ। ତେବେ ୨୦ଟି ନୁହେଁ ବରଂ ୧୦ଟି ନଦୀ ସାମୁଦ୍ରିକ ପ୍ରଦୂଷଣର ମୁଖ୍ୟ ଖଳନାୟିକା। ଏ ସବୁ ନଦୀ ମଧ୍ୟରେ ପୂର୍ବ ଏସିଆରୁ ରହିଛି ୟାଙ୍ଗଜେ, ପୀତ ନଦୀ, ହାଇ ହେ, ପର୍ଲ, ଆମୁର, ମେକଙ୍ଗ ଇତ୍ୟାଦି ନଦୀ। ଦକ୍ଷିଣ ଏସିଆରୁ ସିନ୍ଧୁ ନଦୀ ଏବଂ ଗଙ୍ଗା ସବୁଠାରୁ ପ୍ରଦୂଷିତ ନଦୀ। ଆଫ୍ରିକା ମହାଦେଶର ନାଇଜର ଏବଂ ନାଇଲ ନଦୀ ମଧ୍ୟ ଅଧିକ ଆବର୍ଜନା ଆଣୁଛି ମହାସାଗରକୁ। ଅଧ୍ୟୟନରୁ ଜଣା ପଡ଼ିଛି ମହାସାଗରକୁ ଆସୁଥିବା ପ୍ଲାଷ୍ଟିକ ବର୍ଜ୍ୟ କିଛି ସୀମିତ ଉତ୍ସରୁ ଆସୁଛି। ଅର୍ଥାତ୍ ଏହି ସବୁ ଉତ୍ସରେ ବର୍ଜ୍ୟ ପରିଚାଳନା ଦ୍ୱାରା ସାମୁଦ୍ରିକ ପ୍ରଦୂଷଣକୁ ବହୁ ପରିମାଣରେ ପ୍ରତିହତ କରାଯାଇପାରିବ। ଏସବୁ ଉପରୋକ୍ତ ନଦୀ ଗୁଡ଼ିକରେ ୫୦ ପ୍ରତିଶତ ପ୍ଲାଷ୍ଟିକ ବର୍ଜ୍ୟକୁ ଅଟକାଯାଇପାରିଲେ ନଦୀରୁ ମହାସାଗରକୁ ଯାଉଥିବା ଆବର୍ଜନାକୁ ୪୫ ପ୍ରତିଶତ କମ କରାଯାଇପାରିବ। କିନ୍ତୁ ଏଥିପାଇଁ ବ୍ୟାପକ ସଚେତନତା ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲୋଡ଼ା। ଏହି କାର୍ଯ୍ୟ କେଉଁ ସ୍ତରରୁ ଆରମ୍ଭ କରାଯିବ ତାହା ମଧ୍ୟ ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ସାମୁଦ୍ରିକ ପ୍ରଦୂଷଣ ଉପରେ ଗବେଷଣା କରୁଥିବା ଡ଼େଲ ଏଲେନ ମାକଆର୍ଥର ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି ୨୦୫୦ ମସିହା ବେଳକୁ ସମୁଦ୍ରରେ ମାଛ ଯେତିକି ଥିବେ ତା ଠାରୁ ବେଶୀ ଥିବ ପ୍ଲାଷ୍ଟିକ ଆବର୍ଜନା। ସାମୁଦ୍ରିକ ଜୀବଜଗତ ପ୍ଲାଷ୍ଟିକ ଆବର୍ଜନା ଦ୍ୱାରା ନକାରାତ୍ମକ ଭାବରେ ପ୍ରଭାବପିତ ହେଉଛି। ଜଳଚର ଜୀବମାନେ ଭାସୁଥିବା ପ୍ଲାଷ୍ଟିକ ଆବର୍ଜନା ମଧ୍ୟରେ ଗୁଡ଼େଇ ହୋଇ କିମ୍ବା ଅଣନିଶ୍ୱାସୀ ହୋଇ ପ୍ରାଣ ହରାଉଛନ୍ତି। ଅନେକ ଜୀବ ଏହାକୁ ଖାଦ୍ୟ ଭାବି ଢ଼ୋକି ନେଉଛନ୍ତି ସେମାନଙ୍କ ଖାଦ୍ୟ ପ୍ରଣାଳୀ ମଧ୍ୟକୁ ପ୍ଲାଷ୍ଟିକ ପ୍ରବେଶ କରୁଛି। ଫଳର ସାମୁଦ୍ରିକ ଖାଦ୍ୟ ଖାଉଥିବା ବ୍ୟକ୍ତିମାନେ ବର୍ଷକୁ ପ୍ରାୟ ୧୧ ହଜାର ସୂକ୍ଷ୍ମ ପ୍ଲାଷ୍ଟିକ ଭକ୍ଷଣ କରୁଛନ୍ତି। ତା ହେଲେ ଆମେ ଜାଣିବା ଉଚ୍ଛିତ ନଦୀରୁ ମହାସାଗରକୁ ଯାଉଥିବା ଏ ପ୍ଲାଷ୍ଟିକ ଆସୁଛି କେଉଁଠୁ। ପରିବେଶ ସନ୍ତୁଳନ ଦିଗରେ କାର୍ଯ୍ୟ କରୁଥିବା ସଂଗଠନ ଗ୍ରୀନପିସର ବ୍ରିଟିଶ କର୍ମକର୍ତ୍ତା ଲୁଇସା କାସୋନଙ୍କ ଅଧ୍ୟୟନ ଅନୁଯାୟୀ ମହାସାଗରକୁ ଯାଉଥିବା ପ୍ଲାଷ୍ଟିକ ବର୍ଜ୍ୟର ମୁଖ୍ୟ ଉତ୍ସ ତିନୋଟି ଯଥା ଘରୋଇ ବର୍ଜ୍ୟ, ନର୍ଦ୍ଦମା ଓ ଶିଳ୍ପ ବର୍ଜ୍ୟ। ଆମେ ଘରୋଇ ପ୍ଲାଷ୍ଟିକ ବର୍ଜ୍ୟକୁ ନିଜ ସୁବିଧାରେ ଫୋପାଡ଼ି ଦେଉ। ଏ ମଧ୍ୟରେ ଥାଏ ପଲିଥିନ, ପ୍ଲାଷ୍ଟିକ ପାଣିବୋତଲ, ପ୍ଲାଷ୍ଟିକ ଡ଼ବା ଇତ୍ୟାଦି। ଏଗୁଡ଼ିକ କିନ୍ତୁ ପୁନଃଚକ୍ରଣ ହେବା ପାଇଁ ଯାଇ ନପାରି ଏଣେତେଣେ ପଡ଼ିରହେ। ଅଧିକ ପବନରେ ଉଡି ନଦୀ ବା ନର୍ଦ୍ଦମାରେ ପଡ଼େ, ନଚେତ ବର୍ଷାରେ ବୋହି ନଦୀକୁ ଯାଏ। ଆମେ ବ୍ୟବହାର କରୁଥିବା ପ୍ଲାଷ୍ଟିକର ମାତ୍ର ୭ ପ୍ରତିଶତ ହିଁ ପୁନଃଚକ୍ରିତ ହୋଇଥାଏ। ଅନ୍ୟାନ୍ୟ ଅଂଶ ଯେକୌଣସି ରାସ୍ତା ଦେଇ ନଦୀ ଓ ମହାସାଗରରେ ପହେଞ୍ଚ। କେବଳ ଘରୋଇ ପ୍ଲାଷ୍ଟିକ ବର୍ଜ୍ୟ ନୁହେଁ ବେଳାଭୂମି, ପାର୍କ ଓ ରାସ୍ତାକଡ଼ରେ ଗଦା ହେଉଥିବା ପ୍ଲାଷ୍ଟିକ ଆବର୍ଜନା ମଧ୍ୟ ସେଠାକୁ ଯାଏ।

ନର୍ଦ୍ଦମା ଦେଇ ନାନୋ ପ୍ଲାଷ୍ଟିକ ଯାଏ ନଦୀକୁ, ସେଠାରୁ ସମୁଦ୍ରକୁ। କସମେଟିକ ଓ ସ୍କିନ କେୟାର ଉତ୍ପାଦ ଗୁଡ଼ିକରେ ସୂକ୍ଷ୍ମାତିସୂକ୍ଷ୍ମ ପ୍ଲାଷ୍ଟିକ କଣିକା ଥାଏ। ଏଗୁଡ଼ିକ କ୍ରମେ ଡ୍ରେନରେ ମିଶେ। ଏପରିକି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରେ ପ୍ରକ୍ରିୟାକରଣ ହେବା ବେଳେ ମଧ୍ୟ ଏହି କଣିକା ସବୁ ପାଣିରୁ ଅଲଗା ହୁଅନ୍ତି ନାହିଁ। ସେମିତି ଦୈନିକ ଆମ ପୋଷାକପତ୍ର ସଫା ହେବା ସମୟରେ ସିନ୍ଥେଟିକର କପଡ଼ାରୁ ସୂକ୍ଷ୍ମ ପ୍ଲାଷ୍ଟିକ, କଣିକା ବାହାରି ପାଣିରେ ମିଶୁଛି। ପ୍ଲାଷ୍ଟିକର ମୂଳସ୍ୱରୂପ ହେଉଛି ମର୍ଡ଼ଲ୍ସ ବା ମରମେଡ଼ସ ଟିଅର। ଏଗୁଡ଼ିକର ଆକାର ୫ ମିଲିମିଟର ଓ ଆକାର ସିଲିଣ୍ଡରାକୃତି। ଏହା ପ୍ଲାଷ୍ଟିକ ସାମଗ୍ରୀ ତିଆରି ପାଇଁ ବ୍ୟବହୃତ ହୁଏ। ପ୍ରତିବର୍ଷ ଆମେରିକାରେ ୬୦ ବିଲିୟନ ପାଉଣ୍ଡ ମର୍ଡ଼ଲ୍ସ ଉତ୍ପାଦନ ହୁଏ। ଏହା ମୁଖ୍ୟତଃ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପଠାଯାଏ। କିନ୍ତୁ ସମସ୍ୟା ହେଉଛି ଅନେକ ସମୟରେ ଜାହଜରେ ପରିବହନ ହେବା ସମୟରେ ଏହା ସମୁଦ୍ରରେ ମିଶେ। ଟ୍ରକରେ ପରିବହନ ସମୟରେ ମଧ୍ୟ ଠିକ ଏହା ଘଟିଥାଏ। ଏହି ସାମଗ୍ରୀ ଥରେ ପଡ଼ିଗଲେ ସଫା କରିବା ପ୍ରାୟତଃ ଅସମ୍ଭବ। ବ୍ରିଟେନର ୭୮ ପ୍ରତିଶତ ବେଳାଭୂମିରେ ମର୍ଡ଼ଲ୍ସ ଦେଖିବାକୁ ମିଳେ। ବର୍ଜ୍ୟ ପରିଚାଳନାର ଅଭାବ ହିଁ ମହାସାଗରୀୟ ପ୍ଲାଷ୍ଟିକ ପ୍ରଦୂଷଣର ମୁଖ୍ୟ ସମସ୍ୟା। ୧୯୫୦ ମସିହାରୁ ପ୍ଲାଷ୍ଟିକ ପୁନଃଚକ୍ରଣ ଆରମ୍ଭ ହୋଇଥିଲେ ମାତ୍ର ୯ ପ୍ରତିଶତ ପ୍ଲାଷ୍ଟିକ ହିଁ ପୁନଃ ବ୍ୟବହାର କରାଯାଉଛି। ଅନ୍ୟଗୁଡ଼ିକ ମାଟି ଓ ପାଣିରେ ମିଶି ରହୁଛି। ତେଣୁ ପ୍ରଥମେ ସମସ୍ୟାର ମୂଳକୁ ଜାଣିବାକୁ ହେବ ଓ ତଦନୁଯାୟୀ ପଦକ୍ଷେପ ନେବାକୁ ହେବ ବୋଲି ଲୁଇସା କାସୋନ କହିଛନ୍ତି। ଏଥିରେ ପ୍ରତି ଦେଶର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ। ଏ ଦିଗରେ ସବୁଠାରୁ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି କୋଷ୍ଟାରିକା ସରକାର। ୨୦୧୨ ମସିହା ସୁଦ୍ଧା ଦେଶରେ ସମସ୍ତ ଡିସକୋଜେବୁଲ ପ୍ଲାଷ୍ଟିକର ବ୍ୟବହାର ବନ୍ଦ କରିବା ପାଇଁ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ହାତରେ ଯଥେଷ୍ଟ ସମୟ ଥିବାରୁ ଏହାର ବିକଳ୍ପ ଖୋଜିବା ପାଇଁ ଆଗୁଆ କୁହାଯାଇଛି।

୨୦୫୦ ମସିହା ବେଳକୁ ସମୁଦ୍ରରେ ମାଛ ଅପେକ୍ଷା ଅଧିକ ପ୍ଲାଷ୍ଟିକ ପହଁରୁଥିବପ। କେବଳ ସେତିକି ନୁହେଁ ବିଶ୍ୱ ବ୍ରହ୍ମାଣ୍ଡରେ ଯେତିକି ତାରା ଅଛନ୍ତି ତା ଠାରୁ ଅଧିକ ଅର୍ଥାତ୍ ୫୧ ଟ୍ରିଲିୟନରୁ ଅଧିକ ସୂକ୍ଷ୍ମାତିସୂକ୍ଷ୍ମ ପ୍ଲାଷ୍ଟିକ କଣିକା ଏବେ ମହାସାଗରରେ ମିଶି ସାରିଛି। ଜାତିସଂଘ ଅଭିଯାନ ପରିପ୍ରେକ୍ଷୀରେ ସାମୁଦ୍ରିକ ପ୍ଲାଷ୍ଟିକ ବର୍ଜ୍ୟ କମ କରିବା ଦିଗରେ କେତେକ ଦେଶ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ଦଶଟି ଦେଶ କ୍ଲିନ ସି ଅଭିଯାନରେ ସ୍ୱାକ୍ଷର କରିସାରିଲେଣି। ଇଣ୍ଡୋନେସିଆ ଆଗାମୀ ୨୦୨୫ ମସିହା ସୁଦ୍ଧା ସାମୁଦ୍ରିକ ଆବର୍ଜନା ପରିମାଣ ୭୦ ପ୍ରତିଶତରୁ କମ କରିବାର ପ୍ରତିଶ୍ରୁତି ଦେଇଛି। କୋଷ୍ଟାରିକା ଜନସଚେତନତା ଓ ପରିବେଶ ଶିକ୍ଷା ମାଧ୍ୟମରେ ଦେଶର ଡ଼ିସାପୋଜେବୁଲ ପ୍ଲାଷ୍ଟିକ ବ୍ୟବହାରକୁ ସମୂହ ବନ୍ଦ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ଅନ୍ୟ ଦେଶମାନେ ପ୍ଲାଷ୍ଟିକ ଉପର ଅଧିକ ଶୁଳ୍କ ଲାଗୁ କରିବାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ କରିବାକୁ ହେବ। ଯେମିତିକି ପାନୀୟ ପାଇଁ ଷ୍ଟ୍ର ବ୍ୟବହାର ନକରିବା, ଡିସପୋଜେବୁଲ ପ୍ଲାଷ୍ଟିକ ବଟଲରୁ ପାଣି ପିଇବା ଅପେକ୍ଷା ନିଜ ସହ ପାଣି ନେବା, ମାର୍କେଟିଂରେ ଯିବା ବେଳେ ନିଜ ବ୍ୟାଗ ନେବା, ପିଲାଙ୍କ ପାଇଁ ଡାୟାପର ବଦଳରେ କପଡ଼ା ବ୍ୟବହାର କରିବା ଇତ୍ୟାଦି। ଏଥିପାଇଁ ପ୍ରତ୍ୟେକ ନଗରପାଳିକାକୁ ଦୃଢ଼ ପଦକ୍ଷେପ ନେବାକୁ ହେବ। ଯେମିତିକି ପ୍ଲାଷ୍ଟିକ ବ୍ୟାଗ ପାଇଁ ୫୦ ପଇସା ବଦଳରେ ୫ ଟଙ୍କା ନେବା। ସ୍କୁଲମାନେ ମଧ୍ୟ ପୃଥିବୀ ଓ ପରିବେଶ ସମ୍ପର୍କରେ ପିଲାମାନଙ୍କ ମନରେ ମୂଲ୍ୟବୋଧ ସୃଷ୍ଟି କରିପାରିବା ଆବଶ୍ୟକ ଯେମିତି କି ଜାବାନରେ ସ୍କୁଲ ପିଲମାନଙ୍କୁ ଆବର୍ଜନା ସୃଷ୍ଟି ନକରିବାର ଶିକ୍ଷା ଦିଆଯାଏ ଖୁବ ଛୋଟ ଦିନରୁ ବିଶ୍ୱର ୫୭ଟି ପ୍ରଦୂଷିତ ନଦୀର ୭୯ଟି ଲେଖାଏଁ ସ୍ଥାନରୁ ଜଳର ନମୁନା ନେଇ ଦେଖାଯାଇଥିଲା ଯେ ୧୦ଟି ନଦୀ ସର୍ବାଧିକ ପ୍ରଦୂଷିତ। ଏ ମଧ୍ୟରୁ ଆଠଟି ଅଛି ଏସିଆ ମହାଦେଶରେ।

ନିକଟରେ ପ୍ରକାଶିତ ହୋଇଥିବା ଏହି ରିପୋର୍ଟ ଅନୁଯାୟୀ ୨୦୫୦ ମସିହା ବେଳକୁ ପ୍ରତି ମିନିଟରେ ୪ ଟ୍ରକ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରରେ ମିଶୁଥିବ ବୋଲି ଆକଳନ କରାଯାଇଛି। ଚୀନ, ଇଣ୍ଡୋନେସିଆ, ଫିଲିପାଇନ୍ସ, ଥାଇଲାଣ୍ଡ ଏବଂ ଭିଏତନାମ ଅଧିକରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରକୁ ଛାଡୁଛନ୍ତି। ୟାଙ୍ଗଜେ ନଦୀ ପ୍ରତିବର୍ଷ ସମୁଦ୍ରକୁ ୭୨୭ ମିଲିୟନ ପାଉଣ୍ଡ ପ୍ଲାଷ୍ଟିକ ଛାଡୁଥିବା ବେଳେ ଗଙ୍ଗାନଦୀ ୧.୨ ବିଲିୟନ *(ଅବଶିଷ୍ଟାଂଶ ପୃଷ୍ଠା ୭ରେ)*

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୫ ଫେବୃଆରୀ ୨୦୨୫, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସାଧାରଣ ଜନତାଙ୍କ ପାଇଁ ନୁହେଁ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ବଜେଟଗୁଡ଼ିକର ବିଶେଷତ୍ୱ ହେଉଛି ଯେ ଏହା ଶୁଣିବାକୁ ଖୁବ୍ ଭଲ ଲାଗେ । କିନ୍ତୁ ଗତଥରର ବଜେଟ୍ ଘୋଷଣାର କ'ଣ ହେଲା, ସେଥିରୁ କେତେଟା ପୂରଣ ହେଲା, ସେ ସମ୍ପର୍କରେ ନିରବ ଥାଏ । ଚଳିତ ଥର ସେ ବଜେଟ୍‌ରେ ଘୋଷଣା କରିଛନ୍ତି ଯେ ସରକାର ଗରିବ, ଯୁବକ, ଅନ୍ନଦାତା ଏବଂ ମହିଳାଙ୍କ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି । କିନ୍ତୁ ବଜେଟ ବରାଦରେ ଏହି ଚାରିଗୋଷ୍ଠୀର ଲୋକଙ୍କ ଜୀବନଯାପନରେ ସୁବିଧା ହେବା ଭଳି କିଛି ବିଷୟ ଥିବା ପରି ଜଣାପଡୁନାହିଁ । ଗତ ବଜେଟ୍‌ରେ ମଧ ସମାନ ଅଗ୍ରାଧିକାର ଘୋଷଣା ହୋଇଥିଲା ଏବଂ ବର୍ଷକ ପରେ ସେଥିରେ କ'ଣ ଅଗ୍ରଗତି ଘଟିଛି, କାହିଁକି ବ୍ୟୟବରାଦ କମିଗଲା ତାହା ଚଳିତ ବଜେଟ୍‌ରେ ଉଲ୍ଲେଖ ନାହିଁ । ବଜେଟ ପୂର୍ବରୁ ଅର୍ଥନୈତିକ ସମୀକ୍ଷା ଉପସ୍ଥାପିତ ହୋଇଛି । ଏହି ସମୀକ୍ଷା ସରକାରୀ ତଥ୍ୟ ଉପରେ ପର୍ଯ୍ୟବସିତ ହୋଇଥାଏ । ଏ ବର୍ଷର ସମୀକ୍ଷାରେ ଦେଖାଯାଇଛି ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧିର ହାର ସହ ଶିଳ୍ପପତିଙ୍କ ଲାଭାଂଶ କିଭଳି ବଢ଼ିଚାଲିଛି ଏବଂ ଶ୍ରମଜୀବୀଙ୍କ ମଜୁରୀର ଅଂଶ ଗୋଟିଏ ଜାଗାରେ ସ୍ଥିର ହୋଇ ରହିଯାଇଛି । କାରଣ ଲୋକଙ୍କ ହାତରେ ଟଙ୍କା ନାହିଁ । ବେକାରୀ, କ୍ଷୁଧା ଯେ ଆମ ଦେଶକୁ ପଛକୁ ନେଇଯାଉଛି, ସରକାର କ'ଣ ଏହା ଜାଣନ୍ତି ନାହିଁ ? ସରକାର କ'ଣ ଜାଣନ୍ତି ନାହିଁ, ଦେଶବ୍ୟାପୀ କୃଷକ ଆନ୍ଦୋଳନ ଓ ଅସନ୍ତୋଷ କୃଷି ବିପନ୍ନତା ଦିଗ ପ୍ରତି ଇଙ୍ଗିତ କରୁଛି ! ଏହି ସବୁ ଇଙ୍ଗିତକୁ ଗୁରୁତ୍ୱ ଦେଇ ନାହିଁ ଏଥରର ବଜେଟ । ଏଥରର ବଜେଟରୁ ଦେଶର ଜନସାଧାରଣଙ୍କ ଆଶାଥିଲା କର୍ମମୁଖୀ ପ୍ରକଳ୍ପ, ଜିନିଷପତ୍ରର ଦାମ କମାଇବାର ନୀତି, ଦେଶର ଉତ୍କଟ ବେକାରୀ ସମସ୍ୟାର ସମାଧାନ ପାଇଁ ଦୃଢ଼ ବ୍ୟବସ୍ଥା, ଖାଦ୍ୟ ସୁରକ୍ଷା ନୀତି, କୃଷି ସଂକଟ ଓ କୃଷକଙ୍କ ସମସ୍ୟାର ନିରାକରଣ । ଏସବୁ ପାଇଁ କୌଣସି ପଦକ୍ଷେପ ବଜେଟରେ ନିଆଯାଇଥିବା ପରି ମନେ ହୁଏନା । ଏବେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣରରେ ଅଗ୍ରାଧିକାର ଦେଇଥିବା ଦିଗ ପ୍ରତି ଦୃଷ୍ଟି ଦିଆଯାଉ । କୃଷି ଓ କୃଷକଙ୍କୁ ଗୁରୁତ୍ୱ ଦିଆଯାଇଥିବା ବଜେଟ୍‌ରେ ଘୋଷଣା ହୋଇଛି । କିନ୍ତୁ କୃଷି ବିଭାଗର ବଜେଟକୁ ଦେଖିଲେ ଲାଗୁଛି କୃଷି ଏବଂ କୃଷକର ଉନ୍ନତି ପାଇଁ ଗତବର୍ଷ ଯେଉଁ ପ୍ରକୃତବ୍ୟୟ ହୋଇଥିଲା, ତାହା ଥିଲା ୧.୩ ଲକ୍ଷ କୋଟି ଟଙ୍କା । ଏ ବର୍ଷ ସେହି ବରାଦ କମାଇ କରାଯାଇଛି ୧.୨ ଲକ୍ଷ କୋଟି ଟଙ୍କା । ସାର କ୍ଷେତ୍ରରେ ଗତବର୍ଷ ରିହାତି ବାବଦରେ ବ୍ୟୟ ଥିଲା ୧.୬ ଲକ୍ଷ କୋଟି ଟଙ୍କା । ଏଥର ତାହା କମାଇ କରାଯାଇଛି ୧.୫ ଲକ୍ଷ କୋଟି ଟଙ୍କା । ମୂଲ୍ୟବୃଦ୍ଧିର ହାରକୁ ଧରିଲେ ଏହି ବରାଦ ଯଥେଷ୍ଟ କମିଛି । ଏହାଛଡ଼ା ବହୁଳ ପ୍ରଚାରିତ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଫସଲ ବୀମାକୁ ଗତବର୍ଷର ୧୫୮୬୪ କୋଟି ଟଙ୍କାରୁ କମାଇ ୧୨୨୪୨.୨୭ କୋଟି ଟଙ୍କାକୁ କରାଯାଇଛି । ସରକାରଙ୍କ ପାଖରେ ଯୁବବର୍ଗର ମୁଖ୍ୟ ଦାବି କର୍ମ ସଂସ୍ଥା । ବଜେଟ ବରାଦ ୨.୬୨ ଲକ୍ଷ କୋଟି ଟଙ୍କାରୁ କମାଇ ୨.୫୫ ଲକ୍ଷ କୋଟି ଟଙ୍କା କରାଯାଇଛି । ଖାଦ୍ୟ ଓ ସାଧାରଣ ବଣ୍ଟନରେ ଗତ ବର୍ଷ ବରାଦ ଥିଲା ୨.୯ ଲକ୍ଷ କୋଟି ଟଙ୍କା । ପ୍ରକୃତରେ ବ୍ୟୟ ୨ ଲକ୍ଷ କୋଟି ଟଙ୍କା । ଏଥର ବରାଦ କରାଯାଇଛି ୨.୧ ଲକ୍ଷ କୋଟି ଟଙ୍କା । ବିଶ୍ୱ କ୍ଷୁଧା ସୂଚନାଙ୍କରେ ଭାରତ କ୍ରମାଗତ ନିମ୍ନଗାମୀ ହେଉଥିବା ବେଳେ ସରକାରଙ୍କର କୌଣସି ଚିନ୍ତା ଥିବା ପରି ମନେ ହୁଏନା । ଏହି ବଜେଟରେ ଅର୍ଥମନ୍ତ୍ରୀ ମତ୍ସ୍ୟ ଚାଷର ଗୁରୁତ୍ୱ କଥା ବଜେଟରେ କହିଛନ୍ତି । ଏଥିପାଇଁ ଗତବର୍ଷ ବରାଦ ଥିଲା ୪୪୨୨.୨୪ କୋଟି ଟଙ୍କା । ଖର୍ଚ୍ଚ ହୋଇଛି ୩୮୩୯.୨୫ କୋଟି ଟଙ୍କା । ଏ ବର୍ଷର ବରାଦ ୪୮୪୦.୪୦ କୋଟି ଟଙ୍କା । ମୁଦ୍ରାସ୍ଫୀତିର ହାର ଦେଖିଲେ ଏ ବୃଦ୍ଧି କିଛି ନୁହେଁ । ଗତବର୍ଷର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବରାଦ ୩୦୧୭୦.୬୧ କୋଟି ଟଙ୍କା, ମାତ୍ର ବ୍ୟୟ ହୋଇଥିଲା ୧୩୬୭୦ କୋଟି ଟଙ୍କା; ଅର୍ଥାତ ଅର୍ଦ୍ଧେକରୁ କମ୍ । ଏଥର ବରାଦ ହୋଇଛି ମାତ୍ର ୧୯୭୬୪ କୋଟି ଟଙ୍କା । ସ୍ୱଚ୍ଛ ଭାରତ ମିଶନରେ ବରାଦ ବଢ଼ି ନାହିଁ । ଗ୍ରାମୀଣ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଜଳ ଜୀବନ ମିଶନରେ ଗତବର୍ଷ ବରାଦ ଥିଲା ୭୦୧୫୨.୧୦ କୋଟି ଟଙ୍କା । ଏହି ବର୍ଷ ତାହା କମି ୩୭୦୦୦ କୋଟି ଟଙ୍କା କରାହୋଇଛି । ଏହିଭଳି ଜନସାଧାରଣଙ୍କ ପ୍ରତିଦିନର ଜୀବନର ପ୍ରୟୋଜନୀୟ ପ୍ରକଳ୍ପଗୁଡ଼ିକର ବରାଦ ସାମାନ୍ୟ ବି ବଢ଼ି ନାହିଁ । ସାମାଜିକ କଲ୍ୟାଣ, ଗ୍ରାମ ଉନ୍ନୟନ, ନଗରାୟନ ଭଳି କେତେକ କ୍ଷେତ୍ରରେ ବ୍ୟୟବରାଦ କମାଯାଇଛି । ଦେଶର ଜନତାଙ୍କ ଜୀବନ ଜୀବିକା କ୍ଷେତ୍ରର କେତୋଟି ସ୍ପର୍ଶକାତର କ୍ଷେତ୍ର ରହିଛି । ସେହି କ୍ଷେତ୍ରଗୁଡ଼ିକ ଗତ କେଇବର୍ଷ ହେବ ଆକ୍ରାନ୍ତ । ଏହିଭଳି କ୍ଷେତ୍ରର ବଜେଟର ବ୍ୟୟ ବରାଦକୁ ଦେଖାଯାଉ । ସଂଖ୍ୟାଲଘୁ ସମ୍ପ୍ରଦାୟ ବିଭାଗର ବଜେଟ ବରାଦ ଗତବର୍ଷ ଥିଲା ୩୧୮୩.୧୮ କୋଟି ଟଙ୍କା । କିନ୍ତୁ ପ୍ରକୃତରେ ବ୍ୟୟ ହୋଇଥିଲା ୧୮୬୮.୧୮ କୋଟି ଟଙ୍କା । ଏ ବର୍ଷ ବରାଦ କରାଯାଇଛି ୩୩୫୦ କୋଟି ଟଙ୍କା । ଭିନ୍ନକ୍ଷମ ଲୋକଙ୍କ ପାଇଁ ଗତବର୍ଷ ବରାଦ ଥିଲା ୧୨୨୫.୨୭ କୋଟି ଟଙ୍କା । କିନ୍ତୁ ଅସଲରେ ଖର୍ଚ୍ଚ ହୋଇଛି ୧୧୬୭.୨୭ କୋଟି ଟଙ୍କା । ଏହି ପ୍ରକଳ୍ପରେ ଏଥରର ବରାଦ ୧୨୭୫ କୋଟି ଟଙ୍କା । ଏହି ଦୁଇଟି କ୍ଷେତ୍ରରେ ମୂଲ୍ୟବୃଦ୍ଧିର ହାରକୁ ବିଚାରକୁ ନେଲେ ବରାଦ କମିଯାଇଛି । ବଜେଟରେ କୁହାଯାଇଛି ସରକାରୀ ମାଧ୍ୟମିକ ସ୍କୁଲରେ ବ୍ରଡବାଣ୍ଡ୍ ଇଣ୍ଟରନେଟ ଦେବାର କଥା । କିନ୍ତୁ ନୂଆ ଶିକ୍ଷାନୀତିରେ ଘରୋଇକରଣର ଚାପରେ ବହୁ ବିଦ୍ୟାଳୟ ବନ୍ଦ ହେବାର ଯେଉଁ ସୂଚନା ମିଳୁଛି, ସେ ଦିଗରେ ସରକାରଙ୍କ ମନୋଭାବ କ'ଣ ତାହା ବଜେଟରେ ପ୍ରକାଶ ପାଇନାହିଁ ।

## ମାଟିର ଜନକ 'ମଧୁସୂଦନ ଦାସ'



### ଡକ୍ଟର ଶରତ୍ ଚନ୍ଦ୍ର ମିଶ୍ର

ସେ ଦିନ ଥିଲା ରବିବାର । ୧୯୩୪ ମସିହା ଫେବୃଆରୀ ମାସ ଚାରି ତାରିଖ । ମାଘ ମାସର ଶୀତୁଆ ସକାଳ । ସୂର୍ଯ୍ୟ ଉଠିଲେଣି କି ନାହିଁ ଜାଣି ହେଉ ନାହିଁ । ରାସ୍ତାରେ ଯାଉଥିବା ଲୋକେ କୁହାକୁହି ହେଉଥାନ୍ତି 'ଧୀପ ଲିଭିଗଲା' । କଥା ପଦକ ଏ କାନରୁ ସେ କାନ ହୋଇ ଜଙ୍ଗଲ ନିଆଁ ପରି ଚାରିଆଡ଼େ ବ୍ୟାପିଗଲା । ଓଡ଼ିଆ ଜାତିର ଦୀପ ଲିଭି ଯାଇଛି । ରାତି ଗୋଟାଏ ଗୋଡ଼ିଏ ମିନିଟରେ ଏ ଜାତିର ମୁକୁଟ ବିହୀନ ସମ୍ରାଟ 'ମଧୁବାବୁ' ବା 'ମଧୁବାରିଷ୍ଟର' ଶୋଇ ଯାଇଛନ୍ତି ମହା ନିଦ୍ରାରେ । ସେ ଥିଲେ ଆଧୁନିକ ଓଡ଼ିଶା ପ୍ରଦେଶ ଗଠନର ନବ ନିର୍ମାତା, ଭାଷା ଭିତ୍ତିକ ପ୍ରଦେଶ ଗଠନର ଆଦ୍ୟ ପ୍ରବକ୍ତା ଓ ନବ ଜାଗରଣର ପଥ ପ୍ରଦର୍ଶକ । ଯାହାଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀ କହୁଥିଲେ 'ଲିଓ ଟଲଷ୍ଟୟ'ଙ୍କର ଦ୍ୱିତୀୟ ଅବତାର ବୋଲି ।

ସେହି ଜନ ନାୟକଙ୍କ ଜନ୍ମ ଏପ୍ରିଲ ଅଠାଇଶ ତାରିଖ 'ଶୁକ୍ରବାର' ୧୮୪୮ ମସିହାରେ କଟକ ଜିଲ୍ଲାର ବିରୂପା ନଦୀ କୂଳସ୍ଥ ସତ୍ୟଭାମାପୁର ଗ୍ରାମରେ ହୋଇଥିଲା । ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀ । ପୁତ୍ର ଜନ୍ମରେ ଆନନ୍ଦିତ ହୋଇ ପରିବାର, ପଡ଼ୋଶୀ ଓ ଗୁରୁଜନ ନାମ ଦେଲେ 'ଗୋବିନ୍ଦ ବଲ୍ଲଭ'; ହେଲେ ପରେ ବିଦ୍ୟା ଶିକ୍ଷା ସମୟରେ ପିତାମାତା ବିଦ୍ୟାଳୟରେ ନାମ ଲେଖାଇଲେ 'ମଧୁସୂଦନ ଦାସ' ଭାବରେ । ଗାଁ ଚାଟଶାଳୀରେ ମାଟି ବଂଶ ଅବଧାନଙ୍କ ଠାରୁ ପ୍ରଥମ ଶିକ୍ଷା ଆରମ୍ଭ । ଗ୍ରାମ ଚାଟଶାଳୀ ଓ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ସେ କଟକ ଜିଲ୍ଲା ସ୍କୁଲରେ ଅଧ୍ୟୟନ କଲେ । ୧୮୬୪ରେ ପ୍ରବେଶିକା ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲେ । ଉଚ୍ଚ ଶିକ୍ଷା ନିମନ୍ତେ କଟକରେ କଲେଜ ନଥିବାରୁ ସେ ୧୮୬୪ରୁ ୧୮୬୬ ପର୍ଯ୍ୟନ୍ତ ବାଲେଶ୍ୱରରେ ଶିକ୍ଷକତା କଲେ । ବାଲେଶ୍ୱରରେ ଶିକ୍ଷକତା କରୁଥିବା ସମୟରେ 'ନଅଙ୍କ ଦୁର୍ଭିକ୍ଷ'ର ତାଣ୍ଡବ ଲୀଳା ସ୍ୱଚକ୍ଷୁରେ ଦେଖିଲେ । ମର୍ମେ ମର୍ମେ ଅନୁଭବ କଲେ ଓଡ଼ିଆ ଭାଷାର ଉନ୍ନତି ନହେଲେ ଓ ଓଡ଼ିଆ ଜାତି (ଓଡ଼ିଆ ଭାଷାଭାଷୀ) ଏକତ୍ରିତ ନହେଲେ ଓଡ଼ିଶାର ପରିତ୍ରାଣ ନାହିଁ । ନଅଙ୍କ ଦୁର୍ଭିକ୍ଷରେ ଅଣ୍ଟା ଭାଙ୍ଗିଯାଇଥିବା ଓଡ଼ିଆ ଜାତିପ୍ରତି ନିର୍ମମ ପ୍ରହାର କରିଥିଲେ କେତେକ କୁଚକ୍ରୀ ବଙ୍ଗାଳୀ । ଓଡ଼ିଆ ଭାଷାକୁ ବିଲୋପ କରିବାର ଚକ୍ରାନ୍ତ ମଧୁବାବୁଙ୍କୁ ଗଭୀର ଚିନ୍ତାରେ ପକାଇଲା ।

ବିନା ଶିକ୍ଷାରେ ଆଗକୁ ଆଗେଇବା, ବଙ୍ଗାଳୀଙ୍କୁ ପ୍ରତିହତ କରିବା ଓ ଇଂରେଜ ଶାସକଙ୍କୁ ପ୍ରଭାବିତ କରିବା ଅସମ୍ଭବ । ୧୮୬୬ରେ ସେ ବାଲେଶ୍ୱରରୁ ସେ ଚାକିରୀ ପରିତ୍ୟାଗ କରି ଉଚ୍ଚଶିକ୍ଷା ପାଇଁ କଲିକତା ଯାତ୍ରା କଲେ । ହେଲେ ଉଚ୍ଚଶିକ୍ଷା ପାଇଁ ଅର୍ଥର ଆବଶ୍ୟକତା ବି ଜରୁରୀ । ସେଠାରେ ରହିବା, ଖାଇବା ସହ- ପଢ଼ାଖର୍ଚ୍ଚ । ସେଠାରେ ଥିବା ଓଡ଼ିଆ ମାନେ କୁଲି ଭାବରେ ନିରୀହ ଜୀବନ କଟାଇ, ବଙ୍ଗାଳୀଙ୍କର ଘୃଣା ଓ ତାଚ୍ଛଲ୍ୟର ଶିକାର ହେଉଛନ୍ତି । ସେଠାରେ ପାଦ୍ରୀ 'ଅମ୍ବିକା ପ୍ରସାଦ'ଙ୍କ ସହ ସାକ୍ଷାତ କରିଚିତି ହେବା ପରେ ସେ ଉଚ୍ଚଶିକ୍ଷା ପାଇଁ ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଲେ । ବଦଳରେ 'ଖ୍ରୀଷ୍ଟଧର୍ମ' ଗ୍ରହଣ କରିବାକୁ ପଡ଼ିବ । ସେ ହିନ୍ଦୁଧର୍ମ ଓ ଜଗନ୍ନାଥଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ ବି ଉଚ୍ଚଶିକ୍ଷା ପାଇଁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ଉଚ୍ଚଶିକ୍ଷାର ସୁଯୋଗକୁ ହାତଛଡ଼ା ନକରିବା ପାଇଁ । ତେଣୁ ୧୮୬୯ ମସିହାରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ଉଚ୍ଚଶିକ୍ଷାର ସୁଯୋଗକୁ ହାତଛଡ଼ା ନକରିବା ପାଇଁ । ତେଣୁ ୧୮୬୯ ମସିହାରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ।

ଛାତ୍ରାବସ୍ଥାରେ ତାଙ୍କୁ ଦୁଃଖ ଦାରିଦ୍ର ସହିତ ଯୁଦ୍ଧ କରିବାକୁ ପଡ଼ିଥିଲା । କଲିକତାର ମୁନିସିପାଲିଟିର ବତିଖୁଣ୍ଟ ତଳେ ବସି ପଢୁଥିଲେ ଓ ଅନେକ ସମୟ ମୁଢ଼ି ଖାଇ ଦିନ କଟାଇଥିଲେ । ୧୮୬୮ରେ ଏଫ୍.ଏ. ଓ ୧୮୭୦ରେ ବି.ଏ. ପାସ୍ କରି ପ୍ରଥମ ଓଡ଼ିଆ ଗ୍ରାଜୁଏଟ ହେବାର ଗୌରବ ଅର୍ଜନ କରିଥିଲେ । ୧୮୭୩ରେ ସେ ପ୍ରଥମ ଓଡ଼ିଆ ଭାବରେ ଇଂରାଜୀରେ ଏମ.ଏ ପାସ କଲେ । ସେହି ବର୍ଷ ତାଙ୍କର 'ସୌଦାମିନୀ'ଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲେ । କଲିକତାର ଶ୍ରୀରାମପୁର କଲେଜରେ ଇଂରାଜୀ ଅଧ୍ୟାପକ ଭାବେ ଯୋଗଦେଲେ । ସାର୍ ଆଶୁତୋଷ ମୁଖାର୍ଜୀ ଓ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ସେ କେବଳ ଇଂରାଜୀ ଅଧ୍ୟାପକ ନଥିଲେ ବରଂ ମଣିଷ ଜୀବନର ଦୁଇଟି ଦିଗ ଚରିତ୍ର ଓ ସ୍ୱାଧୀନ ବୋଧକୁ ସମ୍ମାନ ଦେବାକୁ ଉତ୍ସାହିତ କରୁଥିଲେ । କଲିକତାରେ ଥିବା ଓଡ଼ିଆମାନଙ୍କର ଶିକ୍ଷା ବୃଦ୍ଧି ପାଇଁ ଏକ ନୈଶ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଓ ଖିଦିରପୁର ଓଡ଼ିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱ ବି ବହନ କରିଥିଲେ ।

ସେ ବର୍ଷ ଥିଲା ତାଙ୍କ ପାଇଁ ଉଭୟ ଦୁଃଖ ଓ ଆନନ୍ଦର ବର୍ଷ । ୧୮୭୮ ମସିହାରେ ସେ ଓକିଲାତି ପାସ୍ କଲେ ଓ ପଶ୍ଚିମବଙ୍ଗର ଚବିଶ ପ୍ରଗଣା ଜିଲ୍ଲାର ଆଲିପୁର କୋର୍ଟରେ ନିଦର ପ୍ରଥମ ଓକିଲାତି ଜୀବନ ଆରମ୍ଭ କଲେ । ମାତ୍ର ଆନନ୍ଦର ଅଳ୍ପଦିନ ପରେର ପତ୍ନୀ ସୌଦାମିନୀ ସବୁଦିନ ପାଇଁ ତାଙ୍କୁ ଏକା କରି ଚାଲିଗଲେ । ଏଣୁ ସେ ୧୮୮୦ରେ ଓଡ଼ିଶା ଫେରିଲେ ଓ ପ୍ରଥମ ଓଡ଼ିଆ ଓକିଲ ଭାବେ କଟକରେ ଓକିଲାତି ଆରମ୍ଭ କଲେ ।

ସେ ମର୍ମେ ମର୍ମେ ଅନୁଭବ କରୁଥିଲେ ଯେ- 'ବିଚ୍ଛିନ୍ନାଞ୍ଚଳ ଓଡ଼ିଆଭାଷାଙ୍କର ମିଶ୍ରଣ ନଘଟିଲେ ଓଡ଼ିଆ ଭାଷା ଓ ଓଡ଼ିଶା ରାଜ୍ୟ ସଭ୍ୟ ଜଗତରୁ ବିଲୋପ ହୋଇଯିବ । ଏଣୁ ସେ ୧୮୮୨ରେ 'ଉତ୍କଳଦୀପିକା' ପତ୍ରିକାର ସମ୍ପାଦକ କର୍ମବୀର ଗୌରୀଶଙ୍କର ରାୟଙ୍କର ସହଯୋଗ କ୍ରମେ ଓଡ଼ିଶାର କେତେକ ଶିକ୍ଷିତ ତଥା ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ 'ଉତ୍କଳ ସଭା' ନାମକ ଏକ ସଂଗଠନ ଗଠନ କଲେ । ଯାହାକି 'ଉତ୍କଳ ସମ୍ମିଳନୀ'ର ଏକ୍ତୁଡ଼ିଶାଳ ଥିଲା । କଟକ ଇଦ୍‌ଗା ପଡ଼ିଆରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପୌରୋହିତ୍ୟରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଐତିହାସିକ ସମ୍ମିଳନୀର ମଧୁସୂଦନ ଦାସ ମୁଖ୍ୟ ପୁରୋଧା ହୋଇ ଗାଇଥିଲେ- 'ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ- କୋଟି ପ୍ରାଣବନ୍ଧୁ ଧରେ,

ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ- ଡେଇଁପଡ଼ି ସିନ୍ଧୁନୀରେ ।' ପ୍ରତ୍ୟେକ ଉତ୍କଳବାସୀ ଏହି ଆହ୍ୱାନକୁ ସାଦରେ ଗ୍ରହଣ କରି 'ସତନ୍ତ୍ର ଉତ୍କଳ' ଗଠନ ପାଇଁ ବଜ୍ର ଶପଥ ନେଲେ । କାରଣ ସେତେବେଳେ ଅନେକ ଓଡ଼ିଆ ବଙ୍ଗଳା, ମାଡ୍ରାସ, ମଧ ପ୍ରଦେଶ ଓ ବିହାର ଅଞ୍ଚଳରେ ରହି ଉତ୍ପୀଡ଼ନର ଶିକାର ହେଉଥିଲେ । ରାଜ୍ୟ ରାଜୁଡ଼ା ଓ ଜମିଦାରଙ୍କର ଅତ୍ୟାଚାରେ ତିନିଶହ ବର୍ଷରୁ ଉର୍ଦ୍ଧ୍ୱକାଳ ପେସି ହୋଇଥିବା ଓଡ଼ିଆ ନୂତନ ଆଶାକୁ ଫଳବତୀ କରିବା ପାଇଁ ମନ ପ୍ରାଣ ଦେଇ ଓ ଏକତାବଦ୍ଧ ହୋଇ ଆଗେଇଲେ । ଓଡ଼ିଆର ସେହି ସ୍ୱପ୍ନର ୧୯୩୬ ମସିହା ଏପ୍ରିଲ ପହିଲାରେ ପୂରଣ ହେଲା ଓ ପରାଧୀନ ଭାରତରେ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ' ଗଠନ ହେଲା । ମଧୁସୂଦନ ହେଉଛନ୍ତି ଭାଷା ଭିତ୍ତିକ ପ୍ରଦେଶ ଗଠନର ଆଦ୍ୟପ୍ରବକ୍ତା । ନୂତନ ଓଡ଼ିଶାର ନିର୍ମାଣ ଭାବରେ ତାଙ୍କର ଅବଦାନ ଚିରଦିନ ପାଇଁ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ସେ ଉତ୍କଳର ବିଦେଶ ଗୌରବ ବଢ଼ାଇଥିବାରୁ ସେତେବେଳର ବିଖ୍ୟାତ ଓଡ଼ିଆ ପତ୍ରିକା 'ଉତ୍କଳ ଦିପୀକା' ତାଙ୍କ 'ଉତ୍କଳ ଗୌରବ' ଉପାଧିରେ ଭୂଷିତ କରିଥିଲେ । ସେ ଇଂଲଣ୍ଡ ତଥା ବିଦେଶର ସମବାୟ ସଂଗଠନର କାର୍ଯ୍ୟକ୍ରମ ଗୁଡ଼ିକୁ ଅନୁଧ୍ୟାନ କରି ୧୮୯୮ରେ କଟକଠାରେ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତରେ ପ୍ରଥମ କୋ-ଅପରେଟିଭ୍ ଷ୍ଟୋରର ମାନ୍ୟତା ଲାଭ କରିଥିଲା । ସେପରି ସ୍ୱଦେଶୀ ଚମଡ଼ା ଶିଳ୍ପର ବିକାଶ ପାଇଁ ସେ ଏକକ ଉଦ୍ୟମରେ 'ଉତ୍କଳ ଟ୍ୟାନେରୀ' ଚମଡ଼ା କାରଖାନା ବସାଇଲେ । ଏଠାରେ ପ୍ରସ୍ତୁତ ହେଉଥିବା ଚମଡ଼ା, ଯୋତା, ବାକ୍ସ ଓ ସୁଟକେଶ କଲିକତା ଶିଳ୍ପ ପ୍ରଦେଶରେ ଉଚ୍ଚ ପ୍ରଶଂସିତ ହୋଇ 'ସ୍ୱର୍ଣ୍ଣପଦକ' ଲାଭ କରିଥିଲା । ପରେ ଗାନ୍ଧିଜୀଙ୍କ ଅନୁରୋଧ କ୍ରମେ ସାବରମତି ଆଶ୍ରମରେ ଏକ ଛୋଟ ଟ୍ୟାନେରୀ ମଧୁବାବୁଙ୍କ ମାର୍ଗଦର୍ଶନରେ ସ୍ଥାପିତ ହୋଇଥିଲା । ତାଙ୍କର ଦେଶପ୍ରୀତି, ଜାତୀୟତା, ସ୍ୱାଭିମାନ, ସୁଦୂରପ୍ରସାରୀ ଚିନ୍ତା ଓ ଚେତନା ଏବଂ ସର୍ବୋପରି କର୍ମ ଦକ୍ଷତା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।



ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସେ ସମ୍ଭାବନାର ସମୁଦ୍ର ବା ଆଦର୍ଶର ଧ୍ରୁବତାରା । ସେ ଓଡ଼ିଆ ଜାତିର ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଏମ.ଏ. ପ୍ରଥମ ବିଦେଶଯାତ୍ରୀ, ପ୍ରଥମ ଓଡ଼ିଆ ମନ୍ତ୍ରୀ, ଓଡ଼ିଶାର ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠାତା, ଏମିତି ଅନେକ । ସତରେ ଓଡ଼ିଆ ଜାତିର 'ମୁକୁଟ ବିହୀନ ସମ୍ରାଟ' । ଯିଏ ଜାତିର ଉତ୍‌ଥାନ ପାଇଁ ଏତେ ତ୍ୟାଗ, ଆତ୍ମୋତ୍ସର୍ଗ କରିଥିବା ମଣିଷକୁ ଏ ଜାତି ତାଙ୍କ ଭୁଲିବ କେମିତି ? ବୋଧହୁଏ ଆମେ ତାଙ୍କୁ ପାଶୋରୀ ଯାଇଛୁ ? ନହେଲେ ଆଜି ଓଡ଼ିଆ ଏତେ ଦରିଦ୍ର, ଅନଗ୍ରସର ଓ ଉପେକ୍ଷାର ପାତ୍ର ହୋଇ ନଥାନ୍ତା । ଏ ମାଟି ମା' ଆଜି ବି ନିରବରେ ଖୋଜୁଛି ଆଉ ଜଣେ ପାରିବା ପୁଅକୁ, ଜଣେ ମୁରବିକୁ, ଜଣେ ବୀର ପୁରୁଷକୁ; ଯେ ଜାତି ଗଠନର ଆଦର୍ଶ ଓ ଅନୁଚିନ୍ତାକୁ ପାଥେୟ କରି ସୂତ୍ରପାତ କରିବ ଏକ ନୂତନ ଆନ୍ଦୋଳନର । ମଣିଷର ନୁହେଁ ମାନବିକତାର । ପ୍ରତାରଣାର ନୁହେଁ ପ୍ରେମର, ସଠତାର ନୁହେଁ ସତ୍ୟର, ପ୍ରସ୍ତାବନା ନୁହେଁ ପ୍ରତିଷ୍ଠାର । ଏ ଜାତି ଆଜି ସେହି ମହାନ ତଥା ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଓ କୃତଜ୍ଞତା ଅର୍ପଣ କରିବ ସିନା !


ପ୍ରଜ୍ଞାନୀଡ଼
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର-୧
ମୋ: ୮୮୯୫୯୮୮୮୮୪


## ଡିଜିଟାଲ ଅନ୍ୟମନସ୍କତା ଓ ସମ୍ପର୍କର ନିବିଡ଼ତା



### ବିକ୍ରମ ମହାପାତ୍ର

ଆମ୍ଭେମାନେ ପ୍ରାୟତଃ ସମ୍ପ୍ରତି ଗୋଟିଏ ବିଚିତ୍ର କିନ୍ତୁ ଏହା ସ୍ୱାଭାବିକର କଥା । କଥାବାର୍ତ୍ତା ଭିତରେ ଲକ୍ଷ୍ୟ ରଖୁଥିବେ ଆପଣଙ୍କ ସାମ୍ନାରେ ବସିଥିବା ଯଦିଓ ସମସ୍ତେ ନୁହଁନ୍ତ କିଛି ବନ୍ଧୁ ନିଜ ଫୋନରେ ବ୍ୟସ୍ତ ରହିଥିବେ । ସଭାସ୍ଥଳ ହେଉ ବା ଛୋଟ ପିଲାଙ୍କ ସହ କଥାବାର୍ତ୍ତା । ଜଣେ ଜଣଙ୍କ ସହ ସମ୍ପର୍କ ବିତାଇବା ବେଳେ ଅପର ଜଣଙ୍କ କଥା ବାର୍ତ୍ତା ହେଉଥିଲେ ମଧ ସେମାନଙ୍କ ହାତ କିନ୍ତୁ ଫୋନ ଉପରେ ରହିଥାଏ । ସେହିପରି ଆଉ ଜଣେ ଜଣେ ଥାଆନ୍ତି ସେମାନେ କୌଣସି କାମରେ ବ୍ୟସ୍ତ ଥିବେ । ସାମାନ୍ୟତମ ଫୁରସତ ପାଇଲାମାନେ ମୋବାଇଲକୁ ଧରିଥାନ୍ତି । ଏହି ଅତ୍ୟାଧିକ ମୋବାଇଲ ଆସକ୍ତିକୁ ଇଂରାଜୀରେ ଫବିଂ କୁହାଯାଏ ଯାହାର ଅର୍ଥ ହେଉଛି ଅତ୍ୟଧିକ ଭାବେ ସ୍ମାର୍ଟ ଫୋନ ଉପରେ ଆସକ୍ତ ହୋଇ ନିଜ ଦୁର୍ବଳତା ପ୍ରକାଶ କରିବା । ଏହି ଆଲୋଚନାଟି ରଖିଲାବେଳକୁ ଗଣମାଧ୍ୟମର ଏକ ଖବରଟି ମୋ ନଜରକୁ ଆସିଥିଲା ତାହା ହେଉଛି ଦେଶରେ ଇଣ୍ଟରଟେ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୨୫ ମସିହାରେ ୯୦ କୋଟି ଟପିବ । ଇଣ୍ଟରନେଟ ଆଣ୍ଡ ମୋବାଇଲ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଗବେଷଣା ସଂସ୍ଥା କନ୍ତାରା ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ ୨୦୨୪ରେ ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୮୮.୬ କୋଟିରେ ପହଞ୍ଚି ଯାଇଛି । ପ୍ରତି ବର୍ଷ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟାରେ ୮ ପ୍ରତିଶତ ବୃଦ୍ଧି ଘଟୁଛି । ଅଧିକ ବୃଦ୍ଧି ଗ୍ରାମାଞ୍ଚଳରେ ହେଉଛି । ୨୦୨୪ରେ ଦେଶରେ ମୋର ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ଗ୍ରାମାଞ୍ଚଳର ସଂଖ୍ୟା ହେଲା ୪୮.୮ କୋଟି ହୋଇଥିବାବେଳେ ସହରାଞ୍ଚଳରେ ଏମାନଙ୍କ ସଂଖ୍ୟା ୩୯.୭ କୋଟି ରହିଛି । ଦେଶରେ ଇଣ୍ଟରନେଟ ବ୍ୟବହାରକାରୀମାନେ ପ୍ରତି ଦିନ ହାରାହାରି ୯୦ ମିନିଟ ବା ଦେଢ଼ ଘଣ୍ଟା ସମୟ ଏଥିରେ ବିତାଉଛନ୍ତି । ସହରାଞ୍ଚଳରେ ଇଣ୍ଟରନେଟ ବ୍ୟବହାରକାରୀମାନେ ହରାହାରି ୯୪ ମିନିଟ ଏବଂ ଗ୍ରାମାଞ୍ଚଳର ଇଣ୍ଟରନେଟ ବ୍ୟବହାରକାରୀମାନେ ୮୯ ମିନିଟ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ଇଣ୍ଟରନେଟ ବ୍ୟବହାର କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟ ମଧ କମୁଛି । ଇଣ୍ଟରନେଟ ବ୍ୟବହାରକାରୀଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୫୩ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ପ୍ରତିଶତ ୪୭ ପ୍ରତିଶତ ରହିଛି । ଇଣ୍ଟରନେଟ ସାନ୍ଦ୍ରତାରେ କେରଳ ସବୁଠୁ ଆଗରେ ରହିଛି । କେରଳରେ ଏହା ୭୨ ପ୍ରତିଶତ ଥିବାବେଳେ ଗୋଆରେ ୭୧ ପ୍ରତିଶତ ଏବଂ ମହାରାଷ୍ଟ୍ରରେ ୭୦ ପ୍ରତିଶତ ରହିଛି । ଏମାନେ ଦେଶରେ ଇଣ୍ଟରନେଟ ସାନ୍ଦ୍ରତା କ୍ଷେତ୍ରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ସବୁଠୁ ପଛରେ ପଡ଼ିଥିବପା ରାଜ୍ୟ ଗୁଡ଼ିକ ହେଲେ ବିହାର ୪୩ ପ୍ରତିଶତ, ଉତ୍ତରପ୍ରଦେଶ ୪୬ ପ୍ରତିଶତ ଏବଂ ଝାଡ଼ଖଣ୍ଡ ୫୦ ପ୍ରତିଶତ ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ୨୦୨୪ରେ ୮୭ କୋଟି (୯୮ ପ୍ରତିଶତ) ଇଣ୍ଟରନେଟ ବ୍ୟବହାରକାରୀ ଭାରତୀୟ ଭାଷାରେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ସହରାଞ୍ଚଳରେ ୫୭ ପ୍ରତିଶତ ଇଣ୍ଟରନେଟ ବ୍ୟବହାରକାରୀ ଆଞ୍ଚଳିକ ଭାଷାର ବିଷୟବସ୍ତୁକୁ ଇଣ୍ଟରନେଟରେ ଦେଖୁଛନ୍ତି । ସହରାଞ୍ଚଳରେ ହିନ୍ଦୀ, ମରାଠୀ, ତାମିଲ, ଗୁଜୁରାଟୀ, ତେଲୁଗୁ, ବଙ୍ଗଳା, କନ୍ନଡ, ମାଲାୟାଲମ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାକୁ ଇଣ୍ଟରନେଟ ବ୍ୟବହାରକାରୀ ଉପଯୋଗ କରିଛନ୍ତି । ଦେଶରେ ଭାରତୀୟ ଭାଷାରେ ହେଉଥିବା ଇଣ୍ଟରନେଟ ବ୍ୟବହାର ମଧ୍ୟରୁ ସର୍ବାଧିକ ବ୍ୟବହାର ଭିଡ଼ିଓ ଦେଖିବାରେ ହେଉଛି । ଏହା ପଛକୁ ଯଥାକ୍ରମେ ଗୀତ ଶୁଣିବା, ସୋସିଆଲ ନେଟୱାର୍କିଂ, ଅନଲାଇନ ସପିଂ ଏବଂ ଅନଲାଇନ ସର୍ଚ୍ଚ ରହିଛି । ପାଞ୍ଚ ଜଣରେ ଜଣେ ଭଏସ କମାଣ୍ଡ ଜରିଆରେ ଇଣ୍ଟରନେଟ ଆକ୍ସେସ କରୁଛନ୍ତି । ଇଣ୍ଟରନେଟ ବ୍ୟବହାରରେ ପ୍ରଗତି ସତ୍ତ୍ୱେ ଏବେ ବି ୪୧ ପ୍ରତିଶତ ଭାରତୀୟ ଏହାଠାରୁ ଦୂରରେ ଅଛନ୍ତି । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମନୋବିଜ୍ଞାନ ପତ୍ରିକାର ତଥ୍ୟ ଅନୁଯାୟୀ ସୋସିଆଲ ମିଡ଼ିଆର ନିଶା କୌଣସି ଘଟଣାରୁ ବାଦ ପଡ଼ିଯିବାର ଭୟ, ବ୍ୟକ୍ତିତ୍ୱର ଗୁଣ ଓ ମାନସିକ ଦୁଃଖ ସହ ଫବିଂ ଆଚରଣ ସକରାତ୍ମକ ଭାବେ ଜଡ଼ିତ । ସେହିପରି ବୋଷ୍ଟନ କନସଲଣ୍ଟିଂ ଗ୍ରୁପ ପରି ପ୍ରସିଦ୍ଧ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁଯାୟୀ ଆମ ଭାରତୀୟମାନେ ପ୍ରତିଦିନ ପାଖାପାଖି ପାଞ୍ଚଘଣ୍ଟା ଅର୍ଥାତ୍ ୨୯୪ ମିନିଟ ପର୍ଯ୍ୟନ୍ତ ନିଜ ସ୍ମାର୍ଟ ଫୋନରେ ସମୟ ଅତିବାହିତ କରନ୍ତି । ଏହି କ୍ରମକୁ ହିସାବ କଲେ ବର୍ଷକୁ ସେମାନେ ୭୦ ଦିନରୁ ଅଧିକର ସମୟ ଏହି କାର୍ଯ୍ୟପାଇଁ ବିନିଯୋଗ କରନ୍ତି । ସେହି ସର୍ବେକ୍ଷଣର ତଥ୍ୟ ମଧ ଏହା ସୂଚୀତ କରିଛି କି ଯେ ସ୍ମାର୍ଟଫୋନ ହାତରେ ଥିବା ଭାରତୀୟମାନେ ଦିନକୁ ପାଖାପାଖି ୮୦ ଥରରୁ ଉର୍ଦ୍ଧ୍ୱ ନିଜ ଫୋନ ଦେଖନ୍ତି । ଆମେ ଫୋନ ଦେଖିବା ବା ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ରହିଥିବା ମୋବାଇଲ ଯେ ଆମ ଜ୍ଞାନବିଜ୍ଞାନ ପାଇଁ ଅନୁପଯୋଗୀ ତାହା କହୁନାହୁଁ କିନ୍ତୁ ମାତ୍ରାଧିକ ଫୋନ ସହିତ ଆସକ୍ତି ଆପଣଙ୍କ ଜୀବନରେ ସମ୍ପର୍କର ଅନ୍ତରଙ୍ଗ, ବିଶ୍ୱାସର ଭିତ୍ତିଭୂମିକୁ ନଷ୍ଟ କରିବାକୁ ଯଥେଷ୍ଟ ।

ଆଜିର ସମୟକୁ ଟିକିଏ ଦେଖନ୍ତୁ ସୋସିଆଲ ମିଡ଼ିଆ ଏକ ଶକ୍ତିଶାଳୀ ଓ ଅମୋଘ ବ୍ୟବସ୍ଥା ସମସ୍ତଙ୍କର ତଥ୍ୟ ଜାଣିବା ପାଇଁ ଓ ଜ୍ଞାନ ବିଜ୍ଞାନ କ୍ଷେତ୍ର ପାଇଁ । ଅର୍ଥ ଦେଣନେଣ ଠାରୁ ଯେକୌଣସି କଥା ବୁଝିବା ହେଉ, କୌଣସି ଟିକେଟ ସଂରକ୍ଷଣ ବ୍ୟବସ୍ଥା ହେଉ ବା ନିଜ ଗନ୍ତବ୍ୟ ସ୍ଥଳ । ସମସ୍ତ ସୂଚନା ଏଥିରେ ଭରି ରହିଥାଏ । ବର୍ତ୍ତମାନ ସମୟ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ମଧ । ସରକାରୀ ଭାବେ ଡିଜିଟାଲ ପେମେଣ୍ଟ ଦ୍ୱାରା ନଗଦ କାରବାର ବ୍ୟବସ୍ଥା ଆର୍ଥିକ ସୁରକ୍ଷା ଓ ନିରାପତ୍ତାର ଏକ ଭଲ ଦିଗ କିନ୍ତୁ ଘଣ୍ଟା ଘଣ୍ଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଓ ଏହି ତଥାକଥିତ ଫବିଂ ଦ୍ୱାରା ଜଣଙ୍କର ନିଜ କାର୍ଯ୍ୟଦକ୍ଷତା ଓ ସାମାଜିକ ଦକ୍ଷତା ମଧ ହ୍ରାସ ପାଉଛି । ପ୍ରସିଦ୍ଧ 'ହେଲଥ ଲାଇନ ୱେବସାଇଟର ତଥ୍ୟ ମଧ ଏହା ସୂଚୀତ କରୁଛି କି ଯେ ପାଖାପାଖି ୩୨% ଲୋକ ଦିନକୁ ଦୁଇରୁ ତିନିଥର ଫୋନ ଦେଖିବା ଦ୍ୱାରା ଅନ୍ୟ ମାନଙ୍କୁ ଅଣଦେଖା କରିଥାନ୍ତି । ଏହି ସାମାଜିକ ଆଚରଣଟି ଏକ ବିଲକ୍ଷଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସାମାଜିକ ସମ୍ପର୍କ ଓ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତି ପହଞ୍ଚାଇଥାଏ । ଏହା ଏକ ଭାବନା ଓ ଭାବନାତ୍ମକ ଅସୁସ୍ଥତାକୁ କେବଳ ବଢ଼ାଇ ନଥାଏ କିନ୍ତୁ ଏହା ସୂଚୀତ କରେ ଯେ ତଥାକଥିତ ଡିଜିଟାଲ ଯୁଗରେ ଆମ୍ଭେମାନେ ଯଥେଷ୍ଟ ଅଗ୍ରଣୀ କିନ୍ତୁ ସମ୍ପର୍କଗତ ମାନବିକ ଭାବନା କ୍ଷେତ୍ରରେ ପାଖ ଲୋକଟି ଠାରୁ ମଧ ଦୂରେଇ ଯାଉଛୁ ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)





### କୁହୁଡ଼ି

**ଡ. ଦୀପକ କୁମାର ମିଶ୍ର**



ବଢ଼ି ଯାଉଥିବା ଦୃଶ୍ୟମାନ ଦୂରତ୍ୱର
ଗୁରୁତ୍ୱ
ବୁଝିବା ପୂର୍ବରୁ
ଆଖି ହୋଇଯାଇଥିଲା ଅନ୍ଧ
ତୁମର ପ୍ରତିକ୍ରିୟାଶୀଳ ଆଖିର
ଘନ କୁହୁଡ଼ିରେ ।

କୁହୁଡ଼ି ତ ଧୂଳି, ଧୂଆଁ ଓ କାକର
ମଧ୍ୟରେ
ସୃଷ୍ଟି ହୋଇଥିବା
ଏକ ଅନାଦୃତ ତ୍ରିକୋଣିଅ ପ୍ରେମ
ଯିଏ ଦୃଷ୍ଟି ଓ ଦୃଶ୍ୟ ମଝିରେ
ପରଦା ଟାଣି
ମଜାନିଏ ଆଖିର ଘୋର ଦୁର୍ଦ୍ଦିନରେ ।

ଘୁଞ୍ଚି ଯାଉଥିବା ମନ୍ଦିରର ଚୂଳ
ଦିଶୁ ନଥିବା ସବୁଜ ବୃକ୍ଷରାଜି
ସଓା ହଜେଇଥିବା ରାସ୍ତା
ରୋବାବ ଛାଡ଼ି ଝାଉଁଳି ପଡ଼ିଥିବା ରବି
ଆଲୁଅକୁ ଗିଳିଦେଇଥିବା ପବନର
ସାନ୍ଦ୍ରତା
ସବୁ ଏବେ ଆଲୋଚନାର ବିଷୟ
ଆଖି ଓ ହୃଦୟ ମଧରେ ଚାଲିଥିବା
ଘନଘନ ଆଲୋଚନାର ଗୁପ୍ତ
ବୈଠକରେ ।

ସକାଳର ଆଲୋକକୁ ନାସ୍ତା କରିଥିବା
କୁହୁଡ଼ି
ଏବେ ରକ୍ତଭୋଜି କରୁଚି
ଖୋଦ୍ ରାଜରାସ୍ତା ଉପରେ
ଯେମିତି ସବୁ ଅନ୍ଧାର ମେଲାଣି ନିଅନ୍ତି
କିଛି ନିଚ୍ଛକ ମୃତ୍ୟୁଭିଜା ଉପହାର
ଦେଇ ।


+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


### ବିଧି

**ଅରୁଣ କୁମାର ଦାସ**



ମାରାଥନ୍ ପରି ଜୀବନ ଯାକ
ଧାଉଁ ଥିବା ମଣିଷଟି
ଛୋଟୀ ପାରା ପରି ପାହୁଣ୍ଡ ଗଣି
ଚାଲିବାକୁ ହୁଏ
ହଠାତ୍ ଦୁନିଆଟା ଖାଁ ଖାଁ ଲାଗେ
ମରୁଭୂମିର ତତଲା ବାଲିରେ
ଚାଲିଲା ପରି
ମାଛ କଣ୍ଟା ଗଳାରେ ଅଟକେ ।

ପ୍ରଗଳ୍ଭା ନଦୀ ପରି କ୍ଷିପ୍ର ଗତିରେ ବହି
ଯାଉଥିବା
ଗତିପଥ ବଦଳି ବି ଯାଇଥାଏ
ଆଜୀବନ ମୂକ ପାଲଟି ଯାଏ
ବାଚାଳବତ୍ ମଣିଷଟି ।

ବହୁ ନାରୀଗାମୀ, କାମୁକ, ଲମ୍ପଟ
ପୂଜା ପାଏ ଦେବୋପମ
ସଦା ଲୁଟି ଆସୁଥିବା ବ୍ୟକ୍ତିବିଶେଷ
ଆସୀନ ହୁଏ ସଭା ମଂଚ
ଭୂଷିତ ହୋଇଥାନ୍ତି ଉପାଧିରେ ।

ସବା ପଛ ଧାଡ଼ି ପିଲାଟି ରଖେ
ସର୍ବାଧିକ ଅଙ୍କ
ସବୁ ଆକଳନକୁ ପଛରେ ପକାଇ
ଅବଧାନଙ୍କ ଅବଧାରଣାକୁ
ଭୁଲ ପ୍ରମାଣିତ କରି
ଶିରୋନାମା ପାଲଟେ ଚମକାଇ ।

ସୁରମ୍ୟ ଭବନ ବି ହୁଏ ନିକାଞ୍ଚନ
ପାଲଟି ଯାଏ ଭୂତ କୋଠି
ଯିଏ ଯେଉଁଆ ଘର ସଂସାର ଧରନ୍ତି
ହିସାବ ମିଳୁଛି କେଉଁଠି ।

ସବୁ ଡିଗ୍ରୀ, ଡିପ୍ଲୋମା,ଉପସର୍ଗ
ହେଇ ଥାଏ ଅଲୋଡା
ଉଇ ଖାଇ ମାଟି ହୁଏ
ଜୀବନ ହେଇଛି ଅସଜଡା ।

ଯାହା ମିଳେ ତାହା ଭାବେନା
ତାହା ହି ତ ମିଳେ ଯାହା ଚାହେଁନା
ଏଇତ ଆଜିର ଦୁନିଆ
ଏଇତ ବିଧି ଅବା ନା ?


❤ଠାକୁରା, ପୁରୁଣା ବଉଳମାଳ,
ଧର୍ମଶାଳା, ଯାଜପୁର
ମୋ: ୯୯୩୮୭୩୩୦୭୫

## ବ୍ୟାୟାମର ଆବଶ୍ୟକତା

କାନାଡ଼ା ବିଶ୍ୱ ବିଦ୍ୟାଳୟର ଗବେଷକ ଡେଭିଡ ହୁପିନ ୪ବର୍ଷ ଗବେଷଣା କରିବା ପରେ ତଥ୍ୟ ପ୍ରକାଶ କରିଛନ୍ତି ଯେ, ବୟସ୍କ ଲୋକେ ଦୈନିକ ଅତି କମରେ ୧୫ମିନିଟ୍ ବ୍ୟାୟାମ କରନ୍ତୁ । ଏହା ସେମାନଙ୍କ ଦୀର୍ଘାୟୁର ଅନ୍ୟତମ ରହସ୍ୟ । ୫୦ ବର୍ଷରୁ ଅଧିକ ବୟସ୍କ ବୟସର ୨ହଜାର ଲୋକଙ୍କ ଉପରେ ଏହି ଗବେଷଣା ଡେଭିଡ କରିଥିଲେ । ଯେଉଁ ବ୍ୟକ୍ତିମାନେ ନିୟମିତ ୧୫ରୁ ୨୦ ମିନିଟ ବ୍ୟାୟାମ କରୁଥିଲେ, ସେମାନଙ୍କ ମଧ୍ୟରୁ ୬୦ ପ୍ରତିଶତରୁ ଅଧିକ ଲୋକେ ସୁସ୍ଥସବଳ ଓ ନିରୋଗ ଅଛନ୍ତି । ଡେଭିଡ୍ ଏହି ଗବେଷଣା କରିବା ପରେ ବିଭିନ୍ନ ସୋସିଆଲ ସାଇଟ ତଥା ଗଣମାଧ୍ୟମ ସହାୟତାରେ ବୟସ୍କ ଲୋକଙ୍କୁ ନିୟମିତ ବ୍ୟାୟାମ କରିବାକୁ ଉପଦେଶ ଦେଇଛନ୍ତି । ଘରେ ରହି ପ୍ରାୟତଃ ଓ ସନ୍ଧ୍ୟାବେଳେ ଏହା ଅଭ୍ୟାସ କରିବା ବୟୋଜ୍ୟେଷ୍ଠ ଲୋକଙ୍କ ପାଇଁ ସର୍ବୋତ୍ତମ ।



## ସ୍ମାର୍ଟଫୋନ ଖରାପ ହେବା ପଛର କାରଣ

ସ୍ମାର୍ଟଫୋନ ଗରମ ହୋଇଗଲେ ତୁରନ୍ତ ଫୋନ ବନ୍ଦ କରିଦେବା ଉଚିତ । ତେବେ ଆବଶ୍ୟକତାଠାରୁ ଅଧିକ ସମୟ ବାର୍ତ୍ତାଳାପ କରୁଥିବା ଲୋକଙ୍କ ଫୋନ ହିଁ ଗରମ ହେଉଥିବାର ତଥ୍ୟ ମିଳିଛି । ଘଣ୍ଟାଘଣ୍ଟା ଧରି ଫୋନରେ କଥାବାର୍ତ୍ତା କରିବାର ଅଭ୍ୟାସଠାରୁ ଦୂରେଇ ରହିବା ଉଚିତ । ଜରୁରୀ ତଥ୍ୟ ଦେବା ନିମନ୍ତେ ନିର୍ମିତ ହୋଇଥିବା ସ୍ମାର୍ଟଫୋନର ଅନାବଶ୍ୟକ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ପ୍ରତ୍ୟେକ ସ୍ମାର୍ଟଫୋନ ଏସିଡି କାର୍ଡ ସହ ବ୍ୟବହାର କରିବା ଉଚିତ । ଏପରି କଲେ ସ୍ମାର୍ଟଫୋନ ହ୍ୟାଙ୍ଗ ହୋଇନଥାଏ । ସପ୍ତାହକୁ ଅନ୍ତତଃ ଥରୁଟିଏ ଫୋନ ସୁଇଚ ଅଫ କରି କିଛି ସମୟ ରଖନ୍ତୁ । ନଚେତ ରିବୁଟ କରିବା ଆବଶ୍ୟକ । ବୁନ୍ଦାଏ ପାଣି ମଧ୍ୟ ସ୍ମାର୍ଟଫୋନକୁ ଖରାପ କରିଥାଏ । ତେଣୁ ଫୋନକୁ ପାଣିଠାରୁ ଯଥା ସମ୍ଭବ ଦୂରେଇ ରଖନ୍ତୁ ।

# ହୃଦ୍‌ରୋଗରୁ କିପରି ପାଇବେ ମୁକ୍ତି



ଲୋକଙ୍କୁ ହୃତ୍‌ପିଣ୍ଡ ଓ ହୃଦରୋଗ ସଂପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖରୁ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଆସୁଛି । କିନ୍ତୁ ବିଶ୍ୱରେ ହୃଦ୍‌ରୋଗ ଜନିତ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ । ପ୍ରତିବର୍ଷ ପ୍ରାୟ ୧୭.୩ ନିୟୁତ ଲୋକ ଏହି ରୋଗରେ ପ୍ରାଣ ହରାଇଥାନ୍ତି । ୨୦୩୦ ମସିହା ସୁଦ୍ଧା ଏହି ମୃତ୍ୟୁ ସଂଖ୍ୟା ୨୩ ନିୟୁତ ଛୁଇଁବା ଆଶଙ୍କା କରାଯାଉଛି । ଏହି ସଂଖ୍ୟା ଅଷ୍ଟ୍ରେଲିଆର ଜନସଂଖ୍ୟା ସହିତ ପ୍ରାୟ ସମାନ । କିନ୍ତୁ ଯା'ମାନେ ନୁହେଁ ଯେ ଏହା ମଣିଷ ଭାଗ୍ୟର କଥା ଓ ଏଥିରୁ ବର୍ତ୍ତିହେବ ନାହିଁ । କିଛି ଲୋକଙ୍କ କ୍ଷେତ୍ରରେ ବୟସ, ଲିଙ୍ଗ ଓ ବଂଶାନୁକ୍ରମିକ ଯୋଗୁଁ ହୃଦ୍‌ରୋଗ ଭଳି ସମସ୍ୟା ଦେଖାଦେଇଥାଏ । ନଚେତ୍ କେତୋଟି ସହଜ ଏବଂ ସୁବିଧା ପନ୍ଥା ଅବଲମ୍ବନ କଲେ ଆମେ ଆମ ହୃତ୍‌ପିଣ୍ଡକୁ ସର୍ବଦା ସୁସ୍ଥ ରଖିବା ସହ ଏହି ପ୍ରାଣଘାତୀ ରୋଗରୁ ନିଜକୁ ବଞ୍ଚାଇ ପାରିବା ।

ମାନସିକ ଚାପ ତଥା ମାନସିକ ବିଡ଼ମ୍ବନା ବିଭିନ୍ନ ହୃଦ୍‌ରୋଗର କାରଣ ହୋଇଥାଏ । ମାନସିକ ଚାପ ମଣିଷକୁ ଅସ୍ତବ୍ୟସ୍ତ କରି ଶରୀରର ବିଭିନ୍ନ ପ୍ରକାର ହରମୋନ ସ୍ନାୟୁ ଓ ମସ୍ତିଷ୍କରେ ବିଭିନ୍ନ ପରିବର୍ତ୍ତନ ଆଣିଥାଏ । ଏହା ଦ୍ୱାରା ଶରୀରର ବିଭିନ୍ନ ଧମନୀ ଓ ରକ୍ତ ପ୍ରବାହରେ ପରିବର୍ତନ ହୋଇଥାଏ । ରକ୍ତରେ ତୈଳୀୟ ପଦାର୍ଥ ଯଥା ଟ୍ରାଇଗ୍ଲିସେରାଇଡ୍ ଓ କୋଲେଷ୍ଟ୍ରଲ ମାତ୍ରା ଓ ରକ୍ତଚାପ ବଢ଼ିଥାଏ । ଫଳରେ ଏହା ପ୍ରଭାବରେ ହୃଦୟ, ମସ୍ତିଷ୍କ ଓ ରକ୍ତରେ ବିଭିନ୍ନ ପ୍ରକାରର ରୋଗ ଆରମ୍ଭ ହୁଏ । ହୃତ୍‌ପିଣ୍ଡର ଧମନୀରେ ରକ୍ତ ପ୍ରବାହ ଅବରୋଧ ହେଲେ, ଏହା ବିଭିନ୍ନ ପ୍ରକାର ଜଟିଳ ହୃଦ୍‌ରୋଗକୁ ନିମନ୍ତ୍ରଣ କରିଥାଏ ।

ସେହି ସମୟରେ ରୋଗୀକୁ ଉପଯୁକ୍ତ ଚିକିତ୍ସା କରାନଗଲେ ଅନେକେ ମୃତ୍ୟୁମୁଖରେ ପଡ଼ିଥାନ୍ତି । ମାନସିକ ଚାପ ସହିତ ଉଚ୍ଚ ରକ୍ତଚାପ ଉଚ୍ଚ ମାତ୍ରାରେ କୋଲେଷ୍ଟ୍ରଲ (ଡାଇବେଟିସ୍) ରୋଗ, ଧୂମପାନ ଆଦି ହୃଦରୋଗକୁ ସହଜରେ ଆମନ୍ତ୍ରଣ କରିଥାଏ । ମଣିଷ ପ୍ରୟାସ କଲେ ନିଜ ଇଚ୍ଛା ଶକ୍ତିକୁ ବଢ଼ାଇ ମାନସିକ ଚାପକୁ ଦୂର କରିପାରିବ । ଅନେକ ସମୟରେ ପରିସ୍ଥିତି ଓ ବାତାବରଣ ଯଥା–ଚାକିରି କ୍ଷେତ୍ରରେ ଅଶାନ୍ତି, ପାରିବାରିକ କଳହ, ବୈବାହିକ ଜୀବନରେ ଅଶାନ୍ତି ଭଳି ମାନସିକ ଚାପ ମଣିଷକୁ ଭିତରୁ ଦୁର୍ବଳ କରିଦେଇଥାଏ । ତେଣୁ ଏସବୁ ସମସ୍ୟାକୁ ଦୃଢ଼ତାର ସହ ସମ୍ମୁଖୀନ ହେବା ଉଚିତ । ଯଦି ଚେଷ୍ଟା ପରେ ବି ମାନସିକ ଚାପ ଦୂର ହୋଇପାରୁନାହିଁ, ସେ କ୍ଷେତ୍ରରେ ଡାକ୍ତରଙ୍କ ସାହାଯ୍ୟ ନେବା ଦରକାର । ଏହା ଦ୍ୱାରା ହୃଦ୍‌ରୋଗ ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବା ।

**ଧୂମପାନ ଏବଂ ତମାଖୁ ସେବନଠାରୁ ଦୂରେଇ ରହନ୍ତୁ**

ଧୂମପାନ ଏବଂ ତମାଖୁ ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ହୃଦ୍‌ରୋଗ ହେବାରେ ବେଶି ଆଶଙ୍କା ଥାଏ । ତମାଖୁରେ ବ୍ୟବହାର ହେଉଥିବା ରାସାୟନିକ ପଦାର୍ଥ ହୃତ୍‌ପିଣ୍ଡ ଓ ଧମନୀର ପ୍ରଭୂତ କ୍ଷତି କରିଥା'ନ୍ତି । ଏହାଦ୍ୱାରା ହୃତ୍‌ପିଣ୍ଡର ଧମନୀଗୁଡ଼ିକ ଅଣଓସାରିଆ ହୋଇଯାଇଥାଏ ଏବଂ ଏହା ହୃଦ୍‌ଘାତ ଭଳି ଗୁରୁତର ସମସ୍ୟା ଦେଖାଦିଏ । ତେଣୁ ଧୂମପାନ ଏବଂ ତମାଖୁ ସେବନଠାରୁ ଦୂରରେ ରହିବା ଉଚିତ ।

**ନିୟମିତ ୩୦ ମିନିଟ୍ ବ୍ୟାୟାମ କରନ୍ତୁ**

ଦିନକୁ ଅନ୍ତତଃ ୩୦ ମିନିଟ୍ ଶାରୀରିକ ବ୍ୟାୟାମ କରନ୍ତୁ । ଏହା ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖିବା ସହ ଉଚ୍ଚରକ୍ତଚାପ କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍‌ଠାରୁ ଦୂରେଇ ରଖିବ ।

**ସନ୍ତୁଳିତ ଆହାର ନିଅନ୍ତୁ**

ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାକୁ ହେଲେ ଆପଣଙ୍କ ଖାଦ୍ୟପେୟରେ କିଛିଟା ପରିବର୍ତ୍ତନ କରିବାକୁ ହେବ । ଅତ୍ୟଧିକ ତେଲ ମସଲାଯୁକ୍ତ ଖାଦ୍ୟ ବଦଳରେ ତାଜା ଫଳମୂଳ ଓ ସତେଜ ପନିପରିବା ଅଧିକ ଖାଆନ୍ତୁ । ମଦ୍ୟପାନଠାରୁ ବି ଦୂରେଇ ରୁହନ୍ତୁ । ଏହାଦ୍ୱାରା ରକ୍ତରେ କୋଲେଷ୍ଟ୍ରଲ ମାତ୍ରା କମ୍ ରହିବ ।

**ଓଜନ ନିୟନ୍ତ୍ରଣ କରନ୍ତୁ**

ଅତ୍ୟଧିକ ଓଜନ ବୃଦ୍ଧିରୁ ହିଁ ଉଚ୍ଚ କୋଲେଷ୍ଟ୍ରଲ, ଉଚ୍ଚରକ୍ତଚାପ ଏବଂ ଡାଇବେଟିସ୍ ଭଳି ସମସ୍ୟା ଦେଖା ଦେଇଥାଏ । ଯାହାକି ହୃତ୍‌ପିଣ୍ଡର କ୍ଷତି କରିଥାଏ । ତେଣୁ ଓଜନ ଓ ଉଚ୍ଚତାକୁ ନେଇ ହିସାବ କରି ନିଅନ୍ତୁ ଯେ ଆପଣଙ୍କ ଓଜନ ଅଧିକ ହୋଇଛି କି ନାହିଁ । ଯଦି ଆପଣଙ୍କ ବଡି-ମାସ୍ ଇଣ୍ଡେକ୍ସ ୨୫ କିମ୍ବା ତା'ଠାରୁ ଅଧିକ, ତାହା ହୃତ୍‌ପିଣ୍ଡ ପାଇଁ ବିପଦ ।

**ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ**

ହୃଦରୋଗଠାରୁ ଦୂରେଇ ରହିବା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନେବାକୁ ହେବ ଏବଂ ନିୟମିତ ରକ୍ତଚାପ, କୋଲେଷ୍ଟ୍ରଲ ଏବଂ ଡାଇବେଟିସ୍ ପରୀକ୍ଷା କରାଇ ନେବା ଉଚିତ ।

## ଗିଲୋୟ ଓ ଅଶ୍ୱଗନ୍ଧା

ଯେଉଁମାନଙ୍କର ଇମ୍ୟୁନିଟି କମଥାଏ, ଶ୍ୱାସ ରୋଗୀ, ପାକକ୍ରିୟାଜ ଦୁର୍ବଳ ବ୍ୟକ୍ତି, ଡାଇବେଟିସ ପରି ସମସ୍ୟା ଥିବା ଲୋକମାନଙ୍କ ପାଇଁ କରୋନା ଭାଇରସ୍‌ର ବିପଦ ଅଧିକ । ଏପରିସ୍ଥଳେ ଗିଲୋୟ ଓ ଅଶ୍ୱଗନ୍ଧା ଅଧିକ ଉପକାରୀ ହୋଇପାରିବ । ଭାରତରେ କରୋନା ଭାଇରସ୍‌ର ପ୍ରକାର ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଲୋକମାନେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶ ପାଳନ କରୁଛନ୍ତି । ଆୟୁର୍ବେଦରେ କରୋନା ଭାଇରସ୍‌ର ଉପଚାର କରି ହେବ । ଇମ୍ୟୁନିଟିକୁ ବଢେଇବା ପାଇଁ ପ୍ରାଣାୟାମ ଯେପରି କପାଳଭାତୀ, ଆନୁଲୋମ ଓ ଭ୍ରାମରୀ କରିବା ଉଚିତ । ଏହା ବ୍ୟତୀତ ଆୟୁର୍ବେଦ ଅନୁସାରେ ଅଶ୍ୱଗନ୍ଧା, ଗିଲୋୟ, ଶତାୱର, ଅଁଳା, ଏଲୋଭେରା ଓ ତୁଳସୀ ଏହି ଭାଇରସ୍ ପାଇଁ ଉପଯୋଗୀ । ଆୟୁର୍ବେଦିକ ଜଡିବୁଟି ଗିଲୋୟକୁ ପାଣିରେ ଫୁଟାଇ ସେଥିରେ ହଳଦୀ, ଗୋଲମରିଚ ଗୁଣ୍ଡ ଓ ତୁଳସୀ ପତ୍ର ମିଶାନ୍ତୁ । କିଛି ସମୟ ଫୁଟିଗଲା ପରେ ସେହି କାଢାକୁ ପିଇଲେ ଲାଭ ମିଳିବ । ଯଦି ଗିଲୋୟ, ଅଶ୍ୱଗନ୍ଧା, ତୁଳସୀ ନାହିଁ ତେବେ ଗିଲୋୟର ଟାବଲେଟ୍ ବା ଜୁସ୍ ପିଇପାରିବେ । ଅଶ୍ୱଗନ୍ଧାର ପାଉଡର ଖାଇପାରିବେ । ଏହି ସବୁ ଜିନିଷ ଇମ୍ୟୁନିଟି ବୃଦ୍ଧି କରିବାରେ ସହାୟକ ହେବ ।

# ମହିଳାଙ୍କ ମାଂସପେଶୀ ବୃଦ୍ଧିରେ ସହାୟକ ବ୍ଲୁବେରି



ବ୍ଲୁବେରିଯୁକ୍ତ ଖାଦ୍ୟରେ ଥିବା ସେରମ୍ କିଭଳି ଭାବେ ମହିଳାଙ୍କ ମାଂସପେଶୀ ବୃଦ୍ଧି ଓ ମରାମତି ପାଇଁ ଦାୟୀ, ଏକ ସଦ୍ୟତମ ଅଧ୍ୟୟନ ତାହା ଯାଞ୍ଚ କରିଛି । ଅଧ୍ୟୟନ ଅନୁସାରେ, ୬ ସପ୍ତାହ ଧରି ବ୍ଲୁବେରିଯୁକ୍ତ ଖାଦ୍ୟ ଖାଇଥିବା ମହିଳାଙ୍କର ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା । କର୍ନେଲ ୟୁନିଭର୍ସିଟିରେ ଏହି ଅଧ୍ୟୟନ ପରିଚାଳିତ ହୋଇଛି । ନ୍ୟୁଟ୍ରିସ୍ ନାମକ ପତ୍ରିକାରେ ଏହାର ଫଳାଫଳ ପ୍ରକାଶ ପାଇଛି । ୬ ସପ୍ତାହ ଧରି କରାଯାଇଥିବା ଏହି ଅଧ୍ୟୟନରେ ୨୨ ମହିଳା ଭାଗ ନେଇଥିଲେ । ୨୫-୪୦ ବର୍ଷୀୟା ୧୨ ଜଣ ଏବଂ ୬୦-୭୫ ବର୍ଷୀୟା ୧୦ ଜଣଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ନିୟମିତ ଖାଦ୍ୟ ସହିତ ସେମାନଙ୍କୁ ଦିନକୁ ସତେଜ ୧.୭୫ କପ୍ ବ୍ଲୁବେରି ଖାଇବାକୁ ଦିଆଗଲା । ପଲିଫେନଲ ଓ ଆନ୍‌ଥୋସିଆନିନ୍‌ଯୁକ୍ତ ଅନ୍ୟ ଖାଦ୍ୟ ନ ଖାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଗଲା । ସକାଶେ ବ୍ଲୁବେରି ଡୋଜ୍ ଖାଇବାର ଦେଢ଼ ଘଣ୍ଟା ପରେ ସେମାନଙ୍କଠାରୁ ସେରମ୍ ନିଆଗଲା । ଉକ୍ତ ସେରମ୍ କିଭଳି ଭାବେ ପ୍ରୋଲିଫରେସନ୍ କିମ୍ବା କୋଷିକା ସଂଖ୍ୟା ଜରିଆରେ ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଏ, ଗବେଷକମାନେ ତା'ର ଯାଞ୍ଚ କଲେ । ଅକ୍ସିଡେଟିଭ୍ ଚାପ ଏବଂ ଅମ୍ଳଜାନ ଗ୍ରହଣ ହାର କିମ୍ବା ମେଟାବଲିଜମ୍ ନିୟନ୍ତ୍ରଣରେ ଏହାର ଦକ୍ଷତା ମଧ୍ୟ ଯାଞ୍ଚ କରାଗଲା । ଫଳାଫଳରୁ ଜଣାପଡ଼ିଲା, ୬ ସପ୍ତାହ ଧରି ବ୍ଲୁବେରି ଖାଇଥିବା ୨୫-୪୦ ବର୍ଷୀୟା ମହିଳାଙ୍କଠାରୁ ପ୍ରାପ୍ତ ବ୍ଲୁବେରି ସମୃଦ୍ଧ ସେରମ୍ ମାନବ କୋଷିକା ପ୍ରୋଜେନିଟର କୋଷିକା ସଂଖ୍ୟା ବୃଦ୍ଧି କରିଥିଲା । କିନ୍ତୁ ୬୦-୭୫ ବର୍ଷୀୟା ମହିଳାଙ୍କଠାରେ ଏହାର କୌଣସି ହିତକର ପ୍ରଭାବ ଦେଖାଯାଇନଥିଲା । ମାଂସପେଶୀ ପ୍ରୋଜେନିଟର ସେଲ୍ କାର୍ଯ୍ୟକାରିତା ଉପରେ ଏହି ପ୍ରାଥମିକ ଅଧ୍ୟୟନ ଚିକିତ୍ସକୀୟ ଉଦ୍ଭାବନ ଦିଗରେ ଭବିଷ୍ୟତ ଅଧ୍ୟୟନ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧ୍ୟୟନର ମୁଖ୍ୟ ଯାଞ୍ଚକର୍ତ୍ତା ଆନା ଥାଲାକର ମରସର କହିଛନ୍ତି ।

# ପଞ୍ଚସଖାଙ୍କ ଧ୍ୟାନର ସ୍ଥଳୀ ଧ୍ୟାନକୁଦ

ଓଡ଼ିଶାର ଆରାଧ୍ୟ ଦେବତା ପ୍ରଭୁ ଜଗନ୍ନାଥ । ଆମ ଓଡ଼ିଶା ଜଗନ୍ନାଥ ସଂସ୍କୃତିକୁ ନେଇ ସାରା ବିଶ୍ୱରେ ପରିଚିତ । ଓଡ଼ିଶାର ପ୍ରାୟ ଅନେକ ସ୍ଥାନରେ ରହିଛି ଜଗନ୍ନାଥଙ୍କ ମନ୍ଦିର । ସେଥି ମଧ୍ୟରୁ ଧ୍ୟାନକୁଦ ଜଗନ୍ନାଥ ମନ୍ଦିର ଅନ୍ୟତମ । ଏହି ମନ୍ଦିରର ଅନେକ ବିଶେଷତ୍ୱ ରହିଛି । କୁହାଯାଏ ପଞ୍ଚସଖା ଏଠାରେ ଧ୍ୟାନ କରୁଥିଲେ । ଭାରତରେ ଯେତେ ସବୁ ରାଜ୍ୟ ରହିଛି ସେଥି ମଧ୍ୟରୁ ମନ୍ଦିର ପାଇଁ ଓଡ଼ିଶା ବେଶ୍ ପରିଚିତ । ଓଡ଼ିଶାରେ ଶହ ଶହ ମନ୍ଦିର ରହିଛି । ଜଗତସିଂହପୁର ଜିଲ୍ଲା ମଧ୍ୟ କେତେକ ପ୍ରସିଦ୍ଧ ମନ୍ଦିର ପାଇଁ ବେଶ୍ ପରିଚୟ ସୃଷ୍ଟି କରିପାରିଛି । ଜିଲ୍ଲାରେ ରହିଛି ମା' ଶାରଳାଙ୍କ ମନ୍ଦିର ଯାହା ପ୍ରାଚୀନ ଯୁଗରୁ ରହିଛି । ବାବା ଗୋରେଖ ନାଥଙ୍କ ମନ୍ଦିର ମଧ୍ୟ ରହିଛି । ଏହି ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି । ଏଠାରେ ବିଶ୍ୱାସ ଅଛିକି ଏଠାକୁ ଆସିଲେ ସମସ୍ତଙ୍କ ମାନସିକ ପୂରଣ ହୋଇଥାଏ । ସେହିପରି ଜିଲ୍ଲାର ବିରିଡ଼ି ବ୍ଲକ୍‌ରେ ଅଷ୍ଟଶମ୍ଭୁ ମନ୍ଦିର ନିକଟରେ ରହିଛି ଧ୍ୟାନକୁଦ ମନ୍ଦିର । ଦେବୀ ନଦୀ ପଠାରେ ଏହି ମନ୍ଦିରକୁ ସ୍ଥାପନ କରାଯାଇଛି । ଏଠାରେ ପୂଜା ପାଆନ୍ତି ପ୍ରଭୁ ଜଗନ୍ନାଥଙ୍କ ସହିତ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା । ଜଗନ୍ନାଥଙ୍କ ଏକ ପ୍ରସିଦ୍ଧ ମନ୍ଦିର ଭିତରେ ଅନ୍ୟତମ । ଏହି ମନ୍ଦିରର ଏପରି ନାମକରଣ ହେବାରେ ବିଶେଷତ୍ୱ ରହିଛି । କୁହାଯାଏ ଯେ ଏଠାରେ ପଞ୍ଚସଖା ମାନେ ଧ୍ୟାନ କରୁଥିଲେ । ତେଣୁ ଧ୍ୟାନ ଶବ୍ଦକୁ ଆଧାର କରି ଧ୍ୟାନକୁଦ ରଖାଯାଇଛି । ଏହି ମନ୍ଦିରର ଡାହାଣ ପାର୍ଶ୍ୱରେ ରହିଛି ମା' ଲକ୍ଷ୍ମୀଙ୍କ ମନ୍ଦିର ଏବଂ ବାମ ପାର୍ଶ୍ୱରେ ରହିଛି ବିମଳା ଦେବୀଙ୍କ ମନ୍ଦିର । ମନ୍ଦିରଟି ଦେଖିବାକୁ ଠିକ୍ ରଥ ସଦୃଶ । ପ୍ରତିଦିନ ଏଠାକୁ ଶହ ଶହ ଭକ୍ତ ଦର୍ଶନ ପାଇଁ ଆସିଥାନ୍ତି । ମନ୍ଦିରର ରଥଯାତ୍ରା, ଦୁର୍ଗାପୂଜା, ପଞ୍ଚସଖା ମେଳା ବିଶ୍ୱଶାନ୍ତି ଯଜ୍ଞ, ଅଁଳା ନବମୀ, ମାଘ ସପ୍ତମୀ ଆଦି ପର୍ବ ପର୍ବାଣୀ ପାଳନ କରାଯାଏ । ଏଠାକାର ଆଉ ଏକ ବିଶେଷତ୍ୱ ରହିଛି ଯେଯ ବଳରାମ ଦାସ, ଅତିବଡ଼ି ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଏବଂ ଯଶୋବନ୍ତ ଦାସ ଏଠାରେ ଧ୍ୟାନ କରୁଥିଲେ । ଏମାନଙ୍କୁ ପଞ୍ଚସଖା ବୋଲି ଜଣାଯାଏ । ପଞ୍ଚଦଶ- ଷୋଡ଼ଶ ଶତାବ୍ଦୀରେ ଏହି ପାଞ୍ଚଜଣ ଓଡ଼ିଆ କବି ଥିଲେ ଏବଂ ଶହେ ବର୍ଷରୁ ଅଧିକ ସମୟ ପାଇଁ ଲେଖିଥିଲେ । ଏମାନେ ଉତ୍କଳୀୟ ବୈଷ୍ଣବ ଚିନ୍ତାଧାରାକୁ ଅନୁସରଣ କରୁଥିଲେ । ଏହି ମନ୍ଦିର ପରିସରରେ ଏହି ପଞ୍ଚସଖାଙ୍କର ଧ୍ୟାନ କରୁଥିବାର ଏକ ପୀଠ ରହିଛି । ଏତଦ୍ ବ୍ୟତୀତ ଏଠାରେ ଜଗନ୍ନାଥ ଦାସଙ୍କ ପଦ୍ମ କଳ୍ପ ଗ୍ରନ୍ଥ, ଯଶୋବନ୍ତ ଦାସଙ୍କ ଷଷ୍ଠୀ ମେଳା ଗ୍ରନ୍ଥ ଓ ଅନନ୍ତଙ୍କ ସିଦ୍ଧ କଳାଗ୍ରନ୍ଥ ଏବଂ ପଞ୍ଚସଖାଙ୍କ ମିଳିତ ଆଦି ତାଳପତ୍ର ପୋଥି ଏଠାରେ ରହିଛି । ଏହି ପୀଠକୁ ଅରକ୍ଷିତ ଦାସଜୀ ମହାରାଜ ୧୯୮୨ ମସିହାରେ ଆସିଥିଲେ ଏବଂ ୧୯୮୫ ମସିହାଠାରୁ ଏଠାରେ ପଞ୍ଚସଖା ମେଳାର ଆରମ୍ଭ କରିଥିଲେ । ସେହିଦିନଠାରୁ ହିଁ ବାବା ଧ୍ୟାନକୁଦର ପ୍ରଚାର ପ୍ରସାର କରିଥିଲେ । ଏବେ ଏହି ପୀଠ ବାବାଙ୍କ ଜନ୍ମଭୂମି, ସାଧନା ଓ ସିଦ୍ଧିଭୂମିରେ ପରିଣତ ହୋଇଛି । ଏହି ମନ୍ଦିର ଅଷ୍ଟଶମ୍ଭୁ ଶିବ ମନ୍ଦିର ଠାରୁ ୧ କିଲୋମିଟର ଦୂରରେ ଅବସ୍ଥିତ । ଯାହାକି କଟକଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଜଗତସିଂହପୁର ଯିବା ବାଟରେ ହାଜିପୁର ଛକଠୁ ଟିକେ ଦୂରରେ ପଡ଼ିବ ।



DHANKUD TEMPLE, JAGATSINGHPUR

# ଏହି ବ୍ୟକ୍ତି ଭୁଲରେ ଖାଆନ୍ତୁ ନାହିଁ ପିଜୁଳି: ପ୍ରଭାବିତ ହୋଇପାରେ ସ୍ୱାସ୍ଥ୍ୟ

**ଶୀତଦିନେ ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିଚାର କରାଯାଏ । ବିଶେଷକରି ପେଟର ହଜମ ଶକ୍ତି ବଢାଇବା ପାଇଁ କଦଳୀ ସହିତ ପିଜୁଳି ଖାଇବାକୁ ପରାମର୍ଶ ଦିଆଯାଏ । ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦ୍ରୁତ ଗତିରେ ବଢିଯାଏ । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଭୁଲରେ ପିଜୁଳି ଖାଇବା ଉଚିତ୍ ନୁହେଁ । ଏହା କରିବା ଦ୍ୱାରା ସେମାନେ ଅସୁସ୍ଥ ହୋଇପାରନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିପାରେ । ଆସନ୍ତୁ ଜାଣିବା କେଉଁ ଲୋକମାନେ ଶୀତଦିନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।**



**ଏହି ରୋଗର ରୋଗୀମାନେ ପିଜୁଳି ଖାଇବା ଉଚିତ୍ ନୁହେଁ:**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହାର କାରଣ ହେଉଛି ପିଜୁଳି ଥଣ୍ଡା ପରିମାଣ ଥାଏ, ଯେଉଁ କାରଣରୁ ଗର୍ଭବତୀ ଏବଂ ନବଜାତ ଶିଶୁର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଥଣ୍ଡା ଏବଂ ଥଣ୍ଡା ରୋଗରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏକ୍ଜିମାରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହା କରିବା ଦ୍ୱାରା ସେମାନଙ୍କୁ ଚର୍ମର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏପରି ଲୋକମାନେ ଭୁଲରେ ମଧ୍ୟ ପିଜୁଳି ପତ୍ର ବ୍ୟବହାର କରିବା ଉଚିତ୍ ନୁହେଁ । ଏହା ଚର୍ମ ରୋଗର କାରଣ ହୋଇପାରେ ।

**ମଧୁମେହ ରୋଗୀମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍**

ମଧୁମେହ ରୋଗୀମାନେ ପିଜୁଳି ଖାଇପାରିବେ, କିନ୍ତୁ ସେମାନେ ଏହାକୁ ଅତି କମ ମାତ୍ରାରେ ଖାଇବା ଉଚିତ୍ । ଏହାର କାରଣ ହେଉଛି ପିଜୁଳିରେ ମିଠା ଥାଏ, ଯାହା ମଧୁମେହ ସ୍ତରକୁ ବଢାଇପାରେ । ଆପଣ ଡାକ୍ତରଙ୍କ ପରାମର୍ଶ ପରେ ପିଜୁଳି ଖାଇପାରିବେ ।

**ଗ୍ୟାଷ୍ଟ୍ରୋ ରୋଗୀଙ୍କ ପାଇଁ ମଧ୍ୟ କ୍ଷତିକାରକ ପିଜୁଳି**

ପେଟରେ ଏସିଡିଟି ସୃଷ୍ଟି ସମସ୍ୟା ସହ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ମଧ୍ୟ ପିଜୁଳି ଖାଇବା ଭଲ ନୁହେଁ । ଏହି କାରଣରୁ, ତାଙ୍କର ଗ୍ୟାଷ୍ଟ୍ରୋ ସମସ୍ୟା ଆହୁରି ବଢିଥାଏ । ଯଦି ଆପଣ ପେଟରେ କଷ୍ଟ ଅନୁଭବ କରୁଛନ୍ତି କିମ୍ବା ପିଜୁଳି ଖାଇବା ପରେ ବାନ୍ତି ଭଳି ଅନୁଭବ କରୁଛନ୍ତି, ତେବେ ଆପଣ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ



ବଡ଼ସାହି , ୪/୨ (ନି.ପ୍ର): ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ସରସ୍ୱତୀ ପୂଜା ଅବସରରେ ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ ବାଣୀଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର କୁମାର ବାବୁଲି କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ। ସଭାପତି ଭାବେ ଜେଜେ ଗୁରୁଜୀ ବେଣୁଧର ଜେନା ଯୋଗଦାନ କରିଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ରଣଜିତ୍ କୁମାର ଦାସ ଯୋଗଦାନ କରି ପିଲାମାନଙ୍କର ଅର୍ନ୍ତନିହିତ ପ୍ରତିଭାର ବିକାଶ ପାଇଁ ଏମିତି କାର୍ଯ୍ୟକ୍ରମର ଆବଶ୍ୟକତା ବହୁତ ଅଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି, ଆଦରଣୀୟ ଅତିଥି ଭାବେ କବିରାଜ ଶିବଶଙ୍କର ବିନ୍ଧାଣୀ, ସ୍ୱତନ୍ତ୍ର ଅତିଥି ଭାବେ ଗୀତିକାର ଓ ନିର୍ଦ୍ଦେଶକ ଶଚୀନ୍ଦ୍ର କୁମାର ବିଶ୍ୱାଳ ଏବଂ ସମ୍ମାନୀତ ଅତିଥି ଭାବେ କବି ବାସୁଦେବ ନାପିତ, ଅବସର ପ୍ରାପ୍ତ ଏସ୍.ଆଇ ଦୁର୍ଯ୍ୟୋଧନ ସିଂ, ପାର୍ଥସାରଥି ମୋଦୀ ଓ ତପସ୍ୱିନୀ ବିନ୍ଧାଣୀ ଯୋଗଦାନ କରି ପ୍ରତିଭାର ମାନେ ଜାଣିନଥିବା କୋମଳମତି ଶିଶୁ ମାନଙ୍କୁ ଏହି ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମରେ ସାମିଲ କରି ଗୌରବମୟ ଉତ୍କଳ ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଅନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ । ବର୍ଷା ମହାନ୍ତଙ୍କ ନିର୍ଦ୍ଦେଶନା ଓ ସୁମନ କୁମାର ବେହେରା, ଶୁଭଜିତ ଶୁଭଙ୍କର ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ନୃତ୍ୟ, ନାଟିକା, ଡୁଏଟ, କବିତା ଲିଖନ, ଚିତ୍ର ଅଙ୍କନ ଆଦି ବହୁ କାର୍ଯ୍ୟକ୍ରମ ସାମିଲ ହୋଇ ଥିଲା। ଶିକ୍ଷା କେନ୍ଦ୍ରର ରୌପ୍ୟ ଜୟନ୍ତୀ ବର୍ଷ ପାଇଁ ବାଇଶ ଜଣ ଅଭିଭାବକଙ୍କୁ ସମ୍ମାନୀତ କରାଯିବା ସହିତ ବିଭିନ୍ନ ବର୍ଗରେ ଦକ୍ଷତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା କ୍ଷ କାର୍ତ୍ତିକ ସେଠୀ, ନମ୍ରତା ବାରିକ, ରଣଜିତ୍ କୁମାର ମହାନ୍ତି, କବିତା ପତି, ସବିତା ମହାନ୍ତି, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ରିନା ଷଡଙ୍ଗୀ, ବିଣାପାଣୀ ବାରିକ, ମଳୟ ମଞ୍ଜରୀ ରଥ, ବୃନ୍ଦାବତୀ ନାୟକ, ସନ୍ତୋଷୀ ରାଉତ ଓ ପ୍ରିୟଙ୍କା ମହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା, ୪/୨ (ନି.ପ୍ର): ସୋମବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୋଟ ୧୩୩ଟି ଆପତି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୧୦୪ଟି ଅଭିଯୋଗ ବ୍ୟକ୍ତିଗତ ଥିଲା ଓ ବାକି ୩ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା। ଉକ୍ତ ଅଭିଯୋଗ ମାନଙ୍କ ମଧ୍ୟରୁ ସ୍ଥଳବିଶେଷରେ ୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠି ରୁ ୩ ଜଣ ହିତାଧିକାରୀଙ୍କୁ ଯଥାକ୍ରମେ ୩୦,୦୦୦, ୧୦,୦୦୦ ଏବଂ ୫୦୦୦ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ସେହିପରି ରେଡକ୍ରସ ସହାୟତା ପାଣ୍ଠି ରୁ ଜଣଙ୍କୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି।

# ରାଜ୍ୟସ୍ତରୀୟ ସଖୀ ସହେଲୀ ସମ୍ମିଳନୀ ଉଦ୍‌ଘାଟିତ

ପୁରୀ, ୪/୨ (ନି.ପ୍ର): ପୁରୀର ସାଗର ତରଙ୍ଗ ହୋଟେଲରେ ଓଡ଼ିଶା ସରକାର, ୟୁନିସେଫ୍ ଏବଂ ଆକ୍ସନଏଡ୍ ଆସୋସିଏସନ୍ ଦ୍ୱାରା ମିଳିତ ଭାବରେ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ସଖୀ ସହେଲି ସମ୍ମିଳନୀ ସୋମବାର ପୂର୍ବାହ୍ନରେ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୫୦ ଜଣ କିଶୋରୀ ଝିଅଙ୍କୁ ଏକତ୍ରିତ କରାଯାଇଥିଲା । ଯାହା ସେମାନଙ୍କୁ ସେମାନଙ୍କର ପ୍ରେରଣାଦାୟକ ଜୀବନ କାହାଣୀ, ଚ୍ୟାଲେଞ୍ଜ ଏବଂ ଆକାଂକ୍ଷା ବାଂଟିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା।

ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ଅନନ୍ତ ନାରାୟଣ ସିଂହ ଲାଗୁରୀ ଯୋଗ ଦେଇଥିଲେ। ତାଙ୍କ ଅଭିଭାଷଣରେ ସେ ଅଦ୍ୱିକା କାର୍ଯ୍ୟକ୍ରମର ଉଲ୍ଲେଖନୀୟ ଅଗ୍ରଗତିକୁ ପ୍ରଶଂସା କରିବା ସହ କିଶୋରୀ ଝିଅମାନଙ୍କ ଦ୍ୱାରା ପ୍ରଦର୍ଶିତ ସକାରାତ୍ମକ ପ୍ରତିକ୍ରିୟା ଏବଂ ନେତୃତ୍ୱ ଗ୍ରହଣ କରିବାର ଦକ୍ଷତା ଅଦ୍ୱିକା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହାସଲ କରିପାରିଛି ।ଏହା ଉପରେ ସେ ଆଲୋକପାତ କରିଥିଲେ । ଏହି ସଫଳତା କାହାଣୀଗୁଡ଼ିକ ରାଜ୍ୟ ରଣନୈତିକ କାର୍ଯ୍ୟ ଯୋଜନା ସହିତ ଓଡ଼ିଶା ଏକ ବାଲ୍ୟବିବାହ ମୁକ୍ତ ରାଜ୍ୟ ହେବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି କହିଥିଲେ ।

ଓଡିଶାର ୟୁନିସେଫ୍ ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ୍ ହାନଲନ୍ ଜୁନିଅର, କିଶୋରୀ ଝିଅମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର, ୟୁନିସେଫ୍ ଏବଂ ଆକ୍ସନଏଡ୍ ମଧ୍ୟରେ ସହଯୋଗ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ପ୍ରତି ଶନିବାର ଆୟୋଜିତ ହେଉଥିବା ଅଦ୍ୱିକା କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଯାହା ନେତୃତ୍ୱ ଦକ୍ଷତା ବୃଦ୍ଧି କରିବା ଏବଂ ବାଲ୍ୟବିବାହକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଯୁବତୀମାନଙ୍କୁ ସଶକ୍ତ କରିବା ପାଇଁ ସହାୟକ ହେବ । ଅଦ୍ୱିକା ମାଧ୍ୟମରେ, ଏହି ଝିଅମାନେ କେବଳ ଜୀବନ କୌଶଳ ହାସଲ କରୁନାହାଁନ୍ତି ବରଂ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ପ୍ରସ୍ତୁତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ମଧ୍ୟ ଭଲ ଭାବରେ ଅବଗତ ହେଉଛନ୍ତି। ଶ୍ରୀ ହାନଲନ୍ ମନ୍ତବ୍ୟ ଦେଇଥିଲେ, '୮.୩ ବିଲିୟନ କିଶୋରୀ ହେଉଛନ୍ତି ଓଡ଼ିଶାର ଆଗାମୀ ଦିନରେ ପରିବର୍ତ୍ତନର ନେତୃତ୍ୱ ନେବାରେ ମଶାଲବାହକ । '

ୟୁନିସେଫ୍ ର ଶିଶୁ ସୁରକ୍ଷା ବିଶେଷଜ୍ଞ ମାନ୍ନା ବିଶ୍ୱାସ, ସମ୍ପ୍ରଦାୟ ନେତା ଭାବରେ କିଶୋରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଅଦ୍ୱିକା କାର୍ଯ୍ୟକ୍ରମ ଏହି କିଶୋରୀ ପ୍ରତିଭା ମାନଙ୍କୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଅଦ୍ୱିକା କାର୍ଯ୍ୟକ୍ରମର ସଫଳତା ସୁନିଶ୍ଚିତ କରିବାରେ ତୃଣମୂଳ ସ୍ତରରେ କର୍ତବ୍ୟନିଷ୍ଠାଙ୍କ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଉପରେ ଆଲୋକପାତ କରିଥିଲେ। ଆକ୍ସନଏଡ୍ ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, କିଶୋରୀଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ସାମାଜିକ ପରିବର୍ତ୍ତନ ଆଣିବାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ବିଷୟରେ କହିଥିଲେ । ଏହି ଯୁବ ନେତାମାନେ କେବଳ ଶିଶୁ ଅଧିକାର ଏବଂ ସୁରକ୍ଷା ପ୍ରସଙ୍ଗ ବିଷୟରେ ସଚେତନତା ସୃଷ୍ଟି କରୁନାହାଁନ୍ତି ବରଂ ନିଜ ଅଂଚଳରେ ସ୍ଥାୟୀ, ସକାରାତ୍ମକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ସହକର୍ମୀ ଏବଂ ସମାଜକୁ ବ୍ୟାପକ ଭାବରେ ପ୍ରଭାବିତ କରୁଛନ୍ତି। ଏହି ସମ୍ମିଳନୀର ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ଥିଲା ଏକ ପ୍ରେରଣାଦାୟକ କାହାଣୀ ପୁସ୍ତକର ଉନ୍ମୋଚନ, ଯାହା ସାରା ରାଜ୍ୟରୁ ଆସିଥିବା ୫୦ ଜଣ କିଶୋରୀ ଚାମ୍ପିଅନଙ୍କ କାହାଣୀ ସହିତ ଏକ ଇନଫୋଗ୍ରାଫିକ୍ ବିବରଣୀ ଉନ୍ମୋଚିତ ହୋଇଥିଲା । ଯାହା ୨୦୧୭ ରୁ ୨୦୨୫ ପର୍ଯ୍ୟନ୍ତ ଅଦ୍ୱିକା କାର୍ଯ୍ୟକ୍ରମର ପ୍ରଗତି ଏବଂ ଆଗକୁ ବଢ଼ିବାର ପଥକୁ ଚିତ୍ରଣ କରିଥିଲା। ସମ୍ମିଳନୀରେ ଅନେକ କିଶୋରୀ ଅଂଶଗ୍ରହଣକାରୀ ଅଦ୍ୱିକା। ଅଧିବେଶନରୁ ସେମାନଙ୍କର ବ୍ୟକ୍ତିଗତ ଜୀବନର ସଂଘର୍ଷର ଅଭିଜ୍ଞତା ବାଣ୍ଟିଥିଲେ ଏବଂ ଅନ୍ୟମାନଙ୍କର ବାଲ୍ୟ ବିବାହ ବିରୋଧରେ ଲଢ଼ିବାରେ ସେମାନଙ୍କର ପ୍ରୟାସ ବିଷୟରେ ଆଲୋଚନା କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ, ଉଚ୍ଚଶିକ୍ଷା ଗ୍ରହଣ କରିଛନ୍ତି । ବର୍ତ୍ତମାନ ବିଭିନ୍ନ ଜୀବିକା ନିର୍ବାହ କାର୍ଯ୍ୟକଳାପରେ ନିୟୋଜିତ ହୋଇଛନ୍ତି। ଯାହା ସେମାନଙ୍କ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ଉନ୍ନତିରେ ଯୋଗଦାନ କରିବାରେ ସହାୟକ ହୋଇଛି ।

# ବାରିଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ



ବାରିଦା, ୪/୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ର ପ୍ରଥମ ବାର୍ଷିକ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ ଓଡିଶାର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ପିଲା ମାନଙ୍କ ମଧ୍ୟରେ ଗୁରୁଜୀ ଗୁରୁମା ଏବଂ ଅଭିଭାବକ ମାନେ ଉପଯୁକ୍ତ ଶିକ୍ଷା ଏବଂ ସଂସ୍କାର ଭରି ଦେବା ଆବଶ୍ୟକ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷା ବିତ ତଥା ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ବସ୍ତା ର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଯୋଗ ଦେଇ ପିଲାମାନଙ୍କୁ ମହାପୁରୁଷ ମାନଙ୍କ ଜୀବନୀ ଆଦର୍ଶ ରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସଭାପତି ଅନ୍ତର୍ଯ୍ୟାମୀ ରାଉଳ ଙ୍କ ସଭାପତି ତ୍ୱ ରେ ଏହି ଉତ୍ସବ ରେ ସଦସ୍ୟ ଶଶୀକାନ୍ତ ପଣ୍ଡା ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥି ମାନଙ୍କ ର ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜ ସେବୀ ସୁମନ୍ତ କୁମାର ଜେନା, ଶିକ୍ଷା ବିତ ଗୌରହରି ରାଉତ, ପରିଷଦ ସଦସ୍ୟ ସୁରଜ କୁମାର ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବକ୍ତବ୍ୟ ରଖିଥଲେ। । ପ୍ରାରମ୍ଭ ରେ ଅନୁଷ୍ଠାନ ର ସମ୍ପାଦକ ନଗେନ୍ଦ୍ର ଜେନା ଅନୁଷ୍ଠାନ ଗଠନ ର ଆଭିମୁଖ୍ୟ ସହ ଅନୁଷ୍ଠାନ ର ନାନା ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟା କୁନି ଲତା ଜେନା ବାର୍ଷିକ ବିବରଣୀ ପାଠ କରି ଥିବା ବେଳେ ଗୁରୁମା ପୁଷ୍ପାଞ୍ଜଳି ଜେନା ଧନ୍ୟବାଦ ଅର୍ପଣ କରିଥଲେ । ଏହି ଅବସରରେ ଅତିଥି ଯୋଗେନ୍ଦ୍ର ଦାଶ ଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା ଏହା ପରେ ପିଲାମାନେ ନିଜ ନିଜ ମାଆ ମାନଙ୍କୁ ପୂଜନ କରିଥିଲେ । ସ୍ୱତନ୍ତ୍ର ସମର୍ପଣ କାର୍ଯ୍ୟକ୍ରମ ରେ ଅଭିଭାବକ ମାନେ ନିଜ ନିଜ ର ଦାନ ବସ୍ତୁ ଓ ସାମଗ୍ରୀ ସବୁ ଅନୁଷ୍ଠାନ କୁ ସମର୍ପଣ କରିଥିଲେ । ଏହା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କଦମପଡା ଶିଶୁ ମନ୍ଦିରରେ 'ପ୍ରତିଭା ସମ୍ମାନ'ସମାରୋହ ଓ 'ମାତୃ ସମ୍ମିଳନୀ'ଅନୁଷ୍ଠିତ

ବଲାଙ୍ଗିର, ୪/୨ (ନି.ପ୍ର): ଆଜି କଦମପଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ "ପ୍ରତିଭା ସମ୍ମାନ ସମାରୋହ" ଓ ମାତୃ ସମ୍ମିଳନୀ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁବ୍ରତ କୁମାର ବେହେରା ଅତିଥି ପରିଚୟ କରିଥିବା ବେଳେ ଛାତ୍ରୀ ସୁପ୍ରିତୀ ସାହୁ ଓ ଅମିଷା ସାହୁ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନଭେମ୍ବର ମାସରେ ଅନୁଷ୍ଠିତ ବାର୍ଷିକ କ୍ରୀଡାର ୨୬୭ ଜଣ ବିଜେତା ତଥା ବିଦ୍ୟାଳୟ ସ୍ତରୀୟ ବାର୍ଷିକ ପ୍ରତିଯୋଗିତା-୨୦୨୪ରେ ୯୨ ଜଣ ପ୍ରତିଭାଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କାଉଟ ଓ ଗାଇଡ୍ ବିଭାଗରେ ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ ରାଜ୍ୟସ୍ତରୀୟ ପୁରସ୍କାର ଘୋଷଣା କରାଯାଇଥିଲା । ସଂପାଦକ ତରଣୀସେନ ପଟେଲ ଆଶୀର୍ବଚନ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ ତ୍ରିଲୋଚନ ଦାଶ ଗୁରୁଜୀ କରିଥିଲେ । ଏହାପରେ ଅପରାହ୍ଣରେ ଅନୁଷ୍ଠିତ "ମାତୃସମ୍ମିଳନୀ"ରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ତହସିଲ୍ କର୍ମକର୍ତା ବଂଶୀଧର ଦାନୀ ଯୋଗ ଦେଇଥିଲେ । ଅଭିଭାବିକାମାନଙ୍କ ଦ୍ୱାରା ସମବେତ ସଙ୍ଗୀତ ପରିବେଷଣ କରା ଯାଇଥିଲା । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ମାତୃଶକ୍ତିର ଆବଶ୍ୟକତାକୁ ସୂଚେଇ ଥିଲେ । ଏହାପରେ ଅଭିଭାବିକାମାନେ ନିଜ ନିଜ ମତାମତ ପ୍ରଦାନ କରିଥିଲେ । ବ୍ୟକ୍ତିଗତ ଗୀତ ଅଭିଭାବିକା ସାଗରୀକା ପାଢ଼ୀଗାନ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଭାରତୀୟ ସଂସ୍କୃତିରେ ନାରୀର ମହନୀୟତା ବର୍ଣ୍ଣନା କରିଥିଲେ । ସଂଯୋଜନା ଅଭିଭାବିକା ସ୍ୱର୍ଣ୍ଣ ସ୍ମିତା ନନ୍ଦ ଓ ସଂଗୀତା ପ୍ରଧାନ କରିଥିଲେ । ଏହାପରେ ସଂପାଦକ ତରଣୀସେନ ପଟେଲ ଓ ସଭାପତି ଡଃ.ଭବାନୀ ଶଙ୍କର ପଟେଲ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ । ମଂଚାସୀନ ଅନ୍ୟତମ ଅତିଥି ରୂପେ ସଦସ୍ୟ ରାହାସ ବିହାରୀ ମାଝୀ ଉପସ୍ଥିତ ଥିଲେ । ଅଭିଭାବିକାମାନେ ବିଦ୍ୟାଳୟ ଉପଯୋଗୀ ଅନେକ ବସ୍ତୁ ପ୍ରଦାନ କରିଥିଲେ । ଅମୃତ ବଚନ ଅମ୍ରିତା ପଣ୍ଡା ପାଠ କରିଥିବା ବେଳେ ଧନ୍ୟବାଦ ଅର୍ପଣ ଗୁରୁମା ଭାରତୀ ସାହୁ କରିଥିଲେ । ଏହିପରି ଉଭୟ କାର୍ଯ୍ୟକ୍ରମ ଯଥାକ୍ରମେ ଭାରତୀ ସାହୁ ଓ ନମିତା ତ୍ରିପାଠୀଙ୍କ ସଂଚାଳନରେ ସଫଳତା ସହ ସମ୍ପର୍ଣ୍ଣ ହୋଇଥିଲା।

# ବାଇକ୍ ଧକ୍କାରେ ଚାଲିଗଲା ଜଣକ ଜୀବନ

ବଲାଙ୍ଗିର, ୪/୨ (ନି.ପ୍ର): ରାସ୍ତାକଡ଼ରେ ଛିଡ଼ା ହେବା ହେଲା କାଳ । ବାଇକ ଧକ୍କାରେ ଚାଲିଗଲା ଜଣଙ୍କ ଜୀବନ । ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଗୋହିରିଆପଦର ଛକ ଠାରେ ବାଇକ ଧକ୍କାରେ ଜଣେ ପ୍ରାଣ ହରାଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଡୁମେରପଡା ଗାଁର ବିଷମ ଦୀପ ଗହରିଆପଦର ଗାଁକୁ ବରଯାତ୍ରୀ ଆସିଥିବା ବେଳେ ରାସ୍ତାକଡ଼ରେ ଛିଡ଼ା ହୋଇଥିଲେ । ସେହି ସମୟରେ ବଙ୍ଗୋମୁଣ୍ଡା ବ୍ଲକ କଁସିଲ ପଂଚାୟତ ସରପଂଚଙ୍କ ସ୍ୱାମୀ ବୈଷ ବର୍ଗେ ଦ୍ରୁତଗତିରେ ବାଇକ ଯୋଗେ ଆସି ବିଷମକୁ ଧକ୍କା ଦେଇଥିଲେ । ଫଳରେ ବିଷମ ଗୁରୁତର ଆହତ ହେଇଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ବିଷମକୁ କଂଟାବାଞ୍ଜି ଡାକ୍ତରଖାନା ଆଣିଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କଁସିଲ ସରପଂଚଙ୍କ ସ୍ୱାମୀ ବୈଷ ବର୍ଗେଙ୍କୁ କଂଟାବାଞ୍ଜି ପୋଲିସ ଅଟକ ରଖିଛି ଅଧିକ ପଚରା ଉଚରା କରୁଥିବା ଜଣାପଡ଼ିଛି ।

## କାଳିଆ ଗାଁ ପଂଚାୟତସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର

ଜୟପୁର, ୪/୨ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ କାଳିଆ ଗାଁ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ୧୧ଟାରେ ଅନୁଷ୍ଠିତ ହୋଇ ଅପରାହ୍ନ ୧ଟା ସମୟରେ ଶେଷ ହୋଇଥିଲା । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ସରପଂଚ ସବିତା ମୁଦୁଲି, ନାଏବ ସରପଂଚ ପ୍ରତାପ ବେହେରା, ବ୍ଲକ ସମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ଏପିଓ ସନ୍ତୋଷି ମହାପାତ୍ର ସହ ଅନ୍ୟ ଲାଇନ ର ବ୍ଲକ ସ୍ତରିୟ ଅଧିକାରି ମାନେ ଉପସ୍ଥିତ ଥିଲେ । ଏଥିରେ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ । ଗ୍ରାମବାସୀ ମାନେ ବିଭାଗର ଅଧିକାରି ମାନଙ୍କୁ ରାସ୍ତା ନିର୍ମାଣ, ପାନୀୟଜଳ ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ । ଏହା ସହ ଉପସ୍ଥିତ ଅଧିକାରି ମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ ।

## ସମାଜସେବୀ ଲକ୍ଷ୍ମୀଧର ମହାନ୍ତଙ୍କ ପରଲୋକ

ଚମ୍ପୁଆ, ୪/୨ (ନି.ପ୍ର): ଚମ୍ପୁଆ ବ୍ଲକ ରଜିଆ ଗ୍ରାମ ପଂଚାୟତ ମହେଶ୍ୱରପୁର ଗ୍ରାମର ଲକ୍ଷ୍ମୀଧର ମହାନ୍ତଙ୍କ ୭୮ ବର୍ଷ ବୟସରେ ଶନିବାର ରାତ୍ରି ୯ଟା ୨୦ମିନିଟ ସମୟରେ ନିଜ ବାସଭବନରେ ପରଲୋକ ହୋଇ ଯାଇଛି। ସେ ଚମ୍ପୁଆ ଲ୍ୟାମ୍ପସରେ ଚାକିରୀ କରି ଅବସର ଗ୍ରହଣ କରିଥିଲେ। ଏଥିସହିତ ସେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ କାର୍ଯ୍ୟକରି ବେଶ୍ ଲୋକପ୍ରିୟ ଥିଲେ। ରଜିଆ ଗ୍ରାମ ପଂଚାୟତ ହାଇସ୍କୁଲ, ଦୋଳିତାର ପ୍ରତିଷ୍ଠାତା ଓ ସମ୍ପାଦକ ଥିଲେ। ମହେଶ୍ୱରପୁର ସ୍ଥିତ ରାଧାସ୍ୱାମୀ ସତସଙ୍ଗ ବ୍ୟାସ, ସବସେଂଟରର ସମ୍ପାଦକ ଓ ତତ୍ୱାବଧାରକ ଥିଲେ। ସେ ନିଜ ଗାଁ ବିଦ୍ୟାଳୟରେ ଶିକ୍ଷକତା ମଧ୍ୟ କରିଥିଲେ। ସେ ଜଣେ ଧର୍ମ ପରାୟଣ, ସମାଜସେବୀ, ସଂଗଠକ ଓ ପରୋପକାରୀ ଥିଲେ। ତାଙ୍କର ବିୟୋଗ ଖବର ପାଇ ମହେଶ୍ୱରପୁର ବାସଭବନରେ ବହୁ ଶୁଭେଚ୍ଛୁ, ସତସଙ୍ଗୀ ଭାଇ ଭଉଣୀ ,ବନ୍ଧୁ ବାନ୍ଧବ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ। ମୃତ୍ୟୁ ବେଳକୁ ଶ୍ରୀ ମହାନ୍ତଙ୍କ ସ୍ତ୍ରୀ, ୩ ପୁଅ, ବୋହୂ, ୨ ଝିଅ ଓ ନାତି ନାତୁଣୀ ଆଦି ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଓ ବନବାସୀ ଗବେଷକ ବହୁପୁରାତନ ଧାମନଗର ପ୍ରେସ କ୍ଲବ ପକ୍ଷରୁ ସମ୍ମାନିତ

ମାଲକାନଗିରି, ୪/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ର ବରିଷ୍ଠ ସାମ୍ବାଦିକ ଓ ବନ ବାସୀ ଗବେଷକ ବହୁପୁରାତନ ଧାମନଗର ପ୍ରେସ କ୍ଲବ ପକ୍ଷରୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟାନ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ସତ୍ୟ ହିଁ ସାମ୍ବାଦିକତା ସାମ୍ବାଦିକତା ଏକ ବୃତି ସେହି ବୃତ୍ତିର ଯୋଗ ଦେଇଥିବା ବ୍ୟକ୍ତିଙ୍କ ପାଇଁ ଗଣତନ୍ତ୍ର ତିଷ୍ଠି ରହିଛି ସାମାଜିକ ବ୍ୟବସ୍ଥାର ନିଚ୍ଛକ ଛବିକୁ ବହୁ କଷ୍ଟ କରି ସାମ୍ବାଦିକମାନେ ଯେଭଳି ଭାବେ ପରିପ୍ରକାଶ କରୁଛନ୍ତି ତାର ତୁଳନା ନାହିଁ ବୋଲି ଧାମନଗର ପ୍ରେସ କ୍ଲବ୍‌ର ବାର୍ଷିକ ଉତ୍ସବରେ ଯୋଗ ଦେଇ ଥିବା ଅତିଥିମାନେ କହିଛନ୍ତି !ପ୍ରେସକ୍ଲବର ବାର୍ଷିକ ଉତ୍ସବ ରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ଓ ଓଡ଼ିଆ ଭାଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ୍ୱକ୍ତା ଭାବେ ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ପ୍ରାକ୍ତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ଦାସ, ନାଟ୍ୟ ପ୍ରତିଭା ତଥା ସ୍ତମ୍ଭକାର ବିଜୟ ଦାସ, ପଂଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍.ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନିରପେକ୍ଷ ସମ୍ବାଦ ପରିବେଷଣ, ସାମ୍ବାଦିକମାନଙ୍କ ଦାୟିତ୍ୱ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସର ରେ ପ୍ରେସ୍ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଧାରଣ ସମ୍ପାଦକ ରଜତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ, ସାମ୍ବାଦିକ କିଷାନ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ଏବଂ ସାମ୍ବାଦିକ ସୁଧାକର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଧାମନଗର ର ବାସିନ୍ଦା ପ୍ରେସ କ୍ଲବର ପ୍ରତିଷ୍ଠାତା ବରିଷ୍ଠ ସଦସ୍ୟ ରତ୍ନା କର ଦାଶ ଙ୍କୁ ମନ୍ତ୍ରୀ ଓ ଅନ୍ୟାନ ଅତିଥି ମାନେ ସ୍ୱତନ୍ତ୍ର ଭାବେ ପୁଷ୍ପଗୋଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରି ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରିଥିଲେ,ଏହା ବ୍ୟତିତ ପ୍ରେସ କ୍ଲବ ର ଉପଦେଷ୍ଟା ତଥା ସାମ୍ବାଦିକ ଅନିଲ କୁମାର ବାରିକ, ବାସୁଦେବ ତ୍ରିପାଠୀ, ରସାନନ୍ଦ ମହାପାତ୍ର, ସୁଧୀର ପଣ୍ଡା ଏବଂ ଧନେଶ୍ୱର ପଣ୍ଡା ସମେତ ଶିକ୍ଷାବିତ ଗିରୀଶ ବିହାରୀ ମିଶ୍ର, ସମାଜସେବୀ ହେମେନ୍ଦ୍ର ସାହୁ, ନୃତ୍ୟଶିଳ୍ପୀ ଶୁଭେନ୍ଦୁ ଲେଙ୍କା, ଶିକ୍ଷା ଉଦ୍ୟୋଗୀ ଜୟନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଗତ ୧୯୮୪ ମସିହା ରୁ ରତ୍ନାକର ଦାଶ ଙ୍କ ସାମ୍ବାଦିକତା ଧାମନଗର ବ୍ଲକ ରୁ ହିଁ ଆରମ୍ଭ ହୋଇଥିଲା, ସେ ଓ ଅନ୍ୟ ସାମ୍ବାଦିକ ଙ୍କ ଉଦ୍ୟମ ରେ ଗତ ୧୯୮୫ ମସିହା ରେ ଧାମନଗର ପ୍ରେସ କ୍ଲବ ପ୍ରତିଷ୍ଠା କରା ଯାଇଥିଲା,ଗତ ୧୯୮୮ ମସିହା ରେ ମାଲକାନଗିରି ରେ ସାମ୍ବାଦିକତା କରିବା ସହିତ ଆଦିବାସୀ ଙ୍କ ଉପରେ ଗବେଷଣା ଆରମ୍ଭ କରିଥିଲେ ଓ ଶ୍ରୀ ଦାଶ ଦୁଇ ଥର ଓଡିଶା ସାହିତ୍ୟ ଏକାଡେମୀ ର ସଦସ୍ୟ ଭାବେ ରାଜ୍ୟସରକାର ଙ୍କ ଦ୍ୱାରା ମନୋନୀତ ହୋଇ ସାହିତ୍ୟ ସେବା ସହିତ ଓଡ଼ିଆ ଭାଷା ସଂସ୍କୃତି ର ପ୍ରଚାର ପ୍ରସାର କରିଆସୁଛନ୍ତି। ଧାମନଗର ରୁ ସୁଦୂରମାଲକାନଗିରି କୁ ଯାଇ ମାଓଗଡ଼ ରେ ସାମ୍ବାଦିକତା କରିବା ସହିତ ସାହିତ୍ୟ ସେବା ପ୍ରତି ରୁଚି ରଖି ଥିବାରୁ ମଞ୍ଚାସିନ ଅତିଥି ମାନେ ପ୍ରଶଂସା କରିବା ସହିତ ଧାମନଗର ପ୍ରେସ କ୍ଲବ ପକ୍ଷରୁ ରତ୍ନା କର ଦାଶ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଦେଶାତ୍ମକବୋଧକ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାସୁଦେବପୁର, ୪/୨ (ନି.ପ୍ର): ବାସୁଦେବପୁର ପ୍ରଜାପିତା ବ୍ରହ୍ମା କୁମାରୀ ପକ୍ଷରୁ ଜନ ରାଜ୍ୟ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଦେଶାତ୍ମକ ବୋଧକ କାର୍ଯ୍ୟକ୍ରମ ହୋଇ ଥିଲା। ଏହି ଉତ୍ସବରେ ବିକେ ଗଦାଧର ଭାଇ, ବିକେ ପ୍ରତିମା ଭଉଣୀ ଓ ଅନ୍ୟାନ୍ୟ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ। ଆଧାତ୍ମିକ ଚିନ୍ତାଧାରା ରେ ସମସ୍ତ ଙ୍କୁ ବାଟ ଚାଲିବା ପାଇଁ ଗଦାଧର ଭାଇ ଓ ପ୍ରତିମା ଭଉଣୀ ଆଲୋଚନା ଆଲୋଚନା କରିଥିଲେ। ଓଁ ଶାନ୍ତି ଏହା ଇଶ୍ୱର ଙ୍କ ପାଖରେ ପହଞ୍ଚାଇବାର ଏକ ମାଧ୍ୟମ ବୋଲି ଗଦା ଧର ଭାଇ ପ୍ରକାଶ କରିଥିଲେ।

# ଯାନବାହନ ଚଳାଚଳ ନିୟନ୍ତ୍ରଣ ବୈଠକ ଅନୁଷ୍ଠିତ

ପୁରୀ, ୪/୨ (ନି.ପ୍ର): ପୁରୀ ସହରରେ ଯାନବାହାନ ଚଳାଚଳରେ ନିୟନ୍ତ୍ରଣ ରକ୍ଷା ସମ୍ପର୍କରେ ଏକ ବୈଠକ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ ଠାରେ ଆୟୋଜନ କରାଯାଇଥିଲା। ଏଥିରେ ପୁରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ପୁରୀ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅନ୍ୟାନ୍ୟ ଆରକ୍ଷୀ ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ପୌର କର୍ତୃପକ୍ଷଙ୍କ ସମେତ ଏଥି ସହ ସଂପୃକ୍ତ ଥିବା ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ନିଷ୍ପତି ନିଆଗଲା ଯେ, ଆସନ୍ତା ଫେବୃଆରୀ ୧୦ ରୁ ୨୦ ତାରିଖ ମଧ୍ୟରେ ସହରର ସମସ୍ତ ଅଟୋ ଚାଳକ ମାନେ ତାଳବଣିଆ ସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ନିଜ ଗାଡିକୁ ପଞ୍ଜିକୃତ କରାଇବେ। ତା ସଙ୍ଗେ ସଙ୍ଗେ ସେମାନେ ମୋଟର ଯାନ ସମ୍ବନ୍ଧରେ ସମସ୍ତ କାଗଜପତ୍ର ଧରି ଉପସ୍ଥିତ ରହିବେ। ଆସନ୍ତା ୧୦ ରୁ ୨୦ ତାରିଖ ପର୍ଯ୍ୟନ୍ତ ସକାଳ ୧୦ ଟା ରୁ ସନ୍ଧ୍ୟା ୫ଟା ମଧ୍ୟରେ ସମସ୍ତ ଅଟୋ ଚାଳକ ମାନେ ନିର୍ଦ୍ଧାରିତ ଦସ୍ତାବିଜ ଦେଇ ନିଜ ଗାଡିକୁ ପଞ୍ଜିକୃତ କରାଇବେ ନଚେତ ସେ ଗାଡି ଗୁଡିକୁ ସହରରେ ଚଳାଚଳ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପରିବହନ ଅଧିକାରୀ ସୂଚନା ଦେଇଛନ୍ତି।

# ନିଳାଗୁଡା ଜଙ୍ଗଲରେ ଅବକାରି ଚଢ଼ଉ

ଜୟପୁର, ୪/୨ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ନିଳାଗୁଡା ଜଙ୍ଗଲରେ ଆଜି ସକାଳ ୮ଟାରେ ଅବକାରି ଚଢ଼ଉ ହୋଇଛି । ଦେଶି ମଦ ପ୍ରସ୍ତୁତି ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଚଢ଼ଉ କରାଯାଇଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ପକ୍ଷରୁ ବହୁ ମଦ ଭାଟି ଭଙ୍ଗାଯିବା ସହ ୨୧ ଶହ ଲିଟର ପୋଚ ୧୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରାଯାଇଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଅବକାରି ଓଆଇସି ହିରଣ ସୁବ୍ରତ ସୂଚନା ଦେଇଛନ୍ତି । ଏହି ଚଢ଼ଉ ଆଜି ଅପରାହ୍ନ ୨ଟାରେ ଶେଷ ହୋଇଥିଲା ।

# ଇଞ୍ଚାଲସ୍ଥିତ ସଂଗ୍ରହାଳୟର ସୂଚନା ପରେ ଦାବି ଉଠାଇଲେ ଦୁଇ ସେନା ଅଧିକାରୀ

ଉଦଳା , ୪/୨ (ନି.ପ୍ର): ମଣିପୁର ରାଜ୍ୟର ବାସିନ୍ଦା ସ୍ୱେଚ୍ଛାସେବି ସୋଫିଆ ଆକୋଇଜାମ ନିକଟରେ ଓଡ଼ିଶାଗସ୍ତରେ ଆସିଥିଲେ । ଏଠାରେ ରହଣିକାଳରେ ସେ ଗତ ଜାନୁଆରି ୨୯ ତାରିଖ ବୁଧବାର ଦିନ ମୟୂରଭଂଜ ଜିଲ୍ଲାର କିଛି ସ୍ୱେଚ୍ଛାସେବି ଓ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଆଲୋଚନା ସମୟରେ ସେ ମଣିପୁର ରାଜ୍ୟସରକାରଙ୍କ ଦ୍ୱାରା ଇମ୍ଫାଂଲ ଠାରେ ଗଢ଼ି ଉଠିଥିବା ସଂଗ୍ରହାଳୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଦେଶକୁ ସ୍ୱାଧିନ କରିବା ପାଇଁ ନେତାଜୀ





ସୁବାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ଆଜାଦହିନ୍ଦ ଫୌଜ ଜାପାନର ସହାୟତାରେ ଇଂରେଜ ସୈନିକ ମାନଙ୍କ ଉପରକୁ ଆକ୍ରମଣ କରିଥିବା ସମୟର ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସାମଗ୍ରୀକୁ ନେଇ ଏହି ସଂଗ୍ରହାଳୟ ନିର୍ମାଣ ହୋଇଥିବାର ସେ ସୂଚନା ପ୍ରଦାନ କରିଥିଲେ । ଏହାକୁ ଦେଖିବା ପାଇଁ ଜାପାନରୁ ବହୁସଂଖ୍ୟାରେ ପର୍ଯ୍ୟଟକ ଏବେ ମଧ୍ୟ ଏଠାକୁ ଆସୁଥିବାର ସେ କହିଥିଲେ । ତେବେ ଉକ୍ତ ଘଟଣା ସମ୍ପର୍କରେ ଖବରକାଗଜରେ ସମ୍ବାଦ ପରିବେଶିତ ହେବା ପରେ ଉଦଳାର ବାସିନ୍ଦା ଦୁଇ ଅବସରପ୍ରାପ୍ତ ସେନାଅଧିକାରୀ ହରେନ ପଟ୍ଟନାୟକ ଓ ବ୍ରହ୍ମାନନ୍ଦ ନାୟକ ପ୍ରତିକ୍ରୀୟା ପ୍ରକାଶ କରିବା ସହ ଦାବି ଉଠାଇଛନ୍ତି । ଉକ୍ତ ସଂଗ୍ରହାଳୟ ସମ୍ପର୍କରେ ଓଡ଼ିଶାରେ କୌଣସି ପାଠ୍ୟ ପୁସ୍ତକରେ ବିଷୟସ୍ଥାନ ପାଇନଥିବାରୁ ଦୁଇ ସେନା ଅଧିକାରୀ କ୍ଷୋଭ ପ୍ରକାଶ କରିଛନ୍ତି । ଏ ବାବଦରେ ତୁରନ୍ତ ରାଜ୍ୟସରକାର ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ଉଠାଇଛନ୍ତି । ଓଡ଼ିଶାରେ ଜାତୀୟ ସମରଶିକ୍ଷାର୍ଥି ବାହିନୀରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ବର୍ଷରେ ଥରେ ଉକ୍ତ ସଂଗ୍ରହାଳୟ ବୁଲି ଦେଖିବାର ସୁଯୋଗ ପ୍ରଦାନ କରିବା ପାଇଁ ମଧ୍ୟ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ବୋଲି ପ୍ରସ୍ତବ ଉକ୍ତ ଦୁଇ ଅଧିକାରୀ ଦେଇଛନ୍ତି । ତେବେ ରାଜ୍ୟରେ ଥିବା ମୋହନ ସରକାର ଏହିସବୁ ଦାବି ପୁରଣ କରିବାରେ କିପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଦେଖିବା ବାକି ରହିଛି । ଉକ୍ତ ସଂଗ୍ରହାଳୟକୁ ଆଖିରେ ଦେଖିଲେ ଦେଶକୁ ସ୍ୱାଧିନ କରିବା ପାଇଁ ଚାଲିଥିବା ସଶସ୍ତ୍ର ବିପ୍ଳବର ରୂପରେଖ ସମ୍ପର୍କରେ ଅନେକ କିଛି କଥା ଜାଣିହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଡିଜିଟାଲ ଅନ୍ୟମନସ୍କତା ଓ ସମ୍ପର୍କର ନିବିଡ଼ତା...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବର୍ଷ ବର୍ଷର, ପରମ୍ପରାର ଓ ଅନେକ ପୁରୁଣା ସମ୍ପର୍କ ମଧ୍ୟ ପ୍ରଭାବିତ ହେଉଛି ଏବଂ ଏହାକୁ ନେଇ ଅନେକଙ୍କ ଭିତରେ ମଧ୍ୟ ଏକ ପ୍ରକାର ମନମାଳିନ୍ୟ ଓ ଭୁଲ ବୁଝାମଣା ସୃଷ୍ଟି ହୋଇଥାଏ।

ତେବେ ଏଥିରୁ ମୁକ୍ତି ପାଇବା ପାଇଁ ଉପାୟ କ'ଣ ? ଆମ୍ଭେମାନେ ହେଉଛେ ଏ ସୃଷ୍ଟିରେ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ। ଭଗବାନ ଆମକୁ ବିଦ୍ୟା, ବୁଦ୍ଧି ଓ ମସ୍ତିଷ୍କ ଦେଇଛି। ତେଣୁ ନିର୍ଦ୍ଧାରିତ ସମୟ ପାଇଁ ଫୋନ ସହିତ ନିଜକୁ ଜଡ଼ିତ ରଖନ୍ତୁ। ଆମ୍ଭେମାନେ ଆମ ବ୍ୟକ୍ତିଗତ ଜୀବନରେ ଅନେକ ଲୋକଙ୍କୁ ଦେଖିଛୁ ଯେଉଁମାନେ ନିର୍ଦ୍ଦିଷ୍ଟ ସମୟ ବ୍ୟତୀତ ଅନ୍ୟ ସମୟରେ ଆଦୌ ଫୋନ ଦେଖନ୍ତି ନାହିଁ। ସେମାନଙ୍କର ଏହି ରୁଟିନ ବନ୍ଧା ଜୀବନ ବ୍ୟବସ୍ଥା ସମ୍ପର୍କରେ ତାଙ୍କ ପାଖଲୋକ ଓ ତାଙ୍କ ସହ ଯୋଗାଯୋଗରେ ରହୁଥିବା ଲୋକମାନେ ମଧ୍ୟ ଜାଣିଥିବାରୁ ଏହା ସେମାନଙ୍କ ପାଇଁ ଆଦୌ ଅସହଜ ହୁଏ ନାହିଁ। ନିଜ ଜୀବନକୁ ଆନନ୍ଦମୟ ଓ ସମ୍ପର୍କପ୍ରିୟ କରିବାକୁ ହେଲେ କେବଳ ମୋବାଇଲର ସମ୍ପର୍କ ଯେ ଅତ୍ୟନ୍ତ ଓ ଅହର୍ନିଷ ଜରୁରୀ ଆଦୌ ନୁହଁ। ଆମେ ଏପରି ଲୋକମାନଙ୍କୁ ବି ସାମ୍ନା କରିଛୁ ଯେଉଁମାନେ ସମାଜରେ ଢ଼େର ପ୍ରତିଷ୍ଠିତ ଏବଂ ଅନେକ ବିଜ୍ଞ, ଉଚ୍ଚ ପଦପଦବୀରେ ଆସୀନ ଏ ସବୁ ସତ୍ତ୍ୱେ ଏକ ଛୋଟିଆ ଫୋନ ବ୍ୟବସ୍ଥା ଭିତରେ ନିଜକୁ ରଖିଥାନ୍ତି। ତେଣୁ ଏହି ତଥାକଥିତ ଫୋନ ବିଳାସ, ଫବିଂ ମାୟା ଜାଲରୁ ନିଜକୁ ମୁକ୍ତ ହେବାର ଉପାୟ ଆପଣ ନିଜେ ମଧ୍ୟ କାଢ଼ନ୍ତୁ। ଉପସ୍ଥିତ ମୁହୂର୍ତ୍ତକୁ ଅନୁଭବ କରିବା ସହ ଗୁରୁତ୍ୱପୂର୍ଣ୍ଣ, ମୂଲ୍ୟବାନ ଓ ଅର୍ଥପୂର୍ଣ୍ଣ ବାର୍ତ୍ତାଳାପରେ ନିଜକୁ ନିୟୋଜିତ ରଖିବା ସହ ଡିଜିଟାଲ ଅନ୍ୟମନସ୍କତାକୁ ପଛେଇ ବ୍ୟକ୍ତିନିଷ୍ଠ ସମ୍ପର୍କକୁ ପ୍ରାଥମିକତା ଦିଅନ୍ତୁ ଦେଖିବେ ଆପଣ ଏହି ମାୟାଜାଲରୁ କେବଳ ନିଜକୁ ମୁକ୍ତି କରିପାରିବେ ନାହିଁ ବରଂ ଆପଣ ଅନେକ ମୂଲ୍ୟବାନ ସମୟ ବାହାର କରି ଏହା ଆପଣଙ୍କ ନିଜ ଲୋକମାନଙ୍କ ପାଇଁ ସେହି ସମୟଟି ଦେଇପାରିବେ। ଜୀବନଟି ଅତ୍ୟନ୍ତ ଆନନ୍ଦମୟ, ସମ୍ପର୍କପୂର୍ଣ୍ଣ ଓ ମଧୁରପୂର୍ଣ୍ଣ ହୋଇପାରିବ।

+'ଆନନ୍ଦ ଜ୍ୟୋସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ

## ମହାସାଗରକୁ ପ୍ଲାଷ୍ଟିକ...

(ପୃଷ୍ଠା ୩ର ଅବଶିଷ୍ଟାଂଶ)

ପାଉଣ୍ଡ ପ୍ଲାଷ୍ଟିକ ଆବର୍ଜନା ପଠାଉଛି ସମୁଦ୍ରକୁ। ସେହିପରି ଚୀନର ଜି.ଡୋଙ୍ଗ ଓ ଝୁଡ଼ିଆଙ୍ଗ ନଦୀ ମିଳିତ ଭାବରେ ୨୩୩ ମିଲିୟନ ପାଉଣ୍ଡ ପ୍ଲାଷ୍ଟିକ ସମୁଦ୍ରକୁ ଛାଡୁଛନ୍ତି। ଇଣ୍ଡୋନେସିଆର ବ୍ରାଣ୍ଟାସ ସୋଲୋ, ସେରାୟୁ ଏବଂ ପ୍ରୋଗୋ ନଦୀ ମିଳିତ ଭାବରେ ୨୨୧ ମିଲିୟନ ପାଉଣ୍ଡ ପ୍ଲାଷ୍ଟିକ ପଠାଉଛନ୍ତି ସମୁଦ୍ରକୁ। ତେବେ ଦେଖାଯାଇଛି ଯେଉଁ ନଦୀଗୁଡ଼ିକ ଅଧିକ ପ୍ରଦୂଷିତ କରୁଛନ୍ତି ସମୁଦ୍ରକୁ, ସେସବୁ ନଦୀ ଉପରେ ଅପେକ୍ଷାକୃତ ଭାବରେ ଅଧିକରୁ ଅଧିକ ଲୋକ ନିର୍ଭର କରନ୍ତି, ଯେମିତି ୟାଙ୍ଗଜେ ନଦୀ ଉପରେ ୫୦ କୋଟିରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ଏହାଛଡ଼ା ପ୍ରଦୂଷଣର ଅନ୍ୟତମ କାରଣ ବର୍ଜ୍ୟ ପରିଚାଳନାରେ ତ୍ରୁଟି। ମୁଣ୍ଡପିଛା ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଏସବୁ ଦେଶରେ କମ। ବର୍ଜ୍ୟ ସଂଗ୍ରହ ଓ ପୁନଃଚକ୍ରଣ ଏସବୁ ଦେଶରେ ଅନ୍ୟାନ୍ୟ ଦେଶ ତୁଳନାରେ କମ। ପରିସଂଖ୍ୟାନରୁ ଜଣାଯାଇଛି ପ୍ରତି ମିନିଟରେ ସାରା ବିଶ୍ୱ ୧ ମିଲିୟନ ପ୍ଲାଷ୍ଟିକ ବୋତଲ ବୋତଲ ବିକ୍ରି ହୁଏ। ଏହାର ୧୦ ପ୍ରତିଶତରୁ କମ ପୁନଃଚକ୍ରିତ ହୁଏ। ବଡ଼ ବଡ଼ ନଦୀ ପ୍ଲାଷ୍ଟିକ ପ୍ରଦୂଷଣ ବହନ କରିବା ପାଇଁ ଅଧିକକ୍ଷମ। ଉଦାହରଣ ସ୍ୱରୂପ ୟାଙ୍ଗଜେ ନଦୀ ପିଜ ପ୍ରବାହ ଧାରା ମଧ୍ୟରେ ଯେତିକି ପ୍ରଦୂଷଣ ବହନ କରିପାରେ ଛୋଟ ନଦୀଗୁଡ଼ିକ ସେତିକି କରିପାରନ୍ତି ନାହିଁ। ଏହା ବ୍ୟତୀତ ବଡ଼ ବଡ଼ ନଦୀଗୁଡ଼ିକରେ ଶିଳ୍ପ କାରଖାନା ମଧ୍ୟ ସ୍ଥାପନ କରାଯାଇଥାଏ। ଏସବୁର ବର୍ଜ୍ୟ ନଦୀର ପ୍ରଦୂଷଣ ହାର ବଢ଼ାଇଥାଏ। କିନ୍ତୁ ଏହି ପ୍ରଦୂଷଣ ସାମୁଦ୍ରିକ ଜୈବ ପ୍ରଣାଳୀରେ ପ୍ରାୟ ୬ ବିଲିୟନ ୟୁରୋ ମୂଲ୍ୟର କ୍ଷତି ଘଟାଇଥାଏ ପ୍ରତି ବର୍ଷ। ଏହି ପ୍ରଦୂଷଣ ପ୍ରତି ବର୍ଷ ୧ ମିଲିୟନ ସାମୁଦ୍ରିକ ପକ୍ଷୀ, ୧ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ଜୀବ ଏବଂ ଅସଂଖ୍ୟ ମାଛଙ୍କ ମୃତ୍ୟୁର କାରଣ ହୋଇଥାଏ। ଆକଳନ ଅନୁଯାୟୀ ମାତ୍ର ୫ଟି ଦେଶ ଯଥା ଚୀନ, ଇଣ୍ଡୋନେସିଆ, ଫିଲିପାଇନ୍ସ, ଭିଏତନାମ ଏବଂ ଶ୍ରୀଲଙ୍କାରୁ ସମୁଦାୟ ପ୍ଲାଷ୍ଟିକ ବର୍ଜ୍ୟର ଅର୍ଦ୍ଧେକ ଯାଇଥାଏ ସମୁଦ୍ରକୁ। ଏସୀୟ ଦେଶ ମାନଙ୍କରେ ବର୍ଜ୍ୟ ପରିଚାଳନାରେ ତ୍ରୁଟି ହେତୁ ଏପରି ଅବସ୍ଥା ଉପୁଜୁଛି। ଯୁକ୍ତରାଷ୍ଟ୍ର ଆମେରିକାର ସବୁଠାରୁ ପ୍ରଦୂଷିତ ନଦୀ ପ୍ରଥମ ୨୦ଟି ପ୍ରଦୂଷିତ ନଦୀ ମଧ୍ୟରେ ନାହିଁ। ଆମେରିକା ଏବଂ ୟୁରୋପ ନିଜର ଆବର୍ଜନାକୁ ସଂଗ୍ରହ କରି ଏହାକୁ ପୁନଃ ବ୍ୟବହାର ଉପଯୋଗୀ କରୁଥିବା ଏସବୁ ଦେଶରେ ପ୍ରବପାହିତ ନଦୀ କମ ପ୍ଲାଷ୍ଟିକ ଛାଡ଼ନ୍ତି ସମୁଦ୍ରକୁ। ତେଣୁ ସଚେତନଧର୍ମୀ ଦାୟିତ୍ୱ ଆମ ସମସ୍ତଙ୍କର ରହିଛି ଯେ ନଦୀକୁ ଅନ୍ତତଃ ପକ୍ଷେ ପ୍ଲାଷ୍ଟିକ ବର୍ଜ୍ୟରୁ ସୁରକ୍ଷିତ ରଖିବା ଯାହାଦ୍ୱାରା ମହାସାଗର ଦିନକୁ ଦିନ ଅଧିକ ବିଷାକ୍ତ ଓ ତାହାର ଘାତକ ପରିଣାମ ସ୍ୱରୂପ ବିଶ୍ୱ ସୁନାମୀକୁ ଯେପରି ସାମ୍ନା ନକରେ।

+ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ



ବାଲେଶ୍ୱର, ୪/୨ (ନି.ପ୍ର): ରସାଳପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଚାରପତି ଭାଗିରଥି ବାରିକ୍ କାର୍ଯ୍ୟକ୍ରମ କୁ ଉଦଘାଟନ କରି ଶିଶୁ ମାନଙ୍କୁ ନିର୍ମାଣ କରିବାରେ ମାଆ ମାନଙ୍କ ଭୂମିକା ସଂପର୍କରେ ଅବଗତ କରାଇଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରମାନାଥ ବେହେରା ନିଜ ବକ୍ତବ୍ୟରେ ରାଷ୍ଟ୍ର ପାଇଁ ଭଲ ମଣିଷଟିଏ ଆବଶ୍ୟକ। ନିଜ ପିଲାଙ୍କୁ ବଡ଼ ମଣିଷ ନୁହଁ ବରଂ ଭଲ ମଣିଷଟିଏ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସାମ୍ବାଦିକ ରାମନାରାୟଣ ଶତପଥୀ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ବିବର୍ତ୍ତନ ନାୟକ ଏବଂ ବିଦ୍ୱତ ପରିଷଦର ସଭାପତି ସମାଜସେବୀ ଶିବାଜୀ ନିଜ ନିଜ ବକ୍ତବ୍ୟରେ ଭଲ ମାଆଟିଏ ସମାଜ ପାଇଁ ଭଲ ମଣିଷଟିଏ ଦେଇଥାଏ, ଆଉ ସେହି ଭଲ ମଣିଷ ଏକ ଭଲ ରାଷ୍ଟ୍ର ତିଆରି କରେ ବୋଲି କହିଥିଲେ। ସଂପାଦକ ଶମ୍ଭୁନାଥ ଯାଦବ ଙ୍କ ସଭାପତିତ୍ୱରେ ଆୟୋଜିତ ଦିବସ ବ୍ୟାପି ଉକ୍ତ କାର୍ଯ୍ୟକ୍ରମ କୁ ସମସ୍ତ ଗୁରୁଜୀ-ଗୁରୁମା', ସେବୀକା ଓ ସମାଜସେବୀ ବିଜୟ ସାମଲ,ସହ ସଂପାଦକ ଗଣେଶ ଚନ୍ଦ୍ର ପଣ୍ଡା,ଉପ ସଭାପତି ଦ୍ୱୀପେନ୍ଦ୍ର ନାଥ ଶତପଥି, ଲକ୍ଷ୍ମୀଧର ରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମାଆ ମାନେ ବହୁ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟ ପାଇଁ ଅନେକ ପ୍ରକାର ସାମଗ୍ରୀ ମାଆ ମାନେ ସମର୍ପଣ କରିଥିଲେ।

# ରୁପ୍ସା ବୀଣାପାଣି ଶିଶୁ ମନ୍ଦିରରେ ମାତୃପୂଜନ ଓ ସମର୍ପଣ ଉତ୍ସବ

ରୁପ୍ସା, ୪/୨ (ନି.ପ୍ର): ସ୍ଥାନୀୟ ବୀଣାପାଣି ଶିଶୁ ମନ୍ଦିର ପରିସରରେ ମାତୃ ପୂଜନ ଓ ସମର୍ପଣ ଉତ୍ସବ ଜଗଦୀଶ ପଟ୍ଟନାୟକ ଙ୍କ ସଭାପତି ତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉତ୍କଳ




ଶିକ୍ଷା ପରିଷଦ, ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗ ଦେଇ ମାଆ ଷସ ଶିଶୁ ର ପ୍ରକୃତ ଗୁରୁ ଅଟେ । ଶିଶୁ ର ମନୋ ଭାବ କୁ ଜଣେ ମାଆ ହିଁ ସଠିକ ବୁଝି ପାରିଥାଏ । ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିତ ନିରଞ୍ଜନ ପଣ୍ଡା ଶର୍ମା ଯୋଗ ଦେଇ ମାତୃ ପୂଜନ ପରମ୍ପରା ଦ୍ୱାରା ପିଲା ମାନଙ୍କ ମଧ୍ୟରେ ପିତାମାତା ଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ବଢିବ ବୋଲି କହିଥିଲେ । ବରଣ୍ୟ ଅତିଥି ଭାବେ ପରିଷଦ ସଦସ୍ୟ ସୁରଜ ବାରିକ ଯୋଗ ଦେଇଥିଲେ କ୍ଷ ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେଇ ଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିକ୍ରମ କେଶରୀ ଜେନା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ମାଆ ମାନଙ୍କ ଭିତରେ ଶଙ୍ଖ ଧ୍ୱନି, ଝୋଟି, ମୁରୁଜ, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସମର୍ପଣ ଉତ୍ସବ ରେ ମାଆ ମାନେ ଅନୁଷ୍ଠାନକୁ ନିଜ ନିଜ ଶ୍ରଦ୍ଧାର ସାମଗ୍ରୀ ଓ ବସ୍ତୁ ଅନୁଷ୍ଠାନ ଉଦ୍ଦେଶ୍ୟ ରେ ସମର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସଦସ୍ୟ ଶିବ ଶଙ୍କର ସାହୁ, ଭିକାରି ମିସ୍ତ୍ରୀ, ସୁଧାକର ଗିରି, ଗୁରୁମାମାନେ ପରିଚାଳନା କରିଥିଲେ

# ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାରାପୁର ଡ଼ିଗ୍ରୀ କଲେଜର ବାର୍ଷିକ ଉତ୍ସବ

ବାସୁଦେବପୁର, ୪/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାରାପୁର ଡ଼ିଗ୍ରୀ କଲେଜର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁଶୀଲ କୁମାର ମାଇତି। ଏହି ଉତ୍ସବରେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାଧିନତା ସଂଗ୍ରାମ, ଶିକ୍ଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ପରମ୍ପରା ସମ୍ପର୍କିତ ଆଲୋଚନା କରିଥିଲେ ବିଧାୟକ ଶ୍ରୀ ଦାସ । ସହ ସଭାପତି ଡ଼ିଗ୍ରୀ କଲେଜ ଅଧ୍ୟକ୍ଷ ରଘୁ ପତି ଖିଲାର, ଆର୍ଡୁଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ଓ ସାହିତ୍ୟିକ ଡକ୍ଟର ବସନ୍ତ କୁମାର ଦାସ, ସୋର




କଲେଜ ବାଣିଜ୍ୟ ବିଭାଗ ଅଧ୍ୟାପକ ପ୍ରଶାନ୍ତ କୁମାର ମହନ୍ତ ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଶହୀଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ଅଧ୍ୟାପକ କବି ହିମାଂଶୁ ଭୂଷଣ ପଣ୍ଡା ଓ ଡ଼ିଗ୍ରୀ କଲେଜ ଇଂରାଜୀ ଅଧ୍ୟାପକ ସୀତାରାମ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଖୁବ ସୁନ୍ଦର ଓ ଆକର୍ଷଣୀୟ ମଞ୍ଚ ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ଦିବ୍ୟ ସୁନ୍ଦର ମହାକୁଡ଼। ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ ଅଧ୍ୟାପକ ରାଜ କିଶୋର ନାୟକ। ଅଧ୍ୟାପକ ସଞ୍ଜୟ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା। ଏହି ମଧୁର ପରିବେଶରେ ଏବଂ ନିଆରା କାର୍ଯ୍ୟକ୍ରମ ରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇ ଥିଲେ। ବହୁ ସଂଖ୍ୟା ରେ ଛାତ୍ର ଛାତ୍ରୀ, ଅଭିଭାବକ ଓ ଜନ ସାଧାରଣ ଯୋଗ ଦେଇଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକା ଶିକ୍ଷା କର୍ମଚାରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଶାନ୍ତିଲତା ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାଲେଶ୍ୱର, ୪/୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଉଇଟିକିରି ସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଆଲୋକପାତ କରିଥିଲେ । ଯୁବ ଶକ୍ତି ହିଁ ରାଷ୍ଟ୍ର ବିକାଶର ମୂଳ ଆଧାର ବୋଲି ବିଧାୟକ ବକ୍ତବ୍ୟରେ କହିଥିଲେ । ଅଧ୍ୟକ୍ଷ ମନୋରଞ୍ଜନ ବେହେରା ଏହି ଉତ୍ସବରେ ପୌରାହିତ୍ୟ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଯୋଗଦେଇ ଛାତ୍ରଛାତ୍ରୀ ଶୃଙ୍ଖଳାବାନ ଓ ଧୈର୍ଯ୍ୟଶୀଳ ହେବା ଉଚିତ ବୋଲି




ବକ୍ତବ୍ୟରେ କହିଥିଲେ । ସମ୍ମାନିତ ଅତିଥି ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ମଞ୍ଚାସୀନ ହୋଇ ବ୍ୟଙ୍ଗକବିତା ମାଧ୍ୟମରେ ଭବିଷ୍ୟତ ନିର୍ମାଣ ଦିଗରେ ପରାମର୍ଶ ଦେଇଥିଲେ । ଅଧ୍ୟାପକ ମାନସ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ଜେମାମଣି ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । କ୍ରୀଡ଼ା ଅଧ୍ୟାପକ ଜୀବନ କୃଷ୍ଣ ଗିରି ଓ ଅଧ୍ୟାପକ ମାନସ କୁମାର ଦତ୍ତଙ୍କ ମଞ୍ଚ ସଂଯୋଜନାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଅଧ୍ୟାପକ ଦୁର୍ଗା ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ସପନ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଭୋଳ, ଉମାଶଙ୍କର ପାଣି, ମନୋଜ କୁମାର ସାହୁ, ଦେବବ୍ରତ ନାୟକ, ଅଧ୍ୟାପିକା ପ୍ରଣତି ବେହେରା, ମୌମିତା ପାତ୍ର, ପ୍ରିୟଙ୍କା ନାୟକଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିରୋଧୀଙ୍କୁ ଟାର୍ଗେଟ୍ କଲେ...

କିଛି ଲୋକ ସମ୍ବିଧାନକୁ ନିଜ ଘର ଭିତରେ ରଖିଥିଲେ ହେଲେ ଆମେ ସେମିତି କରିନୁ । ଆମେ ପିଏମ ମ୍ୟୁଜିୟମ୍ ନିର୍ମାଣ କରିଛୁ । ବିରୋଧୀମାନେ ସମସ୍ତେ ସେଠାକୁ ଯାଆନ୍ତୁ ଯଦି ସେଠାରେ କିଛି ତ୍ରୁଟି ରହିଛି ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତୁ । ଆମେ ପ୍ରତିଶ୍ରୁତି ଦେଉଛୁ, ଆମେ ନିଶ୍ଚିତ ସେଦିଗରେ କାମ କରିବୁ । କ୍ଷମତାରେ ରହିବା ପରେ ଯେଉଁମାନେ ନିୟମକାନୁନ ମାନୁନାହାନ୍ତି ସେମାନେ ଗଣତନ୍ତ୍ରର ହତ୍ୟା କରନ୍ତି । ଦେଶକୁ ଏକାଠି ରଖିବାକୁ ଆମେ ପ୍ରତିଶ୍ରୁତିବଦ୍ଧ । ସେଇଥି ଲାଗି ତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ କରିଛୁ । କିନ୍ତୁ ଦେଶର ଦୁର୍ଭାଗ୍ୟ କିଛି ନେତା ସହରାଞ୍ଚଳ ନକ୍ସଲଙ୍କ ପରି କଥା ହେଉଛନ୍ତି । ନିଜ ଅଭିଭାଷଣରେ ମୋଦି କହିଛନ୍ତି, ଆୟୁଷ୍ମାନ ଯୋଜନାରେ ୧ ଲକ୍ଷ ୨୦ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଛି ।

### ୧୮ରୁ ଯୁକ୍ତ ...

ବର୍ଷ ସାମ୍ନାକୁ ଆସୁଛି ପ୍ରଶ୍ନପତ୍ର ଲିକ ଓ ଭାଇରାଲ୍ ଅଭିଯୋଗ। ଏଥର ୧ ହଜାର ୨୭୬ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ପ୍ରଶ୍ନ ପତ୍ର ଲିକ ବା ଗୁଜବ କଲେ, ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ। କପି ରୋକିବା ପାଇଁ ହୋଇଛି ୫ ଥାକିଆ ସ୍କ୍ୱାର୍ଡ ବ୍ୟବସ୍ଥା। ପରୀକ୍ଷା କେନ୍ଦ୍ରରେ ଅଚାନକ ଚଢାଉ କରିବେ ସ୍କ୍ୱାର୍ଡ। ୩୦ ଜିଲ୍ଲାର ୩୫ଟି ଜାଗାରେ ଆଗୁଆ ସ୍କ୍ୱାର୍ଡ ରହିବେ। ସେମାନଙ୍କ ପରିଚୟ କେହି ଜାଣିବେନି। ସବୁ ସେଣ୍ଟରରେ ସିସିଟିଭିକୁ ଗୁରୁତ୍ୱ ଦିଆଯାଇଛି। ବିଭ୍ରାନ୍ତିକର ଖବର କିମ୍ବା ଗୁଜବ ଖବରରୁ ପିଲାମାନଙ୍କୁ ଦୂରେଇ ରହିବାକୁ ଅପିଲ୍ କରିଛନ୍ତି ଉଚ୍ଚଶିକ୍ଷାର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ପ୍ରଶାନ୍ତ ପରିଡ଼ା। ସମସ୍ତ ଜିଲ୍ଲାପାଳ ଓ ଏସପିଙ୍କୁ ପରୀକ୍ଷା ପରିଚାଳନାରେ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ।

### ଘର ସଜାଡିବାକୁ ...

ପଟ୍ଟନାୟକଙ୍କ ପାଖରେ ଅଭିଯୋଗ କରିଥିଲେ। ସେପଟେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର, ସାନଖେମୁଣ୍ଡି, ଛତ୍ରପୁର ଓ ଗୋପାଳପୁରର ପର୍ଯ୍ୟବେକ୍ଷକ ଭାବେ ସଂଜୟ ଦାସବର୍ମା ଦାୟିତ୍ୱ ନେଇଥିବାରୁ ସମସ୍ତ ସମସ୍ୟାର ସମାଧାନ କିଭଳି ହେବ, ସେନେଇ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ସେପଟେ ମେୟରଙ୍କ କହିବା କଥା ଯେ, ସମସ୍ତେ ଯେଭଳି ଏକ ହୋଇ କାମ କରିବେ, ସେଥିପ୍ରତି ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି।

### ଯୁଦ୍ଧ ଓ ମାନ୍ଦାବସ୍ଥା ସତ୍ତ୍ୱେ....

ବର୍ତ୍ତମାନ ଦେଶରେ ସୃଷ୍ଟି ହେଉଥିବା ନିଯୁକ୍ତି ପାଇଁ ଦକ୍ଷ ଶ୍ରମିକଙ୍କ ଅଭାବକୁ କିଭଳି ଦୂର କରିହେବ ସେ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ପରସ୍ପର ସହଯୋଗିତାରେ ଭାରତରେ ଦକ୍ଷ ଶ୍ରମିକ ତିଆରି କରି ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିବା ଦିଗରେ କାମ କରିବାକୁ ସଂସ୍ଥାମାନଙ୍କ ମଧ୍ୟରେ ବୈଠକ ହୋଇଛି। ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସଡିସି) ସୋସାଇଟି ଫର ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ (ଏସଏଚ୍ ଆରଏମ୍) ଭାରତ ସହିତ ମିଳିତ ହୋଇ ଏ ଦିଗରେ କାମ କରିବାକୁ ସହମତି ହୋଇଛି।

### ହଠାତ୍ ରାଗିଗଲେ...

ଏ ଭଳି ଅଭିଯୋଗ ଶୁଣିବା ମାତ୍ରେ ରାଗି ଯାଇଥିଲେ ମନ୍ତ୍ରୀ । ଜଣେ ଗରିବ ଲୋକ ସମସ୍ୟାର ସମାଧାନ ପାଇଁ ଅଭିଯୋଗ ପ୍ରକୋଷ୍ଠକୁ କାହିଁକି ବାରମ୍ବାର ଆସୁଛନ୍ତି ବୋଲି ପ୍ରଶ୍ନ କରିଥିଲେ । କାହିଁକି ତାଙ୍କ କାମ ଠିକରେ ହେଉନାହିଁ । ୭ ଦିନ ମଧ୍ୟରେ କାହିଁକି ଆକ୍ସନ ଟେକେନ୍ ରିପୋର୍ଟ ଦିଆଯାଉନି ବୋଲି ରାଗିଯାଇ କହିଥିଲେ । ଦ୍ୱିତୀୟ ଥର ଜଣେ କାହିଁକି ଆସିବେ ? ଥରକରେ କାହିଁକି ତାଙ୍କ କାମ ହେଉନାହିଁ ? ତୁରନ୍ତ ସେ ଯନ୍ତ୍ରୀଙ୍କୁ ଡାକ । ଆଜି ସସପେଣ୍ଡ କରିବି ? ଲୋକଙ୍କ ଅଭାବ ଅସୁବିଧା ଦୂର କରିବା ପାଇଁ ସମସ୍ତେ ଠିକରେ କାମ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅଭିଯୋଗ ଶୁଣାଣୀ ବେଳେ ମୟୂରଭଞ୍ଜ ଏଡିଏମ୍, ବ୍ଲକ୍ ବିଡ଼ିଓ, ଅନେକ ସରକାରୀ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ମଧ୍ୟ ମହିଳା ଜଣକ ମନ୍ତ୍ରୀଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ତାଙ୍କ ସମସ୍ୟା ଜଣାଇଥିଲେ । କେହି ବି ଦ୍ୱିତୀୟ ଥର ମୋ ପାଖକୁ ଅଭିଯୋଗ କରିବାକୁ ଆସିବେ ନାହିଁ । ଥରକରେ ହିଁ ଲୋକଙ୍କ କାମ କର ବୋଲି କହିଥିଲେ ମନ୍ତ୍ରୀ ।

### ଆତଙ୍କ ଖେଳାଉଛି ...

ଫଳରେ ଦୀର୍ଘସମୟ ଧରି ଗାଡି ଚଳାଚଳ ଠପ ହୋଇଯାଇଥିଲା । ଘଟଣାକୁ ସ୍ଥଳରେ କୁଟ ଅଧିକାରୀ ଓ ପୁଲିସ ପ୍ରଶାସନ ପଂହଚି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ । ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା । ରାଜଧାନୀରେ ମୋ ବସ ଡ୍ରାଇଭର ନିୟମ ମାନୁନାହାନ୍ତି । ଫଳରେ ରାଜଧାନୀରେ ବାରମ୍ବାର ଦୁର୍ଘଟଣା ଘଟୁଛି। କିଛି ଦିନ ତଳେ ମୋ ବସ ଦୁର୍ଘଟଣାରେ ଚନ୍ଦ୍ରଶେଖରପୁରରେ ଜଣେ ଯୁବତୀ ଆହତ ହୋଇଥିଲେ । ଏହାପରେ ମୋ ବସର ବେଗକୁ କମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତାସତ୍ତ୍ୱେ ଏହାକୁ ମାନୁନାହାନ୍ତି ଡ୍ରାଇଭର ।

### ଆକ୍ସନମୋଡରେ...

ସରକାର ଅବୈଧ ବିଦେଶୀଙ୍କୁ ଠାବ କରୁଛି ଏବଂ ସେମାନଙ୍କୁ ସାମରିକ ବିମାନରେ ସେମାନଙ୍କ ଦେଶକୁ ଫେରାଇବ ଆମେରିକା । ଭାରତ ଅବୈଧ ପ୍ରବାସୀ ପ୍ରସଙ୍ଗରେ ଆମେରିକୀୟ ପ୍ରଶାସନକୁ ସାହାଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏନେଇ ବିବୃତି ମଧ୍ୟ ରଖିଥିଲେ । ତେଣୁ ସେନାର ବିମାନ ସାହାଯ୍ୟରେ ଭାରତୀୟଙ୍କୁ ଫେରାଇ ଆଣୁଛନ୍ତି ଭାରତ ସରକାର।

### ଭୋଟ ପାଇଁ ପ୍ରସ୍ତୁତ....

ନିର୍ବାଚନ କମିଶନ ଉପରେ ଅରବିନ୍ଦ କେଜ୍ରିୱାଲ ଆଣିଥିବା ପାତରଅନ୍ତର ଅଭିଯୋଗ ଉପରେ କଡା ପ୍ରତିକ୍ରିୟା ରଖିଛନ୍ତି ଇସିଆଇ। ଇସିଆଇ କହିଛନ୍ତି, ନିର୍ବାଚନ କମିଶନ ଉପରେ ଚାପ କୌଶଳ ପକାଯାଉଛି। ରଉଓ କୁ ଅପମାନିତ କରିବା ପାଇଁ ବାରମ୍ବାର ସୁଚିନ୍ତିତ ଷଡଯନ୍ତ୍ର କରାଯାଇଛି। କିନ୍ତୁ ସାମ୍ବିଧାନ ନିୟମ ପାଳନ କରିବାରେ ଇସି ବଦ୍ଧପରିକର। ଏଭଳି କପଟ ଦ୍ୱାରା ନିର୍ବାଚନ କମିଶନ ପ୍ରଭାବିତ ହେବେ ନାହିଁ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମ ଦିନ ପାଳିତ

ରୂପସା , ୪/୨ (ନି.ପ୍ର): ହାତିଆଡ଼ିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ବାରିକଙ୍କ ସୁପୁତ୍ର ଇଂ ନିଶିଥ ନିୟନ ବାରିକ-ମୁନିମତୀ ଲିପିକା ବାଛିନୀଙ୍କର ଏକମାତ୍ର ସୁକନ୍ୟା ଆୟୂଷ୍ମତୀ ମୁନି କୁମାରୀ ଗୀତାଶୀ ଗୌରୀ ନନ୍ଦିନୀଙ୍କର ୭ମ ଶୁଭ ଜନ୍ମ ଦିନ, ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀଚରଣ ମୁନିଜୀଙ୍କ ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା । ଉପସ୍ଥିତ ଥିଲେ,ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ବିମଳାଲେଙ୍କା, ବାସନ୍ତୀ ମହାଳିକ, ଜୟନ୍ତୀ ଗିରି, ନୀନସାହୁ, ଜାହ୍ନବୀ ଗିରି, ମୁନିମତୀ ମିନା ନାୟକ, ମିନତୀ ବର,ଉର୍ମିଳା ପଣ୍ଡା, ଯମୁନା ବର, ପ୍ରଭାସିନୀ ବର, କୁନୀ ମାଝି, ପଦ୍ମାବତୀ ସିଂ, ମୁନି ଶ୍ରୀନାଥ ବେହେରା, ଯୋଗେନ୍ଦ୍ର ବେହେରା, ରବିନ୍ଦ୍ର ସାହୁ, ସିନ୍ଧୁ ସିଂ, ଜଗଦିଶ ପରିଡା, ଯୋଗେନ୍ଦ୍ର ପରିଡା, ମୁନି ରାଜ ଅନାଦି ବାରିକ, ମୁନି ନାରାୟଣ ମହାପାତ୍ର ଏବଂ ମୁନିକୁମାର ତାପସ୍ ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ମୁନି କୁମାରୀ ଗୀତାଶୀ ଗୌରୀ ନନ୍ଦିନୀଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ଯମ ନିୟମ ପାଳନ କରି ମୁନି ସମାଜର ଯୋଗ



ସାଧନ ପ୍ରତିଦିନ କରିଚାଲିଲେ, ଜଣେ ବହୁ ମେଧାଶକ୍ତିର ଅଧିକାରୀ ତଥା ବହୁ ଆତ୍ମଜ୍ଞାନର ଅଧିକାରୀ ନିଶ୍ଚୟ ହୋଇପାରିବ । ସେ ନିଶ୍ଚୟ ଆତ୍ମଦର୍ଶନ କରିବ ସ୍ୱରୂପସ୍ଥ ହୋଇପାରିବ । ଯାହା ଇଚ୍ଛା କରିବ ସମସ୍ତ ଭୌତିକ ପଦାର୍ଥ ତା ପାଖରେ ସଙ୍ଗେସଙ୍ଗେ ଉପସ୍ଥିତ ହେବ । ଶେଷରେ ଜେଜେ ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## NOTICE

By virtue of an affidavit sworn before The Executive Magistrate, Balasore, dated 24-01-2025, I, Karunakar Roul, S/O. Late Raghunath Roul of village Ganeswarpur, P.O.-Januganj, P.S. Industrial Estate, Dist. Balasore, Odisha, PIN- 756019 declare that I have changed my name from Dr. Karunakar Roul to Karunakar Roul. Henceforth, I Shall be known as Karunakar Roul for all purposes.

**Karunakar Roul**

## NOTICE

By virtue of an affidavit sworn before The Executive Magistrate, Balasore, dated 24-01-2025, I, Basanti Behera, W/O. Karunakar Roul of village Ganeswarpur, P.O.- Januganj, P.S.-Industrial Estate, Dist. Balasore, Odisha, PIN-756019 declare that I have changed my name from Basanti Roul to Basanti Behera. Henceforth, I shall be known as Basanti Behera for all purposes.

**Basanti Behera**

## AFFIDAVIT

An affidavit before the Notary Public, Baripada, Mayurbhanj I, Smt. Duli Hansdah, aged about 34 years, W/o Late Lugu Hansdah, D/o Late Chaitan Murmu residing at Khandikhal, P.O. Khuntapal, P.S. Rasgovindpur, Dist. Mayurbhanj declare that in my Aadhar Card bearing No.2564 3029 0012 it is mentioned that DULI HANSDAH, D/o LUGU HANSDAH which is incorrect. But in my Bank Pass Book bearing A/c No.1817108011564 (Canara Bank, Kamardiha branch) it is mentioned DULI HANSDAH, W/o LUGU HANSDAH which is correct. So I have to change to D/o LUGU HANSDAH instead of W/o LUGU HANSDAH. I have swear this affidavit to be produced before the competent authority of The Block Development Officer, Rasgovindpur in order to obtain Widow Pension.

**Duli Hansdah**

## AFFIDAVIT

An affidavit before the Executive Magistrate , Niligiri, I the undersigned Nilakantha Kabat, aged 47 years, S/O- Sri Upendra Kabat permanent resident of Vill/P.O.- Jamuna, P.S.-Berhampur, Dist-Balasore, Odisha-756058 hereby solemnly affirm and state that I am the father of the minor Snehashree Kabat and for and on behalf of my minor daughter, I wholly renounce, relinquish and abandon the use of the former name of my minor Daughter Bhagyashree Kabat and in place thereof do assume from the date hereof the name Snehashree Kabat in all records, deeds and writing and in all proceeding, private as well as public.

**Nilakantha Kabat**

# ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବସ୍ତା, ୩/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ସାହାଡ଼ା ପଞ୍ଚାୟତ ଅନ୍ତର୍ଗତ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋତୁଡିହାର ବାର୍ଷିକଉତ୍ସବ ପ୍ରଧାନଶିକ୍ଷକ ଅଭିମନ୍ୟୁ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର୍ ଜେନା, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ କବି କାଳି କିଙ୍କର ଦାସ, ସମ୍ମାନିତ ଅତିଥି ପରିବେଶବିତ୍ ତଥା ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ଶ୍ରୀଯୁକ୍ତ ସୁମନ୍ତ କୁମାର ଜେନା, ଜିଲ୍ଲା ପରିଷଦ ସଦସ୍ୟା ସୁଜାତାରାଣୀ ଦଣ୍ଡପାଟ,ଇଡିଦା କ୍ଲଷ୍ଟର ସି ଆର ସି ସି ବିଜୟକୁମାର ଚକ୍ରବର୍ତ୍ତୀ, ସାହାଡ଼ା ସରପଞ୍ଚ ଜଗବନ୍ଧୁ ବର ,ଏସ୍ ଏମ୍ ସି ସଭାପତି ମାନସ ରଞ୍ଜନ ଭୂୟାଁ, ସି ଆର୍ ସି ସି ହରପ୍ରିୟା ବିଶ୍ୱାଳ, ପ୍ରଶାନ୍ତ ଦାସ, ଭବାନୀ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ପିଲାମାନେ ହେଉଛନ୍ତି ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀମାନଙ୍କ ପାଠପଢା ପ୍ରତି ମା'ମାନେ ଯତ୍ନବାନ ହେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଶିକ୍ଷକ ପଦ୍ମଲୋଚନ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ କାର୍ତ୍ତିକ ମହାନ୍ତି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ସୁରେଶ ଚନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯକ୍ରମ ପରିଚାଳନା କରିଥିଲେ ।

# ରାଜ୍ୟସ୍ତରରେ ଚାମ୍ପିୟାନ ହେଲା ବାରିପଦାର ମା' ଦୁର୍ଗା ଏସଏଚଜି

ବାରିପଦା, ୩/୨ (ନି.ପ୍ର): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୁରୀ ପୌରପାଳିକା ଦ୍ୱାରା ଆୟୋଜିତ ସାଞ୍ଜା ଉତ୍ସବରେ ବାରିପଦାର ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟସ୍ତରରେ ଚ୍ୟାମ୍ପିୟାନ ହୋଇଛନ୍ତି। ଏହା ସହିତ ଦୈନିକ ଖବରକାଗଜ ସମ୍ବାଦ ପକ୍ଷରୁ ଷ୍ଟାର୍ଟ ଅଫ ଓଡ଼ିଶାରେ ରାଜ୍ୟସ୍ତରରେ ପୁରସ୍କୃତ ହୋଇଛନ୍ତି। ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ବାରିପଦା ପୌ ?ରପାଳିକା ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ମିଶନ ଶକ୍ତି ସହାୟତାରେ ମା ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ସ୍ୱାବଲମ୍ବୀ କରି ସଶକ୍ତ ଓଡିଶା ଗଢିବାରେ ସାମିଲ ହୋଇ ଏସଏଚଜିରୁ ଆରମ୍ଭ କରି ଆଜି ଲଘୁ ମଧ୍ୟମ ଉଦ୍ୟଗରେ ପରିଣତ ହୋଇଛନ୍ତି। ନାରୀ ଓ ପୁରୁଷ ତାରତମ୍ୟ ଦୂର କରି ନାରୀଙ୍କୁ ଚାରିକାନ୍ଥ ମଧ୍ୟରେ ଆବଦ୍ଧ ନରଖି ସ୍ୱାବଲମ୍ବୀ କରି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି।



ବାରିପଦାର ୱାର୍ଡ ନମ୍ବର ୨୫ ମା ଦୁର୍ଗା ସୟଂ ସହାୟକ ଗୋଷ୍ଠୀ ଆଚାର ପ୍ରସ୍ତୁତ କେନ୍ଦ୍ର କରି ରାଜ୍ୟ ୧୦ଗୋଟି ଜିଲ୍ଲାର ଆହାର କେନ୍ଦ୍ରକୁ ବର୍ଷକୁ ୯୦୦କୁଇଣ୍ଟାଲରୁ ଉର୍ଦ୍ଧ ଆଚାର ଯୋଗାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାରକ୍ଷମ ହୋଇପାରିଛନ୍ତି। ଉକ୍ତ ମା ଦୁର୍ଗା ଏସ୍ଏଚ୍ଜି ଗ୍ରୁପ ମୟୁରଭଞ୍ଜ ଜିଲ୍ଲା ପାଇଁ ନୁହେଁ ସମଗ୍ର ରାଜ୍ୟର ମହିଳା ମାନଙ୍କ ପାଇଁ ଉଦାହରଣ ପାଲୋଟିଛି। ୨୦୧୪ ମସିହାରେ ୧୦ ଜଣ ମହିଳାଙ୍କୁ ନେଇ ମୋନାଲିଶା ଗାନ୍ଧୀ ମା ଦୁର୍ଗା ସୟଂ ସହାୟକ ଗୋଷ୍ଠୀ ଆରମ୍ଭ କରିଥିଲେ। ଛୋଟ ଛୋଟ ପ୍ରୟାସ କରୁ କରୁ ରାଜ୍ୟ ସରକାରଙ୍କ ସହାୟତାରେ ୨୦୨୧ ମସିହାରେ ପାଲବଣିରେ ଆଚାର ପ୍ରସ୍ତୁତି କେନ୍ଦ୍ର ଆରମ୍ଭ କରି ୩୦ଜଣରୁ ଉର୍ଦ୍ଧ୍ୱ ମହିଳାଙ୍କୁ ସ୍ୱଲବମୀ କରିଛନ୍ତି। ବର୍ଷକୁ କୁଇଣ୍ଟାଲ କୁଇଣ୍ଟାଲ ଆଚାର ପ୍ରସ୍ତୁତ କରି ରାଜ୍ୟ ଏବଂ ରାଜ୍ୟ ବାହାରକୁ ମଧ ପଠାଉଛନ୍ତି। ମହିଳା ଶସକ୍ତି କରଣକୁ ନେଇ ଉକ୍ତ ନିଆରା ପ୍ରକଳ୍ପକୁ ରାଜ୍ୟସ୍ତରୀୟ ପୁରସ୍କାର ହାସଲ କରିଛନ୍ତି। ଯାହାକୁ ନେଇ ବାରିପଦା ପୌରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ସମେତ ସମସ୍ତ ୱାର୍ଡ କାଉନସିଲର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆଗକୁ ଏହିପରି କାର୍ଯ୍ୟଧାରା ଜାରି ରହୁ ବୋଲି ନଗରପାଳ ଶ୍ରୀ ମହାନ୍ତି ଆଶା ପ୍ରକଟ କରିଛନ୍ତି।

# ବନମାଳୀ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ନୀଳଗିରି , ୩/୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଞ୍ଚଳିକ କମିଟିର ଜୋନ ବୈଠକ ମଙ୍ଗଳବାର ଦିବା୧୦ ଘଟିକା ସମୟରେ ପାର୍ଟି କାର୍ଯ୍ୟଳୟ ବନମାଳୀ ଭବନରେ ଅନୁଷ୍ଠିତ ହୋଇଯାଇଛି । କୃଷକ ନେତା ପ୍ରଭାକର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ, ଯୁବନେତା ନିହାର ରଞ୍ଜନ ଜେନା, ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ନାରୀ ନେତ୍ରୀ ଗାୟତ୍ରୀ ପଣ୍ଡା, ବିକ୍ରମ ମିଶ୍ର, ବିଦ୍ୟାଧର ବେହେରା ଙ୍କ ସମେତ ଅନ୍ୟ ଜୋନ କମିଟି ସଦସ୍ୟ ଉପସ୍ଥିତ ରହି ଆସନ୍ତା ଫେବୃଆରୀ ମାସ ୨୫ ତାରିଖ ନୀଳଗିରି ଗଡଜାତର ସ୍ୱାଧୀନତା ପାଇଁ ଉତ୍ସର୍ଗୀକୃତ ବନମାଳୀ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରାଦ୍ଧ ବାର୍ଷିକୀକୁ ମହାଆଡମ୍ବରରେ ପାଳନ କରିବା ସହିତ ନୀଳଗିରି ପ୍ରଜାମଣ୍ଡଳ ଆନ୍ଦୋଳନର ସମସ୍ତ ସଂଗ୍ରାମୀମାନଙ୍କ ପରିବାରକୁ ନିମନ୍ତ୍ରଣ ଦେବା ସହିତ ୧୯୬୫ ପୂର୍ବର ଅଭିଭକ୍ତ କମ୍ୟୁନିଷ୍ଟ ପାର୍ଟି ର ସମସ୍ତ ସଦସ୍ୟସଦସ୍ୟା ଙ୍କୁ ନିମନ୍ତ୍ରଣ କରି ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

# ପ୍ରଶାସନ ଓ ମିଲର ଅସହଯୋଗ: ବାଟବଣା ସାଜିଛି ଧାନକିଣା

ଖଇରା, ୩/୨ (ନି.ପ୍ର): ଜିଲା ପ୍ରଶାସନ ଓ ମିଲରଙ୍କ ମନମାନି ଯୋଗୁଁ ଖଇରା ବ୍ଲକରେ ଧାନକିଣା ବାଟବଣା ପାଲଟିଛି । କିଛି ସମିତିରେ ଟାର୍ଗେଟ ବହୁ ପୁର୍ବରୁ ଶେଷ ହେବା ଏବଂ କିଛି ସମିତିରେ ଟାର୍ଗେଟ ଥାଇ ମଧ୍ୟ ମିଲରଙ୍କ ଅସହଯୋଗ ଯୋଗୁଁ ଧାନକିଣା ଅଧାରେ ଅଟକିଛି । ଏହି କାରଣରୁ ଚାଷି ମାନେ ଖରାକାକରରେ ସମିତି ଆଗରେ ଧାନବସ୍ତା ରଖି ପ୍ରଶାସନ ତଥା ମିଲରଙ୍କ ହାତ ଟେକାକୁ ଚାହିଁ ରହିଛନ୍ତି । ସରକାର ମାର୍ଚ୍ଚ ପର୍ଯ୍ୟନ୍ତ ଧାନ କିଣିବାକୁ ବହୁ ପୂର୍ବରୁ ଘୋଷଣା କରିଥିବା ବେଳେ ଫେବୃଆରୀ ଆରମ୍ଭରୁ ଏଭଳି ଅବ୍ୟବସ୍ଥା ଯୋଗୁଁ ଧାନକିଣା ଏବେ ପ୍ରହସନ ପାଲଟିଛ । ଖଇରା ବ୍ଲକର ୧୪ଟି ସେବା ସମବାୟ ସମିତିରେ ମଣ୍ଡି ଖୋଲା ଯାଇଥିବା ବେଳେ ପାଖାପାଖି ୧୧ହଜାର ଚାଷି ଆନୁମାନିକ ୬ଲକ୍ଷ କୁଇଣ୍ଟାଲ ଧାନ





ବିକିବାକୁ ନାମ ପଞ୍ଜିକରଣ କରିଥିଲେ । ହେଲେ ଯୋଗାଣ ବିଭାଗ ତରଫରୁ ଏ ପର୍ଯ୍ୟନ୍ତ ୨ଲକ୍ଷ ୨୦ହଜାର ୫ଶହ କୁଇଣ୍ଟାଲ ଧାନ ଟାର୍ଗେଟ ଦିଆଯାଇଥିବା ବେଳେ ୧ଲକ୍ଷ୩୦ହଜାର କୁଇଣ୍ଟାଲ ଧାନ କିଣାକିଣା ସରିଛି । ପ୍ରଶାସନ ଟାର୍ଗେଟ ପ୍ରଦାନରେ ପାତର ଅନ୍ତର ନିତି ଯୋଗୁଁ ମିର୍ଜାପୁର, ପଳସା, ଗୋଳିହା ଭଳି ସମିତିରେ ବହୁ ପୂର୍ବରୁ ଟାର୍ଗେଟ ସରିଯାଇଥିବାରୁ ଚାଷିମାନେ ଟାର୍ଗେଟକୁ ଚାହିଁ ଚାହିଁ ହତାଶ ହୋଇ ପଡିଲେଣି । ସେହିଭଳି ବର୍ତ୍ତନା, ମାଣିତ୍ରୀ, ଗୋବିନ୍ଦପୁର ଓ ଅନ୍ତରା ଭଳି ସମିତି ଗୁଡିକରେ ଟାର୍ଗେଟ ରହିଥିଲେ ହେଁ ମିଲର ସମିତିକୁ ଆସୁନଥିବାରୁ ଧାନକିଣା ଅଧାରେ ଅଟକିରହିଛି । ଏହାଛଡା ଡୁଙ୍ଗୁରା ଭଳି କିଛି ସମିତିରେ ଦଲାଲଙ୍କ ଦୌରାତ୍ମ୍ୟ ଯୋଗୁଁ ପ୍ରକୃତ ଚାଷି ଧାନବିକିବାକୁ ସାହସ କରିପାରୁନଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଖଇରା ବ୍ଲକ ବିପଣି ନିରିକ୍ଷିକା ସୁଭାଶିନୀ ସାହୁଙ୍କୁ ଯୋଗାଯୋଗ କରିବାରେ ଟାର୍ଗେଟ ବିଷୟରେ ଜିଲା ଯୋଗାଣବିଭାଗ ଅଧିକାରୀଙ୍କୁ ଜଣାଇ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଖଇରା, ୪/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଗଗନବିହାରୀଙ୍କ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ କାଶିନାଥ ମୁଦୁଲି ମୁଖ୍ୟଅତିଥି,ପ୍ରାକ୍ତନ ଅଧ୍ୟକ୍ଷ ସୁକାନ୍ତ ପାଲ ମୁଖ୍ୟବକ୍ତା,ପୁରାତନ ଛାତ୍ର ସଂସଦ ସଭାପତି ପରେଶ ଚନ୍ଦ୍ର ଦକ୍ଷିଣରାୟ ,+୩ ସଂସଦର ଉପଦେଷ୍ଟା ଯୁଧିଷ୍ଠିର କୁଅଁର,+୨ ପରିଷଦର ଉପଦେଷ୍ଟା ଲିଙ୍ଗରାଜ କର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶୃଙ୍ଖଳା ପିଲାମାନଙ୍କୁ ସେମାନଙ୍କ ଲକ୍ଷସ୍ଥଳରେ ପହଞ୍ଚାଇଥାଏ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଅଧ୍ୟାପିକା ଡ ଆଭାରାଣୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ । ଓଡିଶାର ସୁନାମଧନ୍ୟ ଗାୟିକା ଅର୍ପିତା ଚୌଧୁରୀଙ୍କ ମନମୁଗ୍ଧକର ସଙ୍ଗୀତ ଛାତ୍ରଛାତ୍ରଙ୍କୁ ବିମୋହିତ କରିଥିଲା ।

# ରାଇବଣିଆ ଲୋକମହୋତ୍ସବ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ଜଳେଶ୍ୱର ୪/୨(ନିପ୍ର) ଜଳେଶ୍ୱର ବ୍ଲକ୍ ରାଇବଣିଆ ହେଲିପେଡ ପଡିଆରେ ଆସନ୍ତା ୭ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି ରାଇବଣିଆ ଲୋକମହୋତ୍ସବ ୨୦୨୫,ଯାହାକୁ ନେଇ ଆଜି ଅପରାହ୍ନ ୪ଘଟିକାରେ ରାଇବଣିଆ ହେଲିପେଡ ପଡ଼ିଆରେ ଏକ ଖବର ଦାତା ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି । ଏହି ସମ୍ମିଳନୀ କୁ ପରିଚାଳନା କରିଥିଲେ ଲୋକମହୋତ୍ସବ କମିଟିର ଉପସଭାପତି ସୁକୁମାର ପ୍ରଧାନ , ଏବଂ ଏହି ସମ୍ମିଳନୀ ରେ ଉପସ୍ଥିତ ଥିଲେ ଲୋକମହୋତ୍ସବ କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ଦାସ,ଉପସଭାପତି ନିଗମାନନ୍ଦ ଘୋଷ, ମୁନିନ୍ଦ୍ର ଧର, ମାନସ ଦାସ ମହାପାତ୍ର, ବଂଶୀଧର ବାରିକ, ଯତୀନ୍ଦ୍ର ନାଥ ମହାନ୍ତି, କୁଞ୍ଜ ବିହାରି ଗିରି, ଆଲୋକ ଚନ୍ଦ୍ର ଘଡେଇ, ଗୌରାଙ୍ଗ ମହାପାତ୍ର, ବିଷ୍ଣୁ ପଦ ଆଚାର୍ଯ୍ୟ ସାଧାରଣ ସମ୍ପାଦକ -ଦିଲ୍ଲୀପ କୁମାର ସାମଲଯୁଗ୍ମ ସମ୍ପାଦକ -ସନ୍ଦୀପ ନାରାୟଣ ଘୋଷ ସମ୍ପାଦକ -ପ୍ରଦୀପ କୁମାର ଘୋଷ, ଗିରିଜା ଶଙ୍କର ସାସମଲ, ରାଜେଶ ଘୋଷ, ଦିନେଶ କିସ୍କୁ, ବାଦଲ ଦଲେଇ, ମନୋରଞ୍ଜନ ଦେ,ସାଂସ୍କୃତିକ ସମ୍ପାଦକ -ଅନନ୍ତ କୁମାର ମହାନ୍ତି ସଭ୍ୟ -ସୁକାନ୍ତ କୁମାର ଦାସ, ଗୋପାଳ ଚନ୍ଦ୍ର ଜେନା, ମହେଶ୍ୱର ଘୋଷ, ସୁନୀଲ କୁମାର ଘୋଷ, ଜୟନ୍ତ କୁମାର ବେହେରା,କୋଷାଧକ୍ଷ -ମନ୍ମଥ କୁମାର ଖଟୁଆ, ଶୁଭଜିତ ପାଳ ଆବାହକ -ବସନ୍ତ ଘୋଷ, ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବ ୮ ଦିନ ଧରି ଚାଲିବ। ଏହି ଲୋକମହୋତ୍ସବ ୧୪ବର୍ଷ ରେ ପଦାର୍ପଣ କରିବା ପାଇଁ ଯାଇଛି । ଏହି ମହୋତ୍ସବରେ ରାଇବଣିଆରେ ଲୁକାୟିତ ପ୍ରତିଭା ଓ ରାଇବଣିଆ ଅଞ୍ଚଳର ମୌଳିକ ସମସ୍ୟା, କବି ଦୀନକୃଷ୍ଣ ଦାସ ଙ୍କ ଗୌରବଗାଥା ଐତିହାସିକ ରାଇବଣିଆ ଦୁର୍ଗର ଇତିହାସକୁ ଉଜ୍ଜ୍ୱପିତ କରିବା ସାଙ୍ଗକୁ ଚାଷୀ, ଟସର ଶିଳ୍ପ, ଆଦିବାସୀ ଐତିହ ପରମ୍ପରାକୁ ଲୋକାଭମୁଖୀ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନା ଗମନ, ଭାଇଚାରାକୁ ଲୋକଙ୍କ ଏକତା ସୂତ୍ର ରେ ବାନ୍ଧି ରଖିବା ପାଇଁ ଏକ ପ୍ରୟାସ ବୋଲି କହିଥିଲେ। ଆସନ୍ତା ୭ତାରିଖ ସନ୍ଧ୍ୟା ସମୟରେ ଉଦଘାଟନ କରିବେ ଜଳେଶ୍ୱର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ବିଧାୟକ ଦେବି ପ୍ରସନ୍ନ ଚାନ୍ଦଶେଷରେ ଲୋକମହୋତ୍ସବ କମିଟି ର ସାଂସ୍କୃତିକ ସମ୍ପାଦକ ଅନନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମଧୁବାବୁଙ୍କ ତିରୋଧାନ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ

## ଜିଲ୍ଲାର ପ୍ରତି ସ୍କୁଲରେ ପାଳନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଭଦ୍ରକ, ୩/୨ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୁରୁଣା କୋର୍ଟ ପରିସରରେ ଅବସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଧୁବାବୁ କେବଳ ଜଣେ ବିଶିଷ୍ଟ ଓ ବିଚକ୍ଷଣ ଆଇନଜ୍ଞ ଥିଲେ ତାହାନୁହେଁ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅନନ୍ୟ ଥିଲା, ତତ୍କାଳୀନ ଓଡ଼ିଶାର ସାମଜିକ, ଅର୍ଥନୈତିକ, ରାଜନୈତିକ ଅବସ୍ଥାକୁ ପ୍ରଗତିଶୀଳ କରାଇବାରେ ତାଙ୍କର ଅତୁଳନୀୟ ଅବଦାନ ଯଥାର୍ଥରେ ତାଙ୍କୁ ଉତ୍କଳର ଗୌରବ ଆଖ୍ୟା ପ୍ରଦାନକୁ ପ୍ରମାଣିତ କରେ। ତାଙ୍କର ଆଦର୍ଶ, ବ୍ୟକ୍ତିତ୍ୱ ବିଷୟ ଆଜିର ଉତ୍ତରପିଢ଼ିଙ୍କୁ ଅବଗତ କରାଇବା ଆମର ଦାୟୀତ୍ୱ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଏହି ଦିବସରେ ଅନ୍ତତଃ ଗୋଟିଏ ପିରିଅଡ୍ ଜିଲ୍ଲାର ସମସ୍ତ ସ୍କୁଲରେ ପିଲାମାନଙ୍କ ପାଇଁ ମଧୁବାବୁଙ୍କ ବିଷୟରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଭଦ୍ରକ ପୌରପାଳିକା ନିର୍ବାହୀ ଅଧିକାରୀ ତାପସ କୁମାର ସାମଲ, ତ୍ୟାଗଭୂମିର ସଭାପତି ତଥା ସମାଜ ସେବୀ ଅଜୟ ନାୟକ, ସାହିତ୍ୟିକା, ଶିକ୍ଷାବିତ୍ ଝରଣା ପଟ୍ଟନାୟକ, ରାଧାରାଣୀ ମହାପାତ୍ର, ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାପାତ୍ର, ଓକିଲ ସଂଘର ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର ଓ ଅନ୍ୟ ଆଇନଜୀବିଙ୍କ୍ ସହ ଲକ୍ଷ୍ମୀକାନ୍ତ ବାରିକ୍, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖଙ୍କ ସହ ଜିଲ୍ଲାସ୍କୁଲର ପିଲାମାନେ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଶରତ ବ୍ଲକ ଗଠନ ଦାବିରେ ଶରତ ବିକାଶ ମଞ୍ଚର ଭୁବନେଶ୍ୱର ଲୋୟର ପିଏମଜିରେ ଗଣଧାରଣା

କପ୍ତିପଦା, ୪/୨ (ନି.ପ୍ର): ମୟୂରଭଂଜ ଜିଲ୍ଲା ତଥା କପ୍ତିପଦା ବ୍ଲକରେ ଥିବା ସବୁଠାରୁ ପଛୁଆ ତଥା ଆଦିବାସୀ ଅଧୁଷିତ ବଣପାହାଡ ଘେରା ଉପାନ୍ତ ଅଞ୍ଚଳ ଭାବେ ପରିଚିତ ଶରତ ଅଞ୍ଚଳକୁ 'ଶରତ ବ୍ଲକ' ଗଠନ ଦାବୀରେ ଆଜି ଶରତ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ 'ଶରତ ବିକାଶ ମଞ୍ଚ' ପକ୍ଷରୁ ଓଡିଶା ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜସ୍ୱ ବିଭାଗ ସଚିବ ଶ୍ରୀମତୀ ମଧୁସ୍ମିତା ସାହୁଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଷାଠିଏ ରୁ ନବେ ଦିନ ମଧ୍ୟରେ ତଦନ୍ତ କରି ଶରତ ବ୍ଲକ ଗଠନ ଦିଗରେ ପଦକ୍ଷେପ ସରକାର ନେବେ ବୋଲି ପ୍ରତିଶୃତି ଦେଇଥିବାର ପ୍ରକାଶ । ଅନ୍ୟ ଦାବୀଗୁଡିକ ମଧ୍ୟରେ ଶରତରେ ଜେଏମଏଫସି କୋର୍ଟ ପ୍ରତିଷ୍ଠା, ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ +୨ ମହାବିଦ୍ୟାଳୟକୁ +୩ ବିଦ୍ୟାଳୟର ମାନ୍ୟତା, ଏକ ଆଦର୍ଶ ବିଦ୍ୟାଳୟ ଓ ଏକଲବ୍ୟ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା, ତହସିଲ କାର୍ଯ୍ୟାଳୟ ପ୍ରତିଷ୍ଠା, ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା, ଶରତ ପ୍ରଥାମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନ୍ୟତା ଆଦି ଦ୍ୱାବୀଗୁଡିକ ସ୍ଥାନ ପାଇଛି । କରିଥିଲେ ।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida